R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

ଏକତ୍ରିଂଶତମ ବର୍ଷ
ସଂଖ୍ୟା : ୧୭
ତିଥି: ସପ୍ତମୀ
୧୮ ଅକ୍ଟୋବର ୨୦୨୬, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
18 October 2026, Sunday

ରଙ୍ଗିନ ତରଙ୍ଗ ଟାବଲଏଡ ସହ

Bhubaneswar | Balasore | Angul | Berhampur | Sambalpur

# ଇଣ୍ଟରନେଟ୍ ବ୍ୟବହାର ମୌଳିକ ଅଧିକାର

ନୂଆଦିଲ୍ଲୀ, ୧୭ ।୧୦ : ପିଲାମାନଙ୍କ ଇଣ୍ଟରନେଟ୍ ବ୍ୟବହାର ଉପରେ ବୟସ ଆଧାରିତ ସମ୍ପୂର୍ଣ୍ଣ କଟକଣା ଲଗାଇବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ପିଲାମାନଙ୍କର ମଧ୍ୟ ଇଣ୍ଟରନେଟ୍ ବ୍ୟବହାର ଓ ଏଥିରେ ପ୍ରବେଶ କରିବାର ମୌଳିକ ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି। ତେବେ ଅନଲାଇନ୍ ଯୌନ ଶୋଷଣରୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଅଧିକ କଠୋର ବ୍ୟବସ୍ଥା ଗ୍ରହଣ କରିବା ସହ ଶିଶୁ ଯୌନ ଶୋଷଣ ସମ୍ପର୍କିତ ବିଷୟବସ୍ତୁକୁ ତୁରନ୍ତ ଚିହ୍ନଟ କରି ହଟାଇବା ଉପରେ କୋର୍ଟ ଗୁରୁତ୍ୱାରୋପ କରିଛନ୍ତି।



## ବୟସ ଆଧାରିତ କଟକଣାକୁ ସୁପ୍ରିମକୋର୍ଟଙ୍କ ନା

ପିଲାମାନଙ୍କ ସୁରକ୍ଷା ଓ ଇଣ୍ଟରନେଟ୍ ବ୍ୟବହାରର ସ୍ୱାଧୀନତା ପରସ୍ପରର ପରିପନ୍ଥୀ ନୁହେଁ ବୋଲି କୋର୍ଟ ମତ ଦେଇଛନ୍ତି। ପିଲାମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଇଣ୍ଟରନେଟ୍‌ରୁ ଦୂରେଇ ରଖିବା ଯୁକ୍ତିସଙ୍ଗତ ନୁହେଁ। ସେମାନଙ୍କ ଅଧିକାରକୁ କ୍ଷୁଣ୍ଣ ନକରି ସୁରକ୍ଷା ଯୋଗାଇବା ଲାଗି ଉପଯୁକ୍ତ ବ୍ୟବସ୍ଥା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି।

ବୟସ ଆଧାରରେ କଟକଣା ଲଗାଇଲେ ପିଲାମାନେ ଅନିୟନ୍ତ୍ରିତ ତଥା ଅଧିକ ବିପଜ୍ଜନକ ୱେବସାଇଟ୍‌କୁ ଯାଇପାରନ୍ତି ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ଅନଲାଇନ୍‌ରେ କୌଣସି ପିଲା ପ୍ରଲୋଭନ କିମ୍ବା ଧମକର ଶିକାର ହେଲେ, କଟକଣା ଉଲ୍ଲଂଘନ କରିଥିବାରୁ ଦଣ୍ଡ ପାଇବା ଭୟରେ ସେ ଅଭିଭାବକ କିମ୍ବା ବିଶ୍ୱସ୍ତ ବୟସ୍କଙ୍କୁ ଜଣାଇବାକୁ ମଧ୍ୟ ଭୟ କରିପାରେ।

ଏହାର ଦୁଇ ସପ୍ତାହ ପୂର୍ବରୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ୧୮ ବର୍ଷରୁ କମ୍ ପିଲାଙ୍କ ଇଣ୍ଟରନେଟ୍ ବ୍ୟବହାର ଉପରେ କଟକଣା ଲଗାଇବା ପାଇଁ ଆଇଟି ଇଣ୍ଟରମିଡିଆରି ନିୟମରେ ସଂଶୋଧନ କରିବାକୁ ଯୋଜନା ରହିଛି। ଏହାର କିଛି ଦିନ ପୂର୍ବରୁ ଅଭିଭାବକଙ୍କ ସହମତି ବିନା ୧୮ ବର୍ଷରୁ କମ୍ ପିଲାଙ୍କୁ ସୋସିଆଲ୍ ମିଡିଆ ଆକାଉଣ୍ଟ ଖୋଲିବାକୁ ଅନୁମତି ଦେବା ଉଚିତ କି ନୁହେଁ (୯ ପୃଷ୍ଠାରେ)

# ୨୫ରେ ପ୍ରଧାନମନ୍ତ୍ରୀ, ୨୮ରେ ରାଷ୍ଟ୍ରପତି ଓଡ଼ିଶା ଆସିବେ

ଭୁବନେଶ୍ୱର, ୧୭ ।୧୦ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୨୮ ଓ ୨୯ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ମୟୁରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହା ପୂର୍ବରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୨୫ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ଭାରତୀୟ ରିଜର୍ଭ ବ୍ୟାଙ୍କର ଡାଟା ସେଣ୍ଟର ଓ ପ୍ରଶିକ୍ଷଣ ସଂସ୍ଥାର ଉଦଘାଟନ କରି ପ୍ରତ୍ୟାବର୍ତ୍ତନ କରିବେ।

ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗୃହ,



ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ ସଂପର୍କରେ ବିସ୍ତୃତ ଉପସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ୨୫ ତାରିଖ ଅପରାହ୍ଣରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସୂର୍ଯ୍ୟାସ୍ତ ପୂର୍ବରୁ ଖୋର୍ଦ୍ଧା ହେଲିପ୍ୟାଡରେ ପହଞ୍ଚିବେ । ସେଠାରୁ (୯ ପୃଷ୍ଠାରେ)

# ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା : ୧୭ ମୃତ

କୋଲକାତା, ୧୭ ।୧୦ ପଶ୍ଚିମବଙ୍ଗର କୋଲକାତାରେ ଦୁର୍ଗାପୂଜା ଉତ୍ସବ ମଧ୍ୟରେ ଶନିବାର ସନ୍ଧ୍ୟାରେ ଅଘଟଣ ଘଟିଛି। ଉତ୍ତର କୋଲକାତାର ଚୋରବାଗାନ ସର୍ବଜନୀନ ଦୁର୍ଗାପୂଜା ମଣ୍ଡପ ନିକଟରେ ଦଳାଚକଟା ସ୍ଥିତି ସୃଷ୍ଟି ହେବାରୁ ୧୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି।

ରିପୋର୍ଟ ଅନୁସାରେ, ଶନିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ମଣ୍ଡପ ନିକଟରେ ପ୍ରବଳ ଭିଡ଼ ଜମିଥିଲା। ଏହି ସମୟରେ ବର୍ଷା ଓ ବିଜୁଳି ଘଡ଼ଘଡ଼ି ହେବାରୁ ମଣ୍ଡପ ବାହାରେ ଅପେକ୍ଷା କରିଥିବା ଲୋକମାନେ ଏକାସାଙ୍ଗରେ ଆଗକୁ ବଢ଼ିବାରୁ ଠେଲାପେଲା ଆରମ୍ଭ ହୋଇଥିଲା। କିଛି ଲୋକ ରାସ୍ତା ଉପରେ ପଡ଼ିଯିବା ପରେ ପରିସ୍ଥିତି ଅଧିକ ଗମ୍ଭୀର ହୋଇଥିଲା। ଗୁରୁତର ଅବସ୍ଥାରେ ଅତିକମରେ ୨୫ ଜଣଙ୍କୁ କୋଲକାତା ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ଆହତଙ୍କ ମଧ୍ୟରେ ଶ୍ୱାସକ୍ରିୟାରେ ସମସ୍ୟା ଓ ଅଣନିଃଶ୍ୱାସୀ ହେବା ଭଳି ଲକ୍ଷଣ (୯ ପୃଷ୍ଠାରେ)

# ଆଜି ଶପଥ ନେବେ ନୂଆ ରାଜ୍ୟପାଳ

ଭୁବନେଶ୍ୱର, ୧୭ ।୧୦ (ସବ୍ୟୁ) : ଆସନ୍ତାକାଲି ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଶପଥ ଗ୍ରହଣ କରିବେ। ପୂର୍ବାହ୍ଣ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ୍ ନୂଆ ରାଜ୍ୟପାଳଙ୍କୁ ଶପଥପାଠ କରାଇବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି। ତେବେ ଆଜି ମଧ୍ୟାହ୍ନ ୧୨.୩୦ରେ ନବ ନିଯୁକ୍ତି ରାଜ୍ୟପାଳ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଛନ୍ତି। (୯ ପୃଷ୍ଠାରେ)



## ଯନ୍ତରମନ୍ତର ଆନ୍ଦୋଳନ

# ଅଭିଯୋଗ ଲାଗି ସୁପ୍ରିମ୍‌କୋର୍ଟ କମିଟିର ପୋର୍ଟାଲ

ନୂଆଦିଲ୍ଲୀ, ୧୭ ।୧୦ : ଜୁଲାଇ ୨୦୨୬ରେ ଦିଲ୍ଲୀର ଯନ୍ତରମନ୍ତର ସମେତ ଦିଲ୍ଲୀ ବାହାରର ବିଭିନ୍ନ ସ୍ଥାନରେ ଘଟିଥିବା ହିଂସାରେ ପ୍ରଭାବିତ ଲୋକଙ୍କ ଅଭିଯୋଗ ଓ ମତାମତ ଗ୍ରହଣ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ତଦନ୍ତ କମିଟି ଏକ ସ୍ୱତନ୍ତ୍ର ପୋର୍ଟାଲ୍ ଆରମ୍ଭ କରିଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟର ସୂଚନା ଆଧାରରେ ପିଟିଆଇ ଏହି ଖବର ପ୍ରକାଶ କରିଛି।

କମିଟିର ଅନଲାଇନ୍ ପୋର୍ଟାଲ୍ମା ଧ୍ୟମରେ ହିଂସାରେ ପ୍ରଭାବିତ ବ୍ୟକ୍ତି, ପୁଲିସ କର୍ମଚାରୀ ଏବଂ ଅନ୍ୟ ସମ୍ପୃକ୍ତ ପକ୍ଷ ନିଜର ଅଭିଯୋଗ, ତଥ୍ୟ ଓ ମତାମତ ଦାଖଲ କରିପାରିବେ। ଆବଶ୍ୟକ ମନେକଲେ ସମ୍ବେଦନଶୀଳ ସାକ୍ଷୀ ଓ ଅନ୍ୟ ବ୍ୟକ୍ତିମାନେ ନିଜର ପରିଚୟ ଗୋପନ ରଖିବାର ସୁବିଧା ମଧ୍ୟ ପାଇପାରିବେ।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ ହୋଇଥିବା ବିଭିନ୍ନ ପ୍ରସଙ୍ଗର ତଦନ୍ତ କମିଟି କରିବ। (୯ ପୃଷ୍ଠାରେ)









# ମହାଷ୍ଟମୀ



ମହାଷ୍ଟମୀ ଏକ ପବିତ୍ର ତିଥି ଯାହା ଦୁର୍ଗା ପୂଜା ଅବସରରେ ଅଷ୍ଟମୀ ତିଥିରେ ପାଳନ କରାଯାଏ। ବିଭିନ୍ନ ଶକ୍ତିପୀଠ ସହ ବିଭିନ୍ନ ପୂଜା ପେଣ୍ଡାଲରେ ଅଷ୍ଟମୀ ଖୁବ ଶ୍ରଦ୍ଧାର ଓ ରୀତିନୀତିରେ ପାଳନ କରାଯାଇଥାଏ । ଏହିଦିନ ମାଆ ଦୁର୍ଗାଙ୍କର ସନ୍ଧି ପୂଜା ଅନୁଷ୍ଠିତ ହୋଇଥାଏ, ଯାହା ଖୁବ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଏହି ଦିନ ଅନେକ ସ୍ଥାନରେ ଲୋକମାନେ ଉପବାସ ପାଳନ କରନ୍ତି । ସେହିଭଳି ଏହି ଦିନ ଅନେକ ସ୍ଥାନରେ ସୁନ୍ଦର ପୋଷାକ ପିନ୍ଧି ଲୋକମାନେ ଏକତ୍ରିତ ହୋଇ ଗରବା ନୃତ୍ୟ ମଧ୍ୟ କରନ୍ତି । କିଛିସ୍ଥାନରେ ଅଷ୍ଟମୀଦିନ ଦେବୀଙ୍କର ଅସ୍ତ୍ରଶସ୍ତ୍ର ପୂଜା କରାଯାଉଥିବାରୁ ଏହି ଦିବସକୁ 'ଅସ୍ତ୍ର ପୂଜା' ଦିବସ ମଧ୍ୟ କୁହାଯାଏ ଏବଂ କିଛି ସ୍ଥାନରେ ଏହି ଦିବସକୁ ବୀର ଅଷ୍ଟମୀ ମଧ୍ୟ କୁହାଯାଏ । କେତେକ ସ୍ଥାନରେ ବିଶ୍ୱାସ କରାଯାଏ, ମା ଦୁର୍ଗାଙ୍କର କପାଳରୁ ଦେବୀ ଚାମୁଣ୍ଡା ଏହି ଦିବସରେ ଜାତ ହୋଇ ମହିଷାସୁରର ତିନି ସାଥି ଚଣ୍ଡ, ମୁଣ୍ଡ ଓ ରକ୍ତବୀଜ ଅସୁରକୁ ମାରିଥିଲେ । ଚଉଷଠି ଯୋଗିନୀ ଓ ଅଷ୍ଟଶକ୍ତି ବା ଅଷ୍ଟମାତୃକା (ଦେବୀ ଦୁର୍ଗାଙ୍କର ଭୟାନକ ରୂପ) ପୂଜା ମଧ୍ୟ ଏହି ଦିନ କରାଯାଏ। ଭାରତର ବିଭିନ୍ନ ସ୍ଥାନରେ ଅଷ୍ଟ ଶକ୍ତିଙ୍କର ବିଭିନ୍ନ ରକମର ବର୍ଣ୍ଣନା କରାଯାଏ କିନ୍ତୁ ସମସ୍ତେ ଶକ୍ତିଙ୍କର ଅବତାର ରୂପେ ମାନ୍ୟତା ପାଇଥାନ୍ତି। ପୂଜା ପାଉଥିବା ଏହି ଅଷ୍ଟ ଶକ୍ତିଙ୍କର ନାମ ଯଥାକ୍ରମେ ବ୍ରାହ୍ମଣୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବରାହୀ, ନରସିଂହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା





## ଇତିହାସ

୧୯୨୨- ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ୍ ସ୍ଥାପିତ ।

୧୯୫୦- ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ପ୍ରସିଦ୍ଧ ଅଭିନେତା ଓମ୍ ପୁରୀଙ୍କ ଜନ୍ମ ।

୧୯୭୬- ପ୍ରସିଦ୍ଧ ତେଲୁଗୁ ସାହିତ୍ୟିକ ବିଶ୍ୱନାଥ ସତ୍ୟନାରାୟଣଙ୍କ ଦେହାନ୍ତ ।

୧୯୯୮- ଭାରତ ଓ ପାକିସ୍ତାନ ମଧ୍ୟରେ ଆଣବିକ ଚୁକ୍ତି ।

୨୦୦୦- ଶ୍ରୀଲଙ୍କାରେ ପ୍ରଥମ ଥର ପାଇଁ ବିପକ୍ଷ ସଦସ୍ୟ ଅନୁରା ଭଣ୍ଡାରନାୟକେଙ୍କୁ ସଂସଦ ଅଧ୍ୟକ୍ଷ କରିବାକୁ ସହମତି ।

୨୦୦୪- କୁଖ୍ୟାତ ଚନ୍ଦନ ତସ୍କର ବୀରାପାନଙ୍କ ମୃତ୍ୟୁ ।

୨୦୦୮- ତତ୍କାଳୀନ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ମାୟାବତୀ ରାୟବରେଲୀର ରେଳ କୋଚ୍ ଫ୍ୟାକ୍ଟ୍ରି ପାଇଁ ୧୮୯.୨ କୋଟି ଏକର ଭୂମି ରେଳ ମନ୍ତ୍ରଣାଳୟକୁ ଫେରସ୍ତ କଲେ ।

## ମହାକାଶର କୁକିଜ୍



ପ୍ଲାଷ୍ଟିକ୍ ବୋତଲ ଏବଂ କୃଷିଜାତ ବର୍ଜ୍ୟବସ୍ତୁରୁ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ସଦର୍ଣ୍ଣ ଇଲିନୋଇସ୍ ୟୁନିଭରସିଟି କାର୍ବୋନଡେଲ୍‌ର ଗବେଷକମାନେ ଏକ ଅଭିନବ ପ୍ରଯୁକ୍ତିବିଦ୍ୟା ଆରମ୍ଭ କରାଯାଇଛି । ଏହା ମାଧ୍ୟମରେ ମାଇକ୍ରୋବାଇଟ୍ସ ନାମକ ଥ୍ରିଡି - ପ୍ରିଣ୍ଟେଡ୍, ପ୍ରୋଟିନ୍ - ସମୃଦ୍ଧ କୁକିଜ୍ ବିକଶିତ କରୁଛନ୍ତି । ନାସାର 'ଡିପ୍ ସ୍ପେସ୍ ଫୁଡ୍ ଚ୍ୟାଲେଞ୍ଜ' ଦ୍ୱାରା ଅର୍ଥପୋଷିତ ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତର ମହାକାଶ ଅଭିଯାନରେ ମହାକାଶଚାରୀଙ୍କୁ ଖାଦ୍ୟ ଯୋଗାଇବା । ଏହାସହ ପୃଥିବୀରେ ବର୍ଜ୍ୟବସ୍ତୁ ସମସ୍ୟା ଓ ଖାଦ୍ୟାଭାବର ମୁକାବିଲା କରିବା । ଗବେଷକମାନେ ଏହି କୁକିଜ୍‌କୁ ଖାଇବା ଯୋଗ୍ୟ ବୋଲି କହୁଥିଲେ ବି ଏହାର ସ୍ୱାଦ ପରୀକ୍ଷଣ ପାଇଁ ଆନୁଷ୍ଠାନିକ ଅନୁମୋଦନକୁ ଅପେକ୍ଷା କରିଛନ୍ତି । ସାଧାରଣ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଏହି ପ୍ରଯୁକ୍ତିବିଦ୍ୟାର ଅଧିକ ବିକାଶ କରାଯାଉଛି । ୟୁନିଭରସିଟିର ଆସୋସିଏଟ୍ ପ୍ରଫେସର ଲାହିରୁ ଜାୟାକୋଡିଙ୍କ ନେତୃତ୍ୱରେ ପାନୀୟ ବୋତଲରେ ବ୍ୟବହୃତ ପଲିଏଥିଲିନ୍ ଟେରେଫଥାଲେଟ୍ ପ୍ଲାଷ୍ଟିକ୍, ନଷ୍ଟ ହୋଇଥିବା ମକା ଗଛର ନଡ଼ା, ପତ୍ର ଓ ଅନ୍ୟାନ୍ୟ କୃଷିଜାତ ବର୍ଜ୍ୟବସ୍ତୁକୁ ବ୍ୟବହାର କରାଯାଉଛି। ଏଥିରେ ପ୍ଲାଷ୍ଟିକ୍‌କୁ ସିଧାସଳଖ ଗୁଣ୍ଡ ନକରି, 'ଅକ୍ସିଡେଟିଭ୍ ହାଇଡ୍ରୋଥର୍ମାଲ୍ ଡିଜୋଲ୍ୟୁସନ୍' ପଦ୍ଧତିରେ ଜଳ, ଅମ୍ଳଜାନ, ଉଚ୍ଚ ତାପମାତ୍ରା ଓ ଚାପ ପ୍ରୟୋଗ କରି ପ୍ରଥମେ ସୂକ୍ଷ୍ମ ଅଂଶରେ ବିଭାଜିତ କରାଯାଏ। ପରେ ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଇଷ୍ଟ ବା ଅଣୁଜୀବଙ୍କୁ ଖାଇବାକୁ ଦେଇ ପ୍ରୋଟିନ୍, ପୋଷକ ତତ୍ତ୍ୱ, ଭିଟାମିନ୍ ଓ ସ୍ୱାଦକାରୀ ଉପାଦାନରେ ପରିଣତ କରାଯାଏ। ଶେଷରେ ଏହି ମିଶ୍ରଣରେ ଫାଇବର, ଷ୍ଟାର୍ଚ ଓ ମିଠା ମିଶାଇ ଥ୍ରିଡି ପ୍ରିଣ୍ଟର ସାହାଯ୍ୟରେ କୁକିଜ୍ ପ୍ରସ୍ତୁତ କରାଯାଏ । ଏହି 'ପ୍ଲାଷ୍ଟିକ୍ ଅପସାଇକ୍ଲିଂ' ପ୍ରକ୍ରିୟା ପ୍ଲାଷ୍ଟିକ୍ ଓ କୃଷି ବର୍ଜ୍ୟବସ୍ତୁ ହ୍ରାସ କରିବା, ମୂଲ୍ୟବାନ୍ ସମ୍ବଳର ପୁନରୁଦ୍ଧାର କରିବା, ସର୍କୁଲାର୍ ଇକୋନୋମିକୁ ପ୍ରୋତ୍ସାହିତ କରିବା ଏବଂ ପାରମ୍ପରିକ କଞ୍ଚାମାଲ ଉପରେ ନିର୍ଭରଶୀଳତା କମାଇବାରେ ସାହାଯ୍ୟ କରିବ । ଯଦିଓ ଏହା ଏବେ ବି ଗବେଷଣାସ୍ତରରେ ରହିଛି ଏବଂ ପ୍ଲାଷ୍ଟିକ୍ ସିଧାସଳଖ ଖାଇବା ନିରାପଦ ନୁହେଁ ।

## ସୋସିଆଲ କୋଟ୍ସ



ଆକ୍ଟିଂ କରିବାର ଜିଦ୍ କାରଣରୁ ମୁଁ ଅଧାରୁ ପାଠ ଛାଡିଥିଲି । ଏହି ନିଷ୍ପତ୍ତି ସେତେବେଳେ ମୋ ବାପାଙ୍କୁ ଭଲ ଲାଗି ନଥିଲା । ହେଲେ ସେହି ନିଷ୍ପତ୍ତି କାରଣରୁ ମୁଁ ଆଜି ଏଠି ପହଞ୍ଚିଛି ।

**ସେହନାଜ ଗିଲ୍, ଅଭିନେତ୍ରୀ**



ହନୁମାନ ଫିଲ୍ମ ସୁଟିଂ ସମୟରେ ମୋତେ ଅଲୌକିକତାର ଅନୁଭବ ହୋଇଥିଲା । ଲାଗିଥିଲା ଯେପରି ଶ୍ରୀହନୁମାନ ନିଜେ ତାଙ୍କ କାହାଣୀକୁ ଫିଲ୍ମ ଆକାରରେ ପ୍ରସ୍ତୁତ କରୁଛନ୍ତି । ସବୁ ବାଧା ବିଘ୍ନ ତାଙ୍କରି କାରଣରୁ ଦୂର ହୋଇଥିଲା ।

**ପ୍ରଶାନ୍ତ ବର୍ମା, ନିର୍ଦ୍ଦେଶକ**



ବିଗ୍ ବସ୍ ହାଉସ୍‌ରେ ସବୁ ସ୍ଥାନରେ ମାଇକ ଲାଗିଥାଏ ଏପରିକି ବାଥରୁମ୍‌ରେ ମଧ୍ୟ ମାଇକ୍ ଲାଗିଥାଏ । ଯେଉଁ କାରଣରୁ ବାଥ୍‌ରୁମ୍‌ରେ ବି କେହି ଯଦି କାନ୍ଦେ ତାହା ମଧ୍ୟ ରେକର୍ଡ ହୋଇଥାଏ ।

**ଇଶା ମାଲବୀୟ, ଅଭିନେତ୍ରୀ**

## ୯୯ ବର୍ଷରେ ଷ୍ଟଣ୍ଟ କରି ରେକର୍ଡ



ବ୍ରିଟେନ୍‌ର ୯୯ ବର୍ଷୀୟା ବୃଦ୍ଧା ହେଲ୍‌ଗା ଉଡ଼ନ୍ତା ବିମାନର ଡେଣା ଉପରେ ଛିଡ଼ା ହୋଇ ସାହସିକ 'ୱିଙ୍ଗ - ୱାକିଂ' ଷ୍ଟଣ୍ଟ କରି ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି । ଇଂଲଣ୍ଡର ଗ୍ଲୋସେଷ୍ଟରଶାୟାରସ୍ଥିତ ରେଣ୍ଡକମ୍ ଏୟାରଫିଲ୍ଡରେ ସୁରକ୍ଷା ହାର୍ନେସ୍ ପିନ୍ଧି ସେ ଏହି କାର୍ଯ୍ୟ କରିଛନ୍ତି । ଏହି ରୋମାଞ୍ଚକର କାର୍ଯ୍ୟ ପାଇଁ ସେ ୯୭ ବର୍ଷୀୟା ବେଟି ବ୍ରୋମେଜ୍‌ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ । ୱିଲ୍ଟଶାୟାରର ଏକ କେୟାର ହୋମ୍‌ରେ ରହୁଥିବା ହେଲ୍‌ଗା ନିଜର ୯୯ତମ ଜନ୍ମଦିନ (୨୩ ସେପ୍ଟେମ୍ବର) ଅବସରରେ ଏହି ଷ୍ଟଣ୍ଟ କରିବାକୁ ସ୍ଥିର କରିଥିଲେ ବି ପରେ ଏହା ଘୁଞ୍ଚିଯାଇଥିଲା । ସେ ବିନା ଭୟ ଓ ଦ୍ୱନ୍ଦ୍ୱରେ ଅତ୍ୟନ୍ତ ଉତ୍ସାହର ସହ ଏହାକୁ ପୂରଣ କରିଛନ୍ତି । ଏହି ସାହସିକ ପ୍ରୟାସ ମାଧ୍ୟମରେ ସେ 'ୱିଲ୍ଟଶାୟାର ଆଣ୍ଡ ବାଥ୍ ଏୟାର ଆମ୍ବୁଲାନ୍ସ' ପାଇଁ ୧.୪ ଲକ୍ଷରୁ ଅଧିକ ଅର୍ଥ ସଂଗ୍ରହ କରିଛନ୍ତି । ୯୯ ବର୍ଷ ବୟସରେ ବି ଜଣେ ମହିଳା ଏଭଳି କିଛି କରିପାରିବ ବୋଲି ପ୍ରମାଣିତ କରିଥିବା ହେଲ୍‌ଗାଙ୍କ ଏହି ଗୌରବମୟ ସଫଳତା ପାଇଁ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ କରାଯାଇଛି ।

## ଟମଙ୍କୁ ମିଳୁଛି ସମର୍ଥନ



ଟମ୍ କ୍ରୁଜ୍‌ଙ୍କ ସଦ୍ୟତମ ଚଳଚ୍ଚିତ୍ର 'ଡିଗର୍' ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରୁନଥିବାବେଳେ ତାଙ୍କ ସମର୍ଥନରେ ଅନେକ ଷ୍ଟାର ବାହାରିଛନ୍ତି । ଏହି ତାଲିକାରେ ଅନେକ ବଡ ବଡ ସେଲିବ୍ରିଟି ସାମିଲ ଅଛନ୍ତି । ଆଲେଖାଣ୍ଡ୍ରୋ ଜି. ଇନ୍ୟାରିତୁଙ୍କ ନିର୍ଦ୍ଦେଶିତ ଏହି ବ୍ଲାକ୍ କମେଡିକୁ ଅଭିନେତ୍ରୀ ଆନ୍ ହାଥାୱେ ୧୦/୧୦ ରେଟିଂ ଦେଇ ପ୍ରଶଂସା କରିଛନ୍ତି । ଏହାସହ ହଲିଉଡ୍ ଅଭିନେତା ତଥା ନିର୍ଦ୍ଦେଶକ ବେନ୍ ଆଫ୍ଲେକ୍ ଏହାର ବ୍ୟବସାୟିକ ବିଫଳତାକୁ ନେଇ କଟାକ୍ଷ ନକରିବାକୁ ଚେତାବନୀ ମଧ୍ୟ ଦେଇଛନ୍ତି । ଉତ୍ତର ଆମେରିକାର ୩,୩୨୧ଟି ପ୍ରେକ୍ଷାଳୟରୁ ପ୍ରାୟ ୮ ନିୟୁତ ଡଲାର ( ୭୬ କୋଟି) ରୁ ଶୁଭାରମ୍ଭ କରିଥିବା ଏହି ଚଳଚ୍ଚିତ୍ରରେ ଟମ୍ କ୍ରୁଜ୍ ତୈଳ ବ୍ୟବସାୟୀ 'ଡିଗର୍ ରକ୍‌ୱେଲ୍' ଭୂମିକାରେ ନଜର ଆସିଛନ୍ତି। ଏହି ଫିଲ୍ମରେ ରିଜ୍ ଅହମ୍ମଦ, ଜନ୍ ଗୁଡ୍‌ମ୍ୟାନ୍, ସାଣ୍ଡ୍ରା ହୁଲର, ମାଇକେଲ୍ ଷ୍ଟୁଲବାର୍ଗ ଓ ଜେସି ପ୍ଲେମନ୍ସଙ୍କ ଭଳି କଳାକାର ପ୍ରମୁଖ ଭୂମିକାରେ ଅଛନ୍ତି। ନିଜର ଆକ୍ସନ୍ ଛବିରୁ ବାହାରି ଏକ ନିଆରା ଚରିତ୍ରରେ ଟମଙ୍କୁ ଦେଖିବାକୁ ମିଳୁଛି। ତେବେ ଏହି ଫିଲ୍ମରେ ଟମ୍ କ୍ରୁଜ୍‌ଙ୍କର ଗୋଟିଏ ଶଟ୍‌ରେ ସୁଟ୍ ହୋଇଥିବା ୧୦ ମିନିଟ୍‌ର ମନୋଲୋଗ୍ ଖୁବ ଚର୍ଚ୍ଚା ସାଉଁଟିଥିଲା ।



**ମେଷ:** ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ସହଯୋଗ, ଶରୀର ସୁସ୍ଥ, ଅର୍ଥସମସ୍ୟା, ଅଯଥା କଳହ, ଶତ୍ରୁସମସ୍ୟା, ଦ୍ରବ୍ୟଲାଭ, ଅନୁଷ୍ଠାନରୁ ଲାଭ, ବନ୍ଧୁସାହାଯ୍ୟ, ଦାମ୍ପତ୍ୟ ସୁଖ, ସମ୍ପତ୍ତିବିବାଦ, ଦୂରଯାତ୍ରା। ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- କୁବେର ଭଗବାନ।

**ବୃଷ:** ମାନସିକ ଶାନ୍ତି, ଯାତ୍ରାରେ ସତର୍କ, ପାରିବାରିକ ସମସ୍ୟା, କର୍ମକ୍ଷେତ୍ରେ ପରିଶ୍ରମ, ବ୍ୟବସାୟରେ ସଫଳ, ପ୍ରୀତି ବୃଦ୍ଧି, ବନ୍ଧୁସାହାଯ୍ୟ, ଶାରୀରିକ କଷ୍ଟ, ଅଯଥା ବିବାଦ, ଶତ୍ରୁସମସ୍ୟା, ବନ୍ଧୁଗୃହେ ଯାତ୍ରା । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା- ମା' ଭଗବତୀ।

**ମିଥୁନ:** ସମ୍ପର୍କରେ ଉନ୍ନତି, ମାନସିକ ଶାନ୍ତି, ଶରୀର ସୁସ୍ଥ, ଗୃହେ ସହଯୋଗ, ଦାମ୍ପତ୍ୟସୁଖ, ସନ୍ତାନସୁଖ, ବ୍ୟବସାୟରେ ଲାଭ, ସମ୍ପତ୍ତିଲାଭ, ଅଳ୍ପ ବିରୋଧ, ନୂତନ କର୍ମେ ଖୁସି, ଖୁସିଖବର, ସ୍ୱଜନ ବିବାଦ। ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ଶଙ୍କର ଭଗବାନ।

**କର୍କଟ:** ସୁସମ୍ବାଦ, ନୂତନ କର୍ମଆରମ୍ଭ, ମାନସିକ ଖୁସି, ଶତ୍ରୁ ପରାଜିତ, ବିଦେଶ ଭ୍ରମଣ, ଦେବଦର୍ଶନ, ଅର୍ଥଲାଭ, ସନ୍ତାନଖୁସି, ଶରୀର ସୁସ୍ଥ, ଗୃହେ ସହଯୋଗ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ।

**ସିଂହ:** ରଣଭ୍ରାର ବୃଦ୍ଧି, କିଛି କାର୍ଯ୍ୟରେ ସମସ୍ୟା, ସନ୍ତାନସମସ୍ୟା, ବ୍ୟବସାୟରେ ଶତ୍ରୁତା, ଶରୀର କଷ୍ଟ, ମାନସିକ ଅବସାଦ, ନୂତନ କର୍ମପ୍ରତି ଆଗ୍ରହ, ବନ୍ଧୁଲାଭ, ସମ୍ପତ୍ତି ସମସ୍ୟା, ବିଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳ। ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୪, ଆରାଧନା-ପ୍ରଭୁ ହନୁମାନ।

**କନ୍ୟା:** କାର୍ଯ୍ୟରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶୁଭଖବର, ସମ୍ମାନଲାଭ, ଦୂରଯାତ୍ରା ସଫଳ, ସନ୍ତାନ ସମସ୍ୟା, ପାରିବାରିକ ବିରୋଧ, ଦେବଦର୍ଶନ, ସ୍ୱାଦିଷ୍ଟ ଭୋଜନ, ଶତ୍ରୁପରାଜିତ, ଦାମ୍ପତ୍ୟସୁଖ। ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' କୋଟିଲାଇ।

**ତୁଳା:** ଶୁଭଖବର, ନୂତନ କର୍ମଲାଭ, ବ୍ୟବସାୟରେ ଉନ୍ନତି, ମାନସିକ ଶାନ୍ତି, ଅଯଥା କଳହ, ବନ୍ଧୁଲାଭ, ସନ୍ତାନଖୁସି, ସୁମିଷ୍ଟ ଭୋଜନ,ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଅର୍ଥସମସ୍ୟା ଦୂର, ବିଦ୍ୟାରେ ସଫଳତା। ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ।

**ବିଛା:** ସମ୍ପତ୍ତିବିବାଦ, ଶତ୍ରୁସମସ୍ୟା, କର୍ମକ୍ଷେତ୍ରେ ସଫଳ, ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟସୁଖ, ବନ୍ଧୁ ସହଯୋଗ, କ୍ରୟବିକ୍ରୟ, ବ୍ୟବସାୟିକ କଷ୍ଟ, ଶୁଭକାର୍ଯ୍ୟରେ ଧନବ୍ୟୟ, ଲୋକସମ୍ପର୍କ ବୃଦ୍ଧି। ଅନୁରାଧ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ଭଗବାନ ବିଷ୍ଣୁ।

**ଧନୁ:** ସଫଳତା, କର୍ମକ୍ଷେତ୍ରେ ପ୍ରଶଂସା, ସମ୍ମାନଲାଭ, ଅର୍ଥଲାଭ, ମାନସିକ ଶାନ୍ତି, ଭୂସମ୍ପତ୍ତିଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଶତ୍ରୁ ପରାଜିତ, ମାମଲା ସମାଧାନ, ଦାମ୍ପତ୍ୟଖୁସି, ସନ୍ତାନଲାଭ। ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାକୃଷ୍ଣ।

**ମକର:** ଅପମାନଯୋଗ, ଅର୍ଥସମସ୍ୟା, ଶରୀର କଷ୍ଟ, ବନ୍ଧୁସାହାଯ୍ୟ, ଅଯଥା ବିବାଦ ସନ୍ତାନଖୁସି, ବିଦେଶ ଯାତ୍ରା, ଦେବଦର୍ଶନ, ଯାତ୍ରାରେ ସତର୍କତା, ବ୍ୟବସାୟିକ କଷ୍ଟ, ପୁରାତନ ବନ୍ଧୁ ଦର୍ଶନ, ଦାମ୍ପତ୍ୟଖୁସି। ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗେଣି, ସଂଖ୍ୟା-୭, ଆରାଧନା-ମା' ଗୌରୀ।

**କୁମ୍ଭ:** ଖୁସିଖବର ଧନଲାଭ, ଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ଭୂସମ୍ପତ୍ତିଲାଭ, ବିଶିଷ୍ଟ ବ୍ୟକ୍ତି ସହାୟତା, ଶତ୍ରୁସମସ୍ୟା, ଦେବକାର୍ଯ୍ୟରେ ତତ୍ପର, ପାରିବାରିକ ସହଯୋଗ, ଖୁସି ଖବର। ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୧୦, ଆରାଧନା- ମା' ଦକ୍ଷିଣକାଳୀ।

**ମୀନ:** କାର୍ଯ୍ୟ ସଫଳ, ବନ୍ଧୁଲାଭ, ନୂତନ କର୍ମନିଯୁକ୍ତି, ଅର୍ଥଲାଭ, ଦୂରଯାତ୍ରା ସଫଳ, ବିବାଦ ସମାଧାନ, ସନ୍ତାନଲାଭ, ଦେବଦର୍ଶନ, ପ୍ରତ୍ୟେକ କାର୍ଯ୍ୟରେ ସଫଳ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ଶଙ୍କର ଭଗବାନ।

**ଆଶ୍ୱିନ ଶୁକ୍ଳ ପକ୍ଷ ସପ୍ତମୀ**
**୧୮.୧୦.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ଶାରଦୀୟ ପାର୍ବଣ ଷୋଡ଼ଶ ଉପଚାର ପବିତ୍ର ସପ୍ତମୀ ସନ୍ଧ୍ୟାରେ ପରମ ବୈଷ୍ଣବୀ ଜଗତ ଜନନୀ ସିଂହ ବାହିନୀ ମା ଶାରଳାଙ୍କ ମହିଷା ମର୍ଦ୍ଦିନୀ ବେଶ ଦର୍ଶନ ।

## ଟାଟା ପାୱାର କର୍ମଚାରୀଙ୍କ ଏକାଉଣ୍ଟରୁ ୯୭ ହଜାର ଟଙ୍କା ଲୁଟି ନେଲେ ସାଇବର ଲୁଟେରା

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବିଭିନ୍ନ ଥାନାଞ୍ଚଳରେ ଦିନକୁ ଦିନ ସାଇବର ଲୁଟେରାଙ୍କ ଦୌରାତ୍ମ୍ୟ ବଢି ବଢି ଚାଲିଛି । ଏହାକୁ ନେଇ ଓଡିଶା ପୁଲିସର ସାଇବର ବିଭାଗର ନିଷ୍କ୍ରିୟତା ସହ ଅପାରଗତା ପାଇଁ ସାଇବର ଲୁଟେରାଙ୍କ ପ୍ରାଦୁର୍ଭାବ ବଢି ଚାଲିଛି । ସାଇବର ଠକେଇ ଘଟଣାରେ ଅଧିକାଂଶ ମାମଲା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚି ପାରୁନଥିବା ବେଳେ ପୁଲିସ ଠାରୁ ସବୁବେଳେ ସାଇବର ଲୁଟେରା ମାନେ ଅପହଞ୍ଚ ହୋଇ ରହୁଛନ୍ତି। ଫଳରେ ଦିନକୁ ଦିନ ଖଟିଖିଆ ସାଧାରଣବର୍ଗର ଲୋକ ନିଜର କଷ୍ଟ ଉପାର୍ଜିତ ଜମାପୁଞ୍ଜି ହରାଇ ତଳିତଳାନ୍ତ ହୋଇଯାଉଛନ୍ତି । ଏହିଭଳି ପୁଣି ଏକ ସାଇବର ଠକେଇ ଘଟଣା ବେତନଟୀ ଥାନା ଇଲାକାରେ ଦେଖିବାକୁ ମିଳିଛି । ସୂଚନା ମୁତାବକ ବେତନଟୀ ଥାନା ଭାଲିଆଡିହା ପଞ୍ଚାୟତ ଅଧୀନ ନିଚୁଆପଦା ଗ୍ରାମର ସୁଶେନ୍ଦ୍ର ମହାନ୍ତଙ୍କ ପୁଅ ପ୍ରବୀର କୁମାର ମହାନ୍ତ ବେତନଟୀସ୍ଥିତ ଟାଟାପାୱାର କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ ଚାକିରୀ କରୁଛନ୍ତି। ଗତ କିଛିଦିନ ହେବ ନିଜର ସ୍ମାର୍ଟ ଫୋନଟି ଟିକେ ଯାନ୍ତ୍ରିକ ତୃଟି ଥିବା କାରଣରୁ ସେ ଏହି ଫୋନଟିକୁ ଘରେ ରଖି ଦେଇଥିଲେ। ଏହାପରେ ହ୍ୱାଟ୍ସଅପର ଆବଶ୍ୟକତା ପଡିବାରୁ ସେ ହ୍ୱାଟ୍ସଅପକୁ ନୂଆକରି ପୁନର୍ବାର ପ୍ଲେଷ୍ଟୋରରୁ ଡାଉନଲୋଡ଼ କରିବା ସମୟରେ ତାଙ୍କ ମୋବାଇଲକୁ ଏକ ଓଟିପି ଆସିଥିଲା। ସେହି ସମୟରେ ପ୍ରବୀର ଉକ୍ତ ଓଟିପି ଦେଇ ଲଗଇନ କରିବା ମାତ୍ରେ ତାଙ୍କର ବେତନଟୀସ୍ଥିତ ରାଷ୍ଟ୍ରାୟତ୍ତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଥିବା ଆକାଉଣ୍ଟରୁ ୯୭ହଜାର ଟଙ୍କା କଟି ଯାଇଥିଲା । ଆକାଉଣ୍ଟରୁ ଟଙ୍କା କଟିବା ମେସେଜ ଆସିବାରୁ ପ୍ରବୀର ଡରିଯାଇ ବ୍ୟାଙ୍କ ଦୌଡ଼ିଥିଲେ। ବ୍ୟାଙ୍କରେ ପହଞ୍ଚି ଯାଞ୍ଚ କରିବାରୁ ତାଙ୍କ ଆକାଉଣ୍ଟରୁ ଅନଲାଇନ ମାଧ୍ୟମରେ ୯୭ହଜାର ଟଙ୍କା ସାଇବର ଲୁଟେରା ମାନେ ଲୁଟି ନେଇଥିବାର ଜାଣିବାକୁ ପାଇଥିଲେ। ପ୍ରବୀର ବେତନଟୀ ଏ ନେଇ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ବେତନଟୀ ପୁଲିସ ୪୦୯/୨୬ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏହି ପରି ଲୁଟେରାଙ୍କ ପ୍ରାଦୁର୍ଭାବ ଏବଂ ସାଇବର ପୁଲିସର ନିଷ୍କ୍ରିୟ ତଦନ୍ତ ପାଇଁ ପ୍ରବୀରଙ୍କ ଭଳି ଅନେକ ଲୋକେ ନିଜର ସର୍ବସ୍ୱ ହରାଇବସୁଛନ୍ତି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କଲେ ନବନିଯୁକ୍ତ ରାଜ୍ୟପାଳ



ପୁରୀ, (ସବ୍ୟୁ): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଶନିବାର ଅପରାହ୍ଣରେ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ଓଡ଼ିଶାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ପ୍ରଥମେ ରାଜ୍ୟପାଳ ସସ୍ତ୍ରୀକ ଲୋକଭବନରେ ପହଞ୍ଚିବା ପରେ ପୁରୀ ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ରାଜ୍ୟପାଳ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ପ୍ରଦାନ କରାଯାଇଥିଲା। ଏହି ଦର୍ଶନ ସମୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ ଓ ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଦର୍ଶନରେ ସହଯୋଗ କରିଥିଲେ।

### ବ୍ରାଞ୍ଚ କେନାଲରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

## ସଦର ଥାନା ଆଗରେ ପରିବାରର ବିକ୍ଷୋଭ, ଯୁବକ ଅଟକ

ଫୁଲନଖରା ,(ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ ଉରାଳି ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକା ଶ୍ରିୟା ଭୋଇଙ୍କ ମୃତଦେହ କାକଟପୁର ବ୍ରାଞ୍ଚ କେନାଲର ତରଣପଡ଼ା ନିକଟରୁ ଉଦ୍ଧାର ହେବା ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ନାବାଳିକାଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ ନ୍ୟାୟ ଦାବିରେ ସେମାନେ ସଦର ଥାନା ସମ୍ମୁଖରେ ଶବରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଘଟଣାରେ ପରିବାରବର୍ଗଙ୍କ ଅଭିଯୋଗ ପରେ ପୋଲିସ ସୁଶାନ୍ତ ଭୋଇ ନାମକ ଜଣେ ଯୁବକଙ୍କୁ ହେପାଜତକୁ ନେଇଛି । ଶ୍ରିୟା ଗତ ଶୁକ୍ରବାର ମଧ୍ୟାହ୍ନ୧୨ଟାରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ଫେରି ନଥିବାରୁ ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ତଥାପି ତାଙ୍କର କୌଣସି ସନ୍ଧାନ ନମିଳିବାରୁ ଶୁକ୍ରବାର ରାତି ପ୍ରାୟ ୧୦ଟାରେ କଟକ ସଦର ଥାନାରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ।ତେବେ ଶନିବାର ସକାଳ ପ୍ରାୟ ୧୦ଟାରେ ତରଣପଡ଼ା ନିକଟସ୍ଥ କାକଟପୁର ବ୍ରାଞ୍ଚ କେନାଲରେ ଜଣେ ନାବାଳିକାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା । ଉଦ୍ଧାର ହୋଇଥିବା ମୃତଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ଜଣାପଡ଼ିଥିବାରୁ ଘଟଣାକୁ ନେଇ ସନ୍ଦେହ ଆହୁରି ଘନୀଭୂତ ହୋଇଥିଲା ।ମୃତଦେହଟି ଉରାଳି ଗ୍ରାମର ନିଖୋଜ ନାବାଳିକା ଶ୍ରିୟା ଭୋଇଙ୍କର ବୋଲି ଚିହ୍ନଟ ହେବା ପରେ ପରିବାରବର୍ଗ ଭାଙ୍ଗିପଡ଼ିଥିଲେ । ଶବ ବ୍ୟବଚ୍ଛେଦ ପରେ ମୃତଦେହ ଫେରାଇ ଅଣାଯିବା ସମୟରେ ପରିବାରଲୋକେ ଏହି ଘଟଣାରେ ନ୍ୟାୟ ଦାବି କରି ସଦର ଥାନାର ମୁଖ୍ୟ ଫାଟକ ସମ୍ମୁଖରେ ଶବ ରଖି ବିକ୍ଷୋଭ କରିଥିଲେ । ଫଳରେ ଥାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା ।ମୃତ ଶ୍ରିୟାଙ୍କ ପରିବାରବର୍ଗ ତାଙ୍କ ପୁରୁଷ ବନ୍ଧୁ ସୁଶାନ୍ତ ଭୋଇ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ ପ୍ରକାଶ କରିବା ସହ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ସୁଶାନ୍ତଙ୍କ ଘର କଟକ ସଦର ଥାନା ଅନ୍ତର୍ଗତ ସୁମାଣ୍ଡି ଗ୍ରାମରେ ବୋଲି ଜଣାପଡ଼ିଛି । ପରିବାରବର୍ଗଙ୍କ ଦାବି ପରେ ପୋଲିସ ତାଙ୍କୁ ହେପାଜତକୁ ନେଇ ଅଟକ ରଖିବା ପରେ ଥାନା ସମ୍ମୁଖରେ ଦେଖାଦେଇଥିବା ଉତ୍ତେଜନା କିଛି ମାତ୍ରାରେ ହ୍ରାସ ପାଇଥିଲା ।ତେବେ ଜଣେ ନାବାଳିକାଙ୍କ ମୃତ୍ୟୁକୁ ନେଇ ଉଠିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ଏବେ ପୋଲିସ ତଦନ୍ତ ଉପରେ ନିର୍ଭର କରୁଛି । ମୃତଦେହରେ ଥିବା କ୍ଷତଚିହ୍ନ, ମୃତ୍ୟୁର ପ୍ରକୃତ କାରଣ ଏବଂ ଘଟଣାରେ କାହାର ସମ୍ପୃକ୍ତି ରହିଛି, ସେ ସମ୍ପର୍କରେ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ । ପୋଲିସର ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣାର ପ୍ରକୃତ ସତ୍ୟ ଉନ୍ମୋଚିତ ହେବା ନେଇ ଅପେକ୍ଷା ରହିଛି ।

### ନିବେଶ ଆଳରେ ୬୩ ଲକ୍ଷ ଠକେଇ

## ୩ ଆନ୍ତଃରାଜ୍ୟ ସାଇବର ଠକ ଗିରଫ

ଭୁବନେଶ୍ୱର,(ସବ୍ୟୁ) : ନିବେଶ ଆଳରେ କୋଟି କୋଟି ଟଙ୍କା ଠକି ନେଇଥିବା ର୍ୟାକେଟର ୩ ଜଣ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ଗିରଫ କରିଛି ସାଇବର ଥାନା ପୋଲିସ । ୬୩ ଲକ୍ଷ ଠକେଇ ଅଭିଯୋଗ ହେବା ପରେ ତଦନ୍ତକାରୀ ଟିମ୍ ତଦନ୍ତକୁ ତ୍ୱରାନ୍ୱିତ କରି ଆନ୍ତଃରାଜ୍ୟ ଠକଙ୍କ ପାଖରେ ପହଞ୍ଚିଥିଲା । ଅଭିଯୋଗକାରୀଙ୍କୁ ଫେସବୁକରେ ପ୍ରୀୟା ରେଡ୍ଡୀ ନାମକ ଏକ ଫେକ୍ ପ୍ରୋଫାଇଲରୁ ଯୋଗାଯୋଗ କରାଯାଇଥିଲା । ପରେ ହ୍ୱାଟ୍ସଆପ୍ ମାଧ୍ୟମରେ ତାଙ୍କୁ ଏକ ଫେକ୍ ଅନଲାଇନ୍ ଟ୍ରେଡିଂ ଅଫରେ ଟଙ୍କା ନିବେଶ କଲେ ବହୁତ ଲାଭ ମିଳିବ ବୋଲି ପ୍ରବର୍ତ୍ତା ଯାଇଥିଲା । ପ୍ରଥମେ କିଛି ଲାଭାଂଶ ପାଇବା ପରେ ଅଭିଯୋଗକାରୀ ବିଶ୍ୱାସ କରି ନିଜର ଓ ନିଜ ସମ୍ପର୍କୀୟଙ୍କର ୮ ଟି ବ୍ୟାଙ୍କ ଆକାଉଣ୍ଟରୁ ମୋଟ ୬୩ ଲକ୍ଷ ଟଙ୍କା ନିବେଶ କରିଥିଲେ । ପରେ ଯେତେବେଳେ ସେ ଟଙ୍କା ଉଠାଇବାକୁ ଚେଷ୍ଟା କଲେ ସେତେବେଳେ ତାଙ୍କ ଆକାଉଣ୍ଟକୁ ବ୍ଲକ୍ କରି ଦିଆଯାଇଥିଲା ।

ସେ ଠକେଇର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଜାଣିବାକୁ ପାଇଥିଲା ଯେ ସୁସଂଗଠିତ ଗ୍ୟାଙ୍ଗ କାଗଜପତ୍ର ବ୍ୟବହାର କରି ତ୍ରିଶୁଳିଆ ଅଞ୍ଚଳରେ ବିଭିନ୍ନ ବ୍ୟାଙ୍କରେ ତିନୋଟି ନକଲି ସଂସ୍ଥା ନାଁରେ ଏକାଧିକ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ । ସେ ଆକାଉଣ୍ଟରେ ଟଙ୍କା ପଡିବା ମାତ୍ରେ ସେମାନେ ତାକୁ ଉଠାଇନେଉଥିଲେ । ଯେଉଁ କମ୍ପାନୀ ଆକାଉଣ୍ଟ ପୋଲିସ ଠାବ କରିଛି, ସେଥିରେ ଦେଶର ପ୍ରାୟ ୩ କୋଟି ଟଙ୍କା ସାଇବର ଠକେଇ ହୋଇଥିବା ସୂଚନା ମିଳିଛି । ଯେଉଁ ନକଲୀ କମ୍ପାନୀ ଆକାଉଣ୍ଟକୁ ଠାବ କରାଯାଇଛି ସେହି ଆକାଉଣ୍ଟ ବିରୋଧରେ ପୂର୍ବରୁ ଅଭିଯୋଗ ହୋଇଥିବା ପୋଲିସ କହିଛି । ଗିରଫ ୩ ଜଣ ସାଇବର ଠକ ହେଲେ ସର୍ବେଶ୍ୱର ମହାନ୍ତି(୪୬), ପ୍ରଦୀପ କୁମାର ଷଡଙ୍ଗୀ (୩୨) ଓ ସୁମନ୍ତ ମଲ୍ଲିକ (୪୧) । ସର୍ବେଶ୍ୱର ଓ ସୁମନ୍ତ ଘର ବାଲେଶ୍ୱର ଜିଲ୍ଲାରେ ହୋଇଥିବା ବେଳେ ପ୍ରଦୀପ ଘର କେନ୍ଦ୍ରାପଡା ଜିଲ୍ଲାରେ ବୋଲି ସୂଚନା ମିଳିଛି । ଶନିବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇଦିଆଯାଇଛି ।

## କୁକୁର ଖାଦ୍ୟରେ ୫ କୋଟିରୁ ଉର୍ଦ୍ଧ୍ୱ ମାରିଜୁଆନା, ୪ ତସ୍କର ଅଟକ

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କକଙ୍ଗରୁ ବିମାନ ଯୋଗେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଆଣି ଆସୁଥିବା ୪ ବିମାନ ଯାତ୍ରୀ(ତସ୍କର) ଙ୍କୁ ଅଟକ ରଖିଛି ଡିଆରଆଇ । ଡିଆରଆଇର କେ -୯ ଡ୍ରଗସ୍କ୍ୱାର୍ଡ ଯାଞ୍ଚ କରିବା ବେଳେ ସେମାନେ କୁକୁର ଖାଦ୍ୟ ଡବାରେ ୫ କେଜିରୁ ଉର୍ଦ୍ଧ୍ୱର୍ ମାରିଜୁଆନା ଆଣିଥିବା ଜଣାପଡିଥିଲା । ଡିଆରଆଇ, କଷ୍ଟମ୍ସ ବିଭାଗର ଟିମ୍ ମିଳିତ ଭାବେ ବିମାନ ବନ୍ଦରରେ ଚଢାଉ କରିଥିଲେ । କାରଣ ମାରିଜୁଆନା ବ୍ୟାଙ୍କକଙ୍ଗରୁ ଅଣାଯାଉଥିବା ସେମାନଙ୍କ ପାଖରେ ସୂଚନା ପହଞ୍ଚିଥିଲା । ଯାହା ଫଳରେ ସେମାନେ ବ୍ୟାଙ୍କକଙ୍ଗରୁ ଆସିଥିବା ବିମାନର ସମସ୍ତ ଯାତ୍ରୀ ଓ ତାଙ୍କ




ଲଗେଜକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ପରେ କୁକୁର ଖାଦ୍ୟ ଡବାରୁ ମାରିଜୁଆନା ମିଳିଥିଲା । ଯେଉଁ ୪ ଜଣ ଯାତ୍ରୀଙ୍କ ନିକଟରୁ ମାରିଜୁଆନା ମିଳିଲା ସେମାନେ ଲଗେଜର ସିକ୍ରେଟ ଚ୍ୟାମ୍ବର ଭିତରେ ଡବାଗୁଡିକୁ ଲୁଚାଇ ରଖିଥିଲେ । ୪ ତସ୍କରଙ୍କୁ ଡିଆରଆଇ ଅଟକ ରଖି ପଚରାଉଚରା କରୁଥିବା ବେଳେ ଜବତ ମାରିଜୁଆନା ଦାମ୍ ୫ କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ହେବ ବୋଲି ଡିଆରଆଇ ଅନୁମାନ କରିଛି । ଭୁବନେଶ୍ୱର ବିମାନ ବନ୍ଦରରୁ ବାରମ୍ବାର ମାରିଜୁଆନା ଜବତ ହେଉଥିଲେ ମଧ୍ୟ କାରବାର ଥମିବାର ନାଁ ଧରୁନାହିଁ । ଆନ୍ତର୍ଜାତୀୟ ତସ୍କର ଆକାଶ ପଥରେ ମାରିଜୁଆନା ଆଣି ସ୍ଥଳ ପଥରେ ବିତରଣ କରୁଥିବା ସୂଚନା ମିଳିଛି ।

## ଜମି ଯୋଗାଇବା ବାହାନାରେ ୯୦ ଲକ୍ଷ ଠକେଇ, ଦଲାଲ୍ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ଯୋଗାଇବା ବାହାନାରେ ବୟସ୍କ ନାଗରିକ ଅଜୟ କୁମାର ପାତ୍ରଙ୍କ ଠାରୁ ୩ ପର୍ଯ୍ୟାୟରେ ୯୦ ଲକ୍ଷ ଟଙ୍କା ଠକି ଥିବା ଦଲାଲ୍‌କୁ ଗିରଫ କରିଛି ଚନ୍ଦ୍ରଶେଖର ଥାନା ପୋଲିସ । ଅଜୟ କୁମାର ପାତ୍ର ଏବଂ ତାଙ୍କ ପନିଙ୍କୁ ନନ୍ଦନକାନନ ନିକଟ ରଘୁନାଥପୁର ଠାରେ ଜମି ଦେବାକୁ କହି ଅଭିଯୁକ୍ତ ତୁଷାର ୨୦୨୨ ମସିହା ଫେବୃଆରୀ ୧୪ ତାରିଖରେ ୩ ଟି ଚେକ୍ ମାଧ୍ୟମରେ ୩୦ ଲକ୍ଷ ଟଙ୍କା ନେଇଥିଲା । ଏହା ପରେ ସେ ଅଜୟଙ୍କୁ ଅନ୍ୟ ଜଣେ ପ୍ରପର୍ଟି ଡିଲର ପ୍ରକାଶ ଚନ୍ଦ୍ର ନାୟକ ସହ ପରିଚୟ କରାଇଥିଲା । ପ୍ରକାଶ ପୁରୀର ମାଳତିପାଟପୁର ଠାରେ ଜମିଦେବାକୁ କହି ଆହୁରୀ ୩୦ ଲକ୍ଷ ଟଙ୍କା ତା' ଆକାଉଣ୍ଟକୁ ୨୦୨୩ ମସିହା ଫେବୃଆରୀରେ ଟ୍ରାନ୍ସଫର କରାଇଥିଲା ।

ଶେଷରେ ତହସିଲରୁ ଜମିର କାଗଜପତ୍ର କାଢିବା ଏବଂ ଅନ୍ୟାନ୍ୟ ଆଳ ଦେଖାଇ ୨୦୨୩ ମସିହା ମାର୍ଚ୍ଚ ୨୪ ତାରିଖରେ ଅଭିଯୁକ୍ ତୁଷାର ଆଉ ୩୦ ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ନେଇଥିଲା । ଏହିପରି ଜମି ଯୋଗାଇବା ବାହାନାରେ ଅଭିଯୋଗକାରୀଙ୍କ ଠାରୁ ମୋଟ ୯୦ ଲକ୍ଷ ଟଙ୍କା ଠକି ନେଇଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନେ ଜମି ଯୋଗାଇନଥିଲେ, କିମ୍ବା ଟଙ୍କା ଫେରାଇ ନଥିଲେ । ପ୍ରକାଶର ଅଫିସ ମଧ୍ୟ ବନ୍ଦ ହୋଇଯାଇଥିଲା । ଏହି ଠକେଇ ଯୋଗୁଁ ଅଭିଯୋଗକାରୀ ମାନସିକ ଆଘାତ ପାଇ ଉକିଳ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ଚନ୍ଦ୍ରଶେଖରପୁର ଥାନାରେ ଏ ସମ୍ପର୍କରେ ଅଭିଯୋଗ ହେବା ପରେ ପୋଲିସ ବ୍ୟାଙ୍କ ଟ୍ରାଞ୍ଜାକ୍ସନ ରିପୋର୍ଟରୁ ଅଭିଯୋଗର ସତ୍ୟାସତ୍ୟ ଜଣାପଡିଥିଲା । ଶୁକ୍ରବାର ରାତିରେ ପଟିଆ ସ୍ଥିତ ଶୁଭମ୍ ରେସିଡେନ୍ସିରେ ପୋଲିସ ଚଢାଉ କରି ମୁଖ୍ୟ ଅଭିଯୁକ୍ତ ତୁଷାରକୁ ଗିରଫ କରିଥିଲା । ଶନିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇଦିଆଯାଇଛି । ଅଧିକ ତଦନ୍ତ ପାଇଁ ପୋଲିସ କୋର୍ଟରେ ରିମାଣ୍ଡ ଆବେଦନ କରିଛି ।

## ମଦ ସହିତ ପୋଚ ନଷ୍ଟ : ୫ ମାମଲା ରୁଜୁ

ଆଠଗଡ ,(ସବ୍ୟୁ) : ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶନିବାରଦିନ ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଏବଂ ନିକଟସ୍ଥ କାଜୁ ଜଙ୍ଗଲ ରେ ଚଢାଉ କରାଯାଇ ୨୩୪୫ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୨୫୨୦୦ ଲିଟର ଗୁଡ ପୋଚ ଜବତ କରା ଯାଇ ଘଟଣାସ୍ଥଳ ରେ ନଷ୍ଟ କରା ଯାଇଛି ।ଏ ବାବଦରେ ୫ ଟି ମାମଲା ରୁଜୁ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି । କିନ୍ତୁ ଚଢାଉ ପୂର୍ବରୁ ଖବର ପାଇ ମାଫିଆ ଫେରାର ହୋଇଯାଇଛି ।ଆଜିର ଏହି ଚଢାଉ ରେ ଆଠଗଡ଼ ଅବକାରୀ ଉପ ଅଧିକ୍ଷକ ସି ଏଚ ତିରୁପତି ଙ୍କ ସହିତ ଆଠଗଡ଼ ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା, ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ ସବ ଇନ୍ସପେକଟର ତରୁଣ କୁମାର ପାତ୍ର ଙ୍କ ସହିତ ନରସିଂହପୁର ବାଙ୍କୀ ଅବକାରୀ ଥାନା ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

## ଓଡିଶା ବାସୀଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଦୁର୍ଗାପୂଜା ଶୁଭେଚ୍ଛା

ଭୁବନେଶ୍ୱର, (ସବ୍ୟୁ): ଦୁର୍ଗାପୂଜା ତଥା ଦଶହରା ପାଇଁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟ ବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ ବାର୍ତ୍ତା ରେ ଶ୍ରୀ ପଟ୍ଟନାୟକ କହିଛନ୍ତି " ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟ ର ବିଜୟ ବାର୍ତ୍ତା ଦେଇଥାଏ। ଅସତ୍ୟ,ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧ ରେ ସଂଗ୍ରାମ ହିଁ ହେଉଛି ମା ଙ୍କ ଶ୍ରେଷ୍ଠ ଆରାଧନା ।ମା ଦୁର୍ଗାଙ୍କ ଆଶୀର୍ବାଦ ସମସ୍ତଙ୍କ ଜୀବନକୁ ଖୁସି ଓ ଆନନ୍ଦରେ ଭରିଦେଉ। ପ୍ରତି ପରିବାରପାଇଁ ସୁଖ ଓ ସମୃଦ୍ଧି ଆଣି ଦେଉ।

### ନବୀନ ନିବାସରେ ଦିନ ସାରା ବିଜୟୀ ଛାତ୍ର ନେତାଙ୍କ ଭିଡ଼

## ୧୭୩ କଲେଜ ଓ ୫ ବିଶ୍ୱ ବିଦ୍ୟାଳୟରେ ବିଜୁ ଛାତ୍ର ଜନତାଦଳର ବିଜୟ

ଭୁବନେଶ୍ୱର (ସବ୍ୟୁ): ନିକଟରେ ଶେଷ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ



ବିଜୟୀ ଛାତ୍ର ନେତା ମାନଙ୍କ ଗହଳି ଶନିବାର ଦିନ ସାରା ନବୀନ ନିବାସ ରେ ଲାଗି ରହିଛି। ରାଜ୍ୟର ବିଭିନ୍ନ ଅଂଚଳର ବିଜୟୀ ବିଜୁ ଛାତ୍ର ଜନତା ଦଳ ନେତା ମାନେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କ ଆଶୀର୍ବାଦ ନେଇଛନ୍ତି। ଶ୍ରୀ ପଟ୍ଟନାୟକ ପିଲା ମାନଙ୍କୁ ପାଠ ପଢା ଉପରେ ଗୁରୁତ୍ୱ ଦେବା ସହ ନିଜ କଲେଜ ର ଉନ୍ନତି ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମ୍ପ୍ରତି ଶେଷ ହୋଇଥିବା ଛାତ୍ର ସଂସଦ ନିର୍ବାଚନ ରେ ବିଜୁ ଛାତ୍ର ଜନତା ଦଳ ୬୦ ପ୍ରତିଶତ ରୁ ଅଧିକ କଲେଜ ରେ ଓ ୫୦ ପ୍ରତିଶତ ରୁ ଅଧିକ ବିଶ୍ୱ ବିଦ୍ୟାଳୟ ରେ ବିଜୟ ଲାଭ କରିଛି। ରାଜ୍ୟ ବିଜେପି ସରକାର ଙ୍କ ଅର୍ଥବଳ, ବାହୁବଳ ଓ ପ୍ରବଳ ସରକାରୀ ଚାପ ସତ୍ତ୍ୱେ ପିଲା ମାନେ ବିଜୁ ଜନତା ଦଳ ଆଦର୍ଶ ରେ ବିଶ୍ୱାସ ରଖି ଏହି ବିପୁଳ ବିଜୟ ଆଣି ଥିବାରୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ୩୪୪ କଲେଜରେ ନିର୍ବାଚନ ଘୋଷଣା କରାଯାଇଥିଲେ ମଧ୍ୟ ୨୮୬ ର ଫଳ ପ୍ରକାଶ ପାଇଛି। ତା ମଧ୍ୟ ରୁ ୧୭୩ ଟି କଲେଜ ରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାଥୀ ମାନେ ବିଜୟୀ ହୋଇଛନ୍ତି। ସେହିପରି ରାଜ୍ୟର ୧୩ ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ନିର୍ବାଚନ ବାତିଲ ହୋଇଥିଲା। ଖଲିକୋଟ ବିଶ୍ୱବିଦ୍ୟାଳୟ ରେ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ମାନେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ନର୍ଥ ଓଡିଶା ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ରମାଦେବୀ ବିଶ୍ୱ ବିଦ୍ୟାଳୟ ରେ ବିଜୟ ଲାଭ କରିଛନ୍ତି ।

## ସରପଞ୍ଚ, ସମିତି ସଭ୍ୟଙ୍କୁ ହତ୍ୟା ଉଦ୍ୟମ

ବଳଙ୍ଗା ,(ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶୁକ୍ରବାର ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଚୋରପଡ଼ା ଠାରେ ରଥ ପୁରୁଷୋତ୍ତମପୁର ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ୩ଜଣ ଦୁର୍ବୃତ୍ତ ଆକ୍ରମଣ ଉଦ୍ୟମ କରିଛନ୍ତି । ଖବର ପାଇ ବଳଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ୨ଜଣ ଦୁର୍ବୃତ୍ତ ଫେରାର ହୋଇଯାଇଥିଲା ବେଳେ ପୋଲିସ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଛି । ଏନେଇ ସମିତି ସଭ୍ୟ ସନ୍ତୋଷ ସାହୁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସମିତି ସଭ୍ୟ ସନ୍ତୋଷ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାରରାତିରେ ସନ୍ତୋଷ ଓ ସରପଞ୍ଚ ସୁବାଷ ପଲ୍ଲେଇଙ୍କ ସହିତ ଏକ ସ୍କର୍ପିଓ ଗାଡ଼ିରେ ରୂପଦେଇପୁର ସ୍ଥିତ ଏକ ହୋଟେଲକୁ ଖାଇବା ପାଇଁ ଯାଉଥିଲେ । ଚୋରପଡ଼ା ଠାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ବାଲିଗାଁ ଗ୍ରାମର ଟୁଟୁ ବେହେରା, ଅସିତପଣ୍ଡା ଓ ଚୋରପଡ଼ା ଗ୍ରାମର ସହଦେବ ପୋଲେଇ ହଠାତ ଗାଡ଼ି ଆଗକୁ ଆସି ଅଟକାଇଥିଲେ । ସନ୍ତୋଷଙ୍କ କହିବା ଅନୁସାରେ ଡ୍ରାଇଭର ଗାଡ଼ି ରଖିବା କ୍ଷଣି ଅଭିଯୁକ୍ତମାନେ ପାଖରେ ଲୁଚାଇ ରଖିଥିବା ତଡା ବାଡ଼ି ଓ କଟୁରୀକୁ ହାତରେ ଧରି ଗାଡ଼ି ଚାରିପଟେ ଘେରିଘେରି ଯାଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଗାଡ଼ିକୁ ଗୋଇଠା ମାରିଥିଲେ । ସେ ହାତରେ କଟୁରୀ ଧରିଥିବାରୁ ଭୟରେ ସନ୍ତୋଷ ବଳଙ୍ଗା ଥାନାକୁ ଫୋନ କରିବାରେ ଅଭିଯୁକ୍ତମାନେ ଉଭୟଙ୍କୁ ବମ ପକାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ ।




ଗଙ୍ଗନଗର


ଲକ୍ଷ୍ମୀସାଗର


ପଳାଶୁଣୀ


ରୁଚିକା ମାର୍କେଟ ବରମୁଣ୍ଡା


ଷ୍ଟେସନବଜାର


ହରପାର୍ବତୀ ଶିରିପୁର

# ଖୁଣ୍ଟୁଣୀ - ନରସିଂହପୁର ରାସ୍ତାରେ ଭାରୀଯାନ ଚଳାଚଳ କଟକଣା

କଟକ,(ସବ୍ୟୁ):ମା' ଦୁର୍ଗାଙ୍କ ପୂଜା ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଟ୍ରାଫିକ୍ ପରିଚାଳନା ଏବଂ ନିର୍ବିଘ୍ନ ଦର୍ଶନ ସୁନିଶ୍ଚିତ କରିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ରାଜପଥ-୬୫ରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି। କଟକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଦ୍ୱାରା ଜାରି ଆଦେଶ ଅନୁଯାୟୀ, ଅଠଗଡ଼ ପୋଲିସ ଥାନା ଅଧୀନରେ ଖୁଣ୍ଟୁଣୀରୁ ନରସିଂହପୁର ପର୍ଯ୍ୟନ୍ତ ରାଜ୍ୟ ରାଜପଥ-୬୫ର ଉଭୟ ପାର୍ଶ୍ୱରେ ଥିବା ଦୁର୍ଗାପୂଜା ମଣ୍ଡପଗୁଡ଼ିକୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି। ଆଦେଶ ଅନୁସାରେ, ୧୭ ଅକ୍ଟୋବରରୁ ୨୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଭାରୀଯାନ ଚଳାଚଳ ନିଷିଦ୍ଧ କରାଯାଇଛି। ପଥର, କଂକ୍ରିଟ୍ ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଟ୍ରକ୍, ଟିପ୍ପର, ଡମ୍ପର, ହାଇଭା, ଟ୍ରେଲର୍ ଏବଂ ଟ୍ରାନ୍ଜିଟ୍ ମିକ୍ସର୍ ସମେତ ଖାଲି ଓ ବୋଝେଇ ଭାରୀଯାନ ଏହି କଟକଣା ପରିସରଭୁକ୍ତ ହେବେ। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଆମ୍ବୁଲାନ୍ସ, ବସ୍, ଅଗ୍ନିଶମ ଗାଡ଼ି ଓ ପୋଲିସ ଗାଡ଼ି ସମେତ ଏଲ୍‌ପିଜି, ଇନ୍ଧନ, କ୍ଷୀର, ଔଷଧ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସାମଗ୍ରୀ ପରିବହନ କରୁଥିବା ଯାନବାହନକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। କଟକଣାର ସଠିକ୍ କାର୍ଯ୍ୟକାରିତା ପାଇଁ କଟକ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଚୌଦ୍ୱାରସ୍ଥିତ ଚାରବାଟିଆ ରାସ୍ତା ଓ କୋଠାବାଡ଼ି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏବଂ ଖଣି ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସମ୍ପୃକ୍ତ ଅଞ୍ଚଳର କ୍ରସର୍ ୟୁନିଟ୍‌ଗୁଡ଼ିକୁ ମଧ୍ୟ ଏହି ଆଦେଶ ସମ୍ପର୍କରେ ଅବଗତ କରାଯିବ।

# ଛାତ୍ର ସଂସଦ ନିର୍ବାଚନ - ଚର୍ଚ୍ଚାରେ ନାହାନ୍ତି ବାମପନ୍ଥୀ

ଭୁବନେଶ୍ୱର,(ତଥ୍ୟ) ସଦ୍ୟ ସମାପ୍ତ ଛାତ୍ରସଂସଦ ନିର୍ବାଚନ ଘେନି ବିଜେପି ଓ ବିଜେଡି ସଫଳତାର ଅଙ୍କ କଷୁଥିବାବେଳେ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକର କେଉଁଠି କେତେକ ଉପସ୍ଥିତି ରହିଛି ସେ ସଂକ୍ରାନ୍ତରେ କିନ୍ତୁ ବିଶେଷ ଚର୍ଚ୍ଚା ହେଉନାହିଁ। ସମଗ୍ର ଦେଶରେ ଯୁବ ଓ ଛାତ୍ରସମାଜର ସମର୍ଥନ ରାହୁଲ ଗାନ୍ଧୀଙ୍କ ପଛରେ ରହିଛି ବୋଲି କଂଗ୍ରେସ ନେତାମାନେ ତୁହାଇ ତୁହାଇ କହୁଥିବାବେଳେ ଓଡିଶାରେ କିନ୍ତୁ ଛାତ୍ର ସମାଜ କାହିଁକି କଂଗ୍ରେସ ଠାରୁ ଦୂରେଇଗଲେ ସେଥିନେଇ ଅନେକ ପୁରୁଖା କଂଗ୍ରେସ ନେତା ଓ କର୍ମୀ ପ୍ରଶ୍ନ ଉଠାଉଛନ୍ତି। ସେହିଭଳି ଏକଦା ରାଜ୍ୟର କୋଣ ଅନୁକୋଣରେ ବାମପନ୍ଥୀଦଳଗୁଡ଼ିକର ଛାତ୍ର ସଂଗଠନମାନେ ସେମାନଙ୍କର ଦବଦବା ପ୍ରତିପାଦିତ କରିଥିବାବେଳେ ୨୦୨୬ର ଛାତ୍ରସଂସଦ ନିର୍ବାଚନରେ କିନ୍ତୁ ସେମାନଙ୍କ ଉପସ୍ଥିତି ବିଶେଷ ଦେଖାଯାଉନାହିଁ। ଇତି ମଧ୍ୟରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଦାବି କରାଯାଇଛି ଯେ ଏହି ସଂଗଠନ ୮୧ ପ୍ରତିଶତ ସ୍ଥାନ ଦଖଲ କରିଛି। ବିଜେଡି ପକ୍ଷରୁ ଦାବି କରାଯାଉଛି ଯେ ଏହି ଦଳର ଛାତ୍ର ସଂଗଠନ ୬୦ ରୁ ୭୦ ପ୍ରତିଶତ ଆସନ ପାଇଛି। ତେବେ ବହ କସରତ ପରେ କଂଗ୍ରେସର କିଛି ନେତା କହୁଛନ୍ତି ଯେ ବିଭିନ୍ନ କଲେଜରେ ତାଙ୍କ ଦଳ ସମର୍ଥିତ ପ୍ରାର୍ଥୀମାନେ ୧୦ ପ୍ରତିଶତ ଆସନରୁ ଜୟଯୁକ୍ତ ହୋଇଛନ୍ତି। ଏଠାରେ ଉଲ୍ଲେଖନୀୟ ଯେ ବିଜେପିର ନିଜସ୍ୱ ଛାତ୍ର ସଂଗଠନ ନାହିଁ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହ ଜଡିତ ଏବିଭିପିକୁ ବିଜେପି ସମର୍ଥନ ଦେଇଥାଏ ଏବଂ ଏବିଭିପିର ବିଜୟକୁ ବିଜେପି ନେତାମାନେ ନିଜ ସଂଗଠନର ବିଜୟ ବୋଲି କହିଥାନ୍ତି। ବିଜେଡିର ଛାତ୍ର ସଂଗଠନ ବିଜୁ ଛାତ୍ର ଜନତା ଦଳ ଥିବାବେଳେ କଂଗ୍ରେସର ଛାତ୍ର କଂଗ୍ରେସ ରହିଛି। ସିପିଆଇର ଛାତ୍ର ସଂଗଠନ ଭାବେ ଏଆଇଏସଏଫ୍ ଜଣାଶୁଣା ଥିବାବେଳେ ସିପିଏମ୍‌ର ଏସଏଫ୍‌ଆଇ ଓ ଏସୟୁସିଆଇର ଡିଏସ୍‌ଓ ରହିଛି। ଏହାଛଡା ଆଉ କେତେକ ଛାତ୍ର ସଂଗଠନ ମଧ୍ୟ ଓଡିଶାରେ କାମ କରୁଛନ୍ତି। ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ରଛାତ୍ରୀମାନଙ୍କର ଯେତେ ଆଗ୍ରହ ଥିଲା ଏଥର ତାହା କମିବାଭଳି ଜଣାପଡୁଛି। ଆଗେ ୭୦ ରୁ ୯୦ ପ୍ରତିଶତ ଛାତ୍ରଛାତ୍ରୀ ଛାତ୍ରସଂସଦ ନିର୍ବାଚନରେ ମତଦାନ କରୁଥିବାର ନଜିର ରହିଛି। ଏଥର କିନ୍ତୁ ସାମଗ୍ରିକ ଭାବରେ ଏହା ୬୦ ପ୍ରତିଶତକୁ ବି ଟପିନାହିଁ। ଏମିତିକି କେତେକ ବିଶ୍ୱବିଦ୍ୟାଳୟ ଓ କଲେଜରେ ମତଦାନ ହାର ୫୦ ପ୍ରତିଶତରୁ କମ୍ ରହିଛି। ଭୋଟଦାନରୁ ବିରତ ରହିଥିବା ଅନେକ ଛାତ୍ରଛାତ୍ରୀ କହୁଛନ୍ତି ଯେ ଏଥର ଶିକ୍ଷାନୁଷ୍ଠାନ ପରିସରରେ ଯେଉଁଭଳି ହିଂସାକାଣ୍ଡ ସହିତ ମଦ, ମାଂସ ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥ ସମେତ ପେଟ୍ରୋଲ ଓ ମୋବାଇଲ ରିଚାର୍ଜ ପାଇଁ ପ୍ରାର୍ଥୀ ଓ ସେମାନଙ୍କ ଦଳଗୁଡ଼ିକ ପକ୍ଷରୁ ଟଙ୍କା ଉଡ଼ିଲା ତାହା ଅତ୍ୟନ୍ତ ଖରାପ ପରମ୍ପରା ସୃଷ୍ଟି କରୁଛି। ତେଣୁ ଗଣ୍ଡଗୋଳ ଆଶଙ୍କାରେ ଅନେକ ଛାତ୍ରଛାତ୍ରୀ ନିର୍ବାଚନ ଦିନ କଲେଜକୁ ଆସିନାହାନ୍ତି କିମ୍ବା ଆସିଲେ ବି ଭୋଟ ଦେଇନାହାନ୍ତି। ଅନେକ ଅଭିଭାବକ ମଧ୍ୟ ଅନୁରୂପ ମତବ୍ୟକ୍ତ କରୁଛନ୍ତି। ପୂର୍ବରୁ ବିଭିନ୍ନ ଦଳ ସହ ଅନୁବନ୍ଧିତ ଛାତ୍ର ସଂଗଠନଗୁଡ଼ିକ ପ୍ରାର୍ଥୀ ଦେଉଥିଲେ। କିନ୍ତୁ ଏଥର ଉଭୟ ସରକାରୀ ଓ ବିରୋଧିଦଳର ରାଜନେତାମାନେ ଖୋଲାଖୋଲି ଭାବେ କ୍ୟାମ୍ପସ ଭୋଟ୍ ହାତେଇବାପାଇଁ ଯେଉଁଭଳି ଉଦ୍ୟମ କଲେ ତାହା ଖରାପ ପରମ୍ପରା ସୃଷ୍ଟି କରିଛି। ଏଭଳି ରାଜନୈତିକ ବିବାଦ ଯୋଗୁଁ କେତେକ କଲେଜରେ ନିର୍ବାଚିତ ପ୍ରତିନିଧିମାନେ ଶପଥ ନେଇପାରିନଥିବାବେଳେ ଆଗାମୀ ଦିନରେ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ବିଭିନ୍ନ କାର୍ଯ୍ୟକ୍ରମରେ ଗଣ୍ଡଗୋଳ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ରାଜନେତାମାନେ ଛାତ୍ରଛାତ୍ରୀମାନଙ୍କୁ ନିଜ ନିଜ ଦଳ ପକ୍ଷକୁ ଆକର୍ଷିତ କରିବାପାଇଁ ଯେତେ ଗୁରୁତ୍ୱ ଦେଉଛନ୍ତି କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଖାଲି ପଡିଥିବା ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ ସମେତ ଭିତ୍ତିଭୂମି ବିକାଶ ଓ ଛାତ୍ରବୃତ୍ତି ପ୍ରଦାନ ଉପରେ ଗୁରୁତ୍ୱଦେଲେ ରାଜ୍ୟରେ ଶିକ୍ଷାର ବିକାଶ ହୋଇପାରିବ ବୋଲି ଅନେକ ଅଭିଭାବକ କହୁଛନ୍ତି।

# ଯାଁଳା ଓଭରବ୍ରିଜ ଉପରେ କଣ୍ଟେନର ପଛକୁ ପିଟିଲା ଆଇଚର, ଚାଳକ ମୃତ

ଜଟଣୀ, (ସବ୍ୟୁ) : ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ଓଭରବ୍ରିଜ ଉପରେ ଶନିବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ କଣ୍ଟେନର ଟ୍ରକ ପଛରେ



ଏକ ଆଇଚର ଟ୍ରକ ପିଟି ହେବା ଫଳରେ ଆଇଚର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି।ସୂଚନା ମୁତାବକ, ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କଣ୍ଟେନର ଟ୍ରକର ତେଲ ସରିଯିବାରୁ ତାହା ଯାଁଳା ଓଭରବ୍ରିଜ ଉପରେ ଛିଡା ହୋଇଥିଲା। ସେହି ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଆଇଚର ମାଲବାହୀ ଟ୍ରକ ଭାରସାମ୍ୟ ହରାଇ କଣ୍ଟେନର ପଛରେ ପିଟି ହୋଇଯାଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଆଇଚରର ସାମ୍ନା ଅଂଶ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା ଏବଂ ଚାଳକ କ୍ୟାବିନ ଭିତରେ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ଜାତୀୟ ରାଜପଥ ପେଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ମୃତ ଚାଳକ ଜଣକ କଳାହାଣ୍ଡି ଜିଲ୍ଲା ମଦନପୁର ଅଞ୍ଚଳର ଜିତେନ୍ଦ୍ର ବାରିକ ବୋଲି ଜଣାପଡିଛି। ଏହି ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥରେ ପ୍ରାୟ ଏକ ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ଇନଫୋଭାଲି ଥାନା ପୋଲିସ, ତମାଣ୍ଡୋ ଥାନା ପୋଲିସ ଏବଂ ଜଟଣୀ ଓ ତମାଣ୍ଡୋ ଫାୟାର ଷ୍ଟେସନ ଗାଡି ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନାକୁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି। ବୁଦ୍ଧିଜୀବୀଙ୍କ ମତରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏପରି ଭୟଙ୍କର ଦୁର୍ଘଟଣା ବାରମ୍ବାର ଘଟୁଛି। ଜାତୀୟ ରାଜପଥରେ ଦ୍ରୁତଗତି ନିୟନ୍ତ୍ରଣ ପାଇଁ କ୍ୟାମେରା ଲଗାଇ ସରକାର ଫାଇନ ଆଦାୟ କରିବାରେ ବ୍ୟସ୍ତ ଥିବା ବେଳେ ବେପରୁଆ ଗାଡି ଚାଳନା ରୋକିବା ପାଇଁ ପେଟ୍ରୋଲିଂର କୌଣସି ସଠିକ ବ୍ୟବସ୍ଥା ନାହିଁ। ଯାହା ଫଳରେ ଏପରି ବେପରୁଆ ଗାଡି ଚାଳନା ଯୋଗୁଁ ଏକ ବର୍ଷ ଭିତରେ ୩୬ ଜଣଙ୍କ ଜୀବନ ଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ କଠୋର ନିୟମ ପ୍ରଣୟନ କରି ଦୁର୍ଘଟଣା ରୋକିବା ଦିଗରେ ଧ୍ୟାନ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଗୁପ୍ତେଶ୍ୱର ସାହିରେ ମା'ଦୁର୍ଗାଙ୍କ ପିତ୍ତଳ ମେଢ଼ ଉଦ୍‌ଘାଟିତ

ଚୌଦ୍ୱାର,(ସବ୍ୟୁ) : ପବିତ୍ର ଦଶହରା ଅବସରରେ ଚଳିତ ବର୍ଷ ଚୌଦ୍ୱାର ଗୁପ୍ତେଶ୍ୱର ସାହି ପୂଜା କମିଟି ଦ୍ୱାରା ମା'ଦୁର୍ଗାଙ୍କ ପାଇଁ ନବନିର୍ମିତ ପିତ୍ତଳ ମେଢ଼ ଆଜି ଷଷ୍ଠୀ ତିଥିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ପ୍ରାୟ ଦେଢ଼ କ୍ୱିଣ୍ଟାଲ ପିତ୍ତଳରେ ନିର୍ମିତ ଏହି ପିତ୍ତଳ ମେଢ଼ ଚଳିତ ବର୍ଷ ରୂପଯାତ୍ରାରେ ବେଶ୍ ଆକର୍ଷଣ ସୃଷ୍ଟି କରିବ ବୋଲି କମିଟିର ସଭାପତି ବିଷ୍ଣୁଚରଣ ପରିଡ଼ା ପ୍ରକାଶ କରିଛନ୍ତି । ଶ୍ରୀ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ମେଢ଼ ଉଦ୍‌ଘାଟନୀ ଉତ୍ସବରେ ଉଦ୍‌ଘାଟକ ଭାବେ ହିନ୍ଦୁ ସେବକ ସଂଘର ସଭାପତି ଦାମୋଦର ସାହୁ, ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଂଜନ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଡଃ ଆଲୋକ କୁମାର ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ସୁବ୍ରତ ସାମଲ, ରୂପଯାତ୍ରା ପୂଜା କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ସୁଜିତ୍ କୁମାର ଜେନା, ବିଜେପି ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ବୈକୁଣ୍ଠ ପୃଷ୍ଟି, ହରିହର ପରିଡ଼ା, ଅଜିତ୍ ସ୍ୱାଇଁ, ବାବୁରାମ ବେହେରା, ମୋନାଲିସା ଦାସ, ରାଜୀବ ମହାନ୍ତି, ନିଳିମା ମହାପାତ୍ର, ପ୍ରଶାନ୍ତ ହୋତା, ରାଜରତନ ପରିଡ଼ା, ଅଲେଖ ବେହେରା, ରଘୁନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ଜିଲ୍ଲାସ୍ତରୀୟ ଓକଫେନୌ ଇଜତେମା ଉଦ୍‌ଘାଟିତ

# ସତ୍ ବଚନ, ସତ୍ କର୍ମ ଓ ସତ୍ ମାର୍ଗକୁ ଆପଣାଅ

ଖୋର୍ଦ୍ଧା, (ସବ୍ୟୁ): ସନ୍ତାନଙ୍କୁ ସୁଶିକ୍ଷା ଦେବା ବାପମା'ଙ୍କ କର୍ତ୍ତବ୍ୟ ହୋଇଥିବା ବେଳେ ବିଦ୍ୟା ଅର୍ଜନ କରିବା ଓ ସଂସ୍କାରୀ ହେବା ସମସ୍ତ ବର୍ଗର ମୁସଲମାନଙ୍କ ପାଇଁ ଆବଶ୍ୟକ ବୋଲି ଜିଲ୍ଲା ସ୍ତରୀୟ ୱକଫେନୌ ବାର୍ଷିକ ଇଜତେମାର ଉଦଘାଟନ ଅବସରରେ ମତ ପ୍ରକାଶ ପାଇଛି । କେରଙ୍ଗ-ମହମୁଦାବାଦ ସ୍ଥିତ ଅହମଦୀୟା ମୁସଲିମ ମସଜିଦ ନାସିର ଠାରେ ୱକଫେନୌ ସନ୍ତାନମାନଙ୍କର ଦୁଇ ଦିବସୀୟ ବାର୍ଷିକ ଇଜତେମାରେ କେରଙ୍ଗ ସଭାପତି ଓସିମ ଅହମଦ ଖାଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ଇନଚାର୍ଜ ମୌଲାନା ହଲିମ ଅହମଦ ଯୋଗଦେଇ ସନ୍ତାନଙ୍କ ପ୍ରତି ବାପମା'ଙ୍କ ଦାୟିତ୍ୱ ତଥା ସନ୍ତାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପିଲାଟି ଦିନରୁ ସତ୍ ବଚନ କହିବା, ସତ୍ କର୍ମ କରିବା । ସତ୍ ମାର୍ଗ ଆପଣାଇବା ତଥା ସଂସ୍କାରୀ ହେବା ବିଷୟରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ




ପବିତ୍ର କୋରାନ ପାଠ ତସଲିମ ଅହମଦ ଆବୃତ୍ତି କରିଥିବା ବେଳେ ଉର୍ଦ୍ଦୁ ନଜମ ତାସିଫ କରିମ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଖୋର୍ଦ୍ଧା ଓ ନୟାଗଡର ସଭାପତି ସୈଫୁର ଅହମଦ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହମୁଦାବାଦ ସଭାପତି ସେକ ଓଲିମୁଦ୍ଦିନ, ଜିଲ୍ଲା ଯୁବସଂଗଠନ ମଜଲିସ ଖୁଦ୍ଦାମୁଲ ଅହମଦୀୟାର ସଭାପତି ସୋଲେମାନ ଖାଁ, ଜିଲ୍ଲା ବୃଦ୍ଧାସଂଗଠନ ମଜଲିସ ଅନସାରୁଲ୍ଲାର ସଭାପତି ଅଜିଜୁଲ୍ଲା ଖାଁ ଏବଂ ଜିଲ୍ଲା ଓକଫେନୌ ସଚିବ ମୋଇନୁଦ୍ଦିନ ଖାଁ ଯୋଗଦେଇଥିଲେ । ଏହି ଇଜତେମାରେ ଓକଫେନୌ ପିଲାମାନଙ୍କର ବକ୍ତୃତା, କୁଇଜ, ନଜମ, ପବିତ୍ର କୋରାନ ଆବୃତ୍ତି ଏବଂ କ୍ରୀଡ଼ା ପ୍ରତିଯୋଗିତା ହେବାର କାର୍ଯ୍ୟକ୍ରମ ରହିଛି ।

# ମନ୍ଦିରରୁ ମୂର୍ତ୍ତି , ଘଣ୍ଟ ଚୋରି : ୩ ଗିରଫ

କଣାସ,(ସବ୍ୟୁ) : ପୁରୀଜିଲ୍ଲାକଣାସ ଥାନା ଅନ୍ତର୍ଗତ ଗ ଗ୍ରାମର ପ୍ରସିଦ୍ଧ ପ୍ରସନ୍ନ ମଲ୍ଲିକେଶ୍ୱର ମହାଦେବ



ମନ୍ଦିରରୁ ପ୍ରାଚୀନ ନାଗ ପ୍ରତିମା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଘଟଣାର ପର୍ଦ୍ଦାଫାଶ କରିଛି କଣାସ ପୋଲିସ । ଏହି ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସମସ୍ତ ଚୋରି ସାମଗ୍ରୀ ଜବତ କରିବାରେ ସଫଳ ହୋଇଛି ।ପୋଲିସ ସୂଚନା ଅନୁଯାୟୀ, ଗତ ୧୬ ଏବଂ ୧୭ ତାରିଖ ମଧ୍ୟରାତ୍ରିରେ କିଛି ଦୁର୍ବୃତ୍ତ ପ୍ରଭୁ ଶ୍ରୀ ପ୍ରସନ୍ନ ମଲ୍ଲିକେଶ୍ୱର ଦେବଙ୍କ ମନ୍ଦିରରୁ ୭ଟି ନାଗ ମୂର୍ତ୍ତି ଏବଂ ୨ଟି ଘଣ୍ଟ ସମେତ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିଲେ । ଏନେଇ ମନ୍ଦିର କର୍ତ୍ତୃପକ୍ଷଙ୍କ ଅଭିଯୋଗକୁ ଭିତ୍ତିକରି କଣାସ ଥାନାରେ କେସ ନଂ-୨୫୮/୨୦୨୬,ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା ।ଏହି ଘଟଣାରେ ଗିରଫ ଅଭିଯୁକ୍ତମାନେ ହେଲେ ଗଡ଼ସନପୁଟ ଗ୍ରାମରଗଦାଧର ମହାପାତ୍ର ପିତା ଧନେଶ୍ୱର ମହାପାତ୍ର, ଗଡବଡ଼ପୁଟ ଗ୍ରାମର , ପିତା- ମଧୁସୂଦନ ମାନସିଂହଙ୍କ ପୁଅ ରିତେଶ ମାନସିଂହ (୩୨), ପୂର୍ଣ୍ଣ ଚନ୍ଦ୍ର ସେନାପତିଙ୍କ ପୁଅ ମିଲୁ ଓରଫ ପ୍ରୀତି ରଞ୍ଜନ ସେନାପତି (୩୧) ।କଣାସ ପୋଲିସ ଉପରୋକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କ ଠାରୁ ସମସ୍ତ ଚୋରି ହୋଇଥିବା ମୂର୍ତ୍ତି ଓ ଘଣ୍ଟ ଜବତ କରିଛି । କିଛି ବର୍ଷ ପୂର୍ବରୁ କଣାସ ଅଞ୍ଚଳରୁ କେତେକ ମନ୍ଦିରରୁ ଏହି ଭଳି ମୂର୍ତ୍ତି ଚୋରି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରାପଡ଼ି ନଥିଲେ । ଏହି ଅଭିଯୁକ୍ତମାନଙ୍କୁ ଅଧିକ ତଦନ୍ତ କରିବା ପାଇଁ ପୋଲିସ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି ।

# ଓଡ଼ିଶା ଓବିସି କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ହେଲେ ଶିଶିର ପରିଡ଼ା

ଖୋର୍ଦ୍ଧା, (ସବ୍ୟୁ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ଅନ୍ତର୍ଗତ ଓବିସି କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ଭାବେ ଖୋର୍ଦ୍ଧାର ବରିଷ୍ଠ ଆଇନଜୀବୀ ଶିଶିର ପରିଡ଼ା ନିଯୁକ୍ତ ହୋଇଛନ୍ତି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ଅନୁମୋଦନ କ୍ରମେ ଓବିସି କଂଗ୍ରେସର ନୂତନ ନିଯୁକ୍ତି



ଏହି ତାଲିକାରେ ଶିଶିରଙ୍କ ନାମ ରାଜ୍ୟ ଉପାଧ୍ୟକ୍ଷଙ୍କ ୧୪ ଜଣିଆ ତାଲିକାରେ ସ୍ଥାନ ପାଇଛି। ଶିଶିର ପରିଡ଼ା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଦୀର୍ଘଦିନ ଧରି କଂଗ୍ରେସ ସଂଗଠନ ସହ ଜଡ଼ିତ ରହି ଦଳର ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଭୂମିକା ନିର୍ବାହ କରିଆସିଛନ୍ତି। ତାଙ୍କର ଦଳୀୟ ନିଷ୍ଠା ଓ ସାଂଗଠନିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଏହି ନୂତନ ଦାୟିତ୍ୱ ମିଳିଥିବା କୁହାଯାଉଛି। ଏହି ନିଯୁକ୍ତି ପାଇଁ ଶିଶିର ପରିଡ଼ା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଯୁକ୍ତ ୩ ଚତୁର୍ଥ ସେମିଷ୍ଟର ପରୀକ୍ଷାରେ ୯୧ % ନମ୍ବର ସହ ଏମ୍‌ସିଏଏମ୍ ଛାତ୍ରଙ୍କ ଶ୍ରେଷ୍ଠ ସଫଳତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍) ର ଛାତ୍ରଛାତ୍ରୀମାନେ ଯୁକ୍ତତିନି ଚତୁର୍ଥ ସେମିଷ୍ଟର ପରୀକ୍ଷାରେ ଉଲ୍ଲେଖନୀୟ ଫଳାଫଳ କରି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଫଳାଫଳରେ ବାଣିଜ୍ୟ ବିଭାଗର ଅଭିଜିତ ସିଂହ ୯୧ପ୍ରତିଶତ ଏବଂ ପଦାର୍ଥ ବିଜ୍ଞାନ ବିଭାଗର ସ୍ମୃତିରେଖା ନାୟକ ୮୯ ପ୍ରତିଶତ ନମ୍ବର ହାସଲ କରିଛନ୍ତି । ସେହିପରି ପ୍ରାଣୀ ବିଜ୍ଞାନ, ଆଇଟି ଓ ସମାଜ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ୮୭ ପ୍ରତିଶତ ଏବଂ ଉଦ୍ଭିଦ ବିଜ୍ଞାନ, ମାଇକ୍ରୋବାୟୋଲୋଜି ଓ ସାନ୍ତାଳୀ ବିଭାଗର ଛାତ୍ରଛାତ୍ରୀ ୮୫ ପ୍ରତିଶତ ନମ୍ବର ରଖିଛନ୍ତି । ଶିକ୍ଷା, ଗୃହ ବିଜ୍ଞାନ, ଓଡ଼ିଆ ଓ ଦର୍ଶନ ଶାସ୍ତ୍ର ବିଭାଗରେ ୮୩ ପ୍ରତିଶତ ଏବଂ ରସାୟନ ବିଜ୍ଞାନ, ଇଂରାଜୀ ଓ ଇତିହାସ ବିଭାଗରେ ୮୧ ପ୍ରତିଶତ ନମ୍ବର ହାସଲ କରି ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରିଛନ୍ତି । ଏହି ସଫଳତାରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଓ ଉପାଧ୍ୟକ୍ଷା ସଂଘମିତ୍ରା ନାୟକ ସଫଳ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଛାତ୍ରଛାତ୍ରୀଙ୍କ ନିଷ୍ଠା, ଅଧ୍ୟାପକ-ଅଧ୍ୟାପିକାଙ୍କ ମାର୍ଗଦର୍ଶନ ଓ ସାମୂହିକ ପ୍ରୟାସ ଏହି ସଫଳତାର ମୁଖ୍ୟ କାରଣ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି ।

## ବୁଗୁଡ଼ା ବ୍ଲକରେ "ସେବା ସେତୁ' ଶିବିର କାର୍ଯ୍ୟକ୍ରମ



ବୁଗୁଡ଼ା, (ସବ୍ୟୁ) : ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ "ସେବା ସେତୁ' ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ଏବିଡିଓ ଧର୍ମରାଜ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ରହିଥିଲେ । ଏ ଅବସରରେ ରାଜ୍ୟ ସରକାରଙ୍କ ଯୋଜନା କ୍ରମେ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଅନୁମୋଦିତ ବିଭିନ୍ନ ବାଣିଜ୍ୟିକ ପ୍ରକଳ୍ପର ରିହାତି ଅର୍ଥରାଶି ପ୍ରଦାନ କରାଯାଇଥିଲା । ଏଥିସହ ଛେଳି ପାଳନ ଯୋଜନାରେ ହିତାଧିକାରୀ ଚୟନ ସାଙ୍ଗକୁ କୃଷି ଯୋଜନାରେ ବିହନ ପାଇଁ ରିହାତି ଅର୍ଥରାଶିର ଅନୁମୋଦନ କରାଯାଇଥିଲା ବେଳେ ଓଡିଶା ଜୀବିକା ମିଶନ ଆନୁକୂଲ୍ୟରେ ଦଶଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅର୍ଥରାଶି ପ୍ରଦାନ କରାଯାଇଥିଲା ।

## କାର-ବାଇକ୍ ମୁହାଁମୁହିଁ, ଦମ୍ପତି ଗୁରୁତର

ବୁଗୁଡା, (ସବ୍ୟୁ) : ବୁଗୁଡା ସହର ମୁଖ୍ୟ ସଡକରେ କାର ଓ ବାଇକ୍ ଗାଡି ମୁହାଁମୁହିଁ ଧକ୍କାରେ ବାଇକ୍ ଆରୋହୀ ଦମ୍ପତି ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଦୁର୍ଘଟଣାରେ ଗୁରୁତର ଥିବା ଦମ୍ପତି ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ପଞ୍ଚାୟତ ଚାଙ୍ଗୁଡିଆପଦର ଗ୍ରାମର ବସନ୍ତ ସାହୁ (୫୦) ଓ ଚୁମୁକି ସାହୁ(୪୦) । ପ୍ରକାଶ ଯେ, ବୁଗୁଡା ଏନ୍‌ଏସି ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗାଁରେ ଭଡାଘରେ ରହି ବେପାର କରୁଥିବା ବସନ୍ତ ତାଙ୍କର ସ୍ତ୍ରୀ ଚୁମୁକି ଓ ପୁଅ ଜଗା ଆଜି ଶନିବାର ପୂର୍ବାହ୍ନରେ ବାଇକରେ ବୁଗୁଡାରୁ ଗୋଲାମୁଣ୍ଡୁଳା ଗାଁକୁ ଫେରୁଥିଲେ । ଏହି ସମୟରେ ଆସ୍କାରୁ ନୟାଗଡ ଅଭିମୁଖେ ମୁଖ୍ୟ ସଡକରେ ଆସୁଥିବା ଏକ କାର ସହ ସ୍ଥାନୀୟ ଏଚଡ଼ିଏଫସି ବ୍ୟାଙ୍କ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । କାରଟି ବାଇକ୍ ସହ ଧକ୍କା ହେବା ପରେ ପୁଣି ଏକ ଡାଲା ଅଟୋ ସହ ଧକ୍କାହୋଇଥିଲା । ଦୁର୍ଘଟଣାରେ ବାଇକ ଆରୋହୀ ତିନିହେଁ ଆହତ ହୋଇଥିଲେ । ଏନେଇ ଖବର ପାଇ ଦମକଳବାହିନୀ ଘଟଣା ସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ । ଦୁର୍ଘଟଣାରେ ବସନ୍ତଙ୍କ ଡାହାଣ ଗୋଡ ଭାଙ୍ଗିବା ସହ ମୁହଁରେ ଆଘାତ ଲାଗିଥିଲା ବେଳେ ଚୁମୁକିଙ୍କ ବାମ ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା ଏବଂ ପୁଅ ଜଗାର ମୁହଁରେ ଆଘାତ ଲାଗିଥିଲା । ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଦମ୍ପତିଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା । ଅନ୍ୟପକ୍ଷରେ ଦୁର୍ଘଟଣାଗ୍ରସ୍ତ କାର ମଧ୍ୟରେ ଥିବା ଚାଳକ ଆଶିଷ କୁମାର ଦାଶ ଓ ତାଙ୍କର ଭଉଣୀ ଆହତ ହୋଇନଥିବା ବେଳେ ଭଣଜା ଶ୍ରେୟାଂଶ ଶତପଥୀଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ତେବେ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର (ନଂ - ଓଡି ୦୨ ଏବି - ୬୪୧୯), ବାଇକ୍ (ନଂ-ଓଡି ୦୭ ଏଏକ୍ସ-୭୫୬୪) ଓ ନମ୍ବର ବିହୀନ ନୂଆଁ ଡାଲା ଅଟୋଟିକୁ ଉଦ୍ଧାର କରି ଥାନାକୁ ଆଣିଥିବା ଜଣାଯାଇଛି ।

## ଆକ୍ରମଣ କରି ଗାଡି ଲୁଟ୍ ଘଟଣାରେ ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଏକ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ଛତ୍ରପୁର ଷ୍ଟେସନ ରୋଡ୍ର ଟିଙ୍କରା କୁମାର ବେହେରା (୩୭) । ଅଭିଯୁକ୍ତଙ୍କ ବ୍ୟବହୃତ ସ୍କର୍ପିଓ ଗାଡ଼ିକୁ ଜବତ କରାଯାଇଥିଲା । ମାମଲା ନଂ ୫୨୯/୨୬ ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଗତ ୧୪ ତାରିଖ ସନ୍ଧ୍ୟାରେ ସିଦ୍ଧାର୍ଥ ନଗର ଅଞ୍ଚଳର ଅନିଲ କୁମାର ଡାକୁଆ (୩୩) ନିଜ ପୁଅ ସହ ସିଦ୍ଧାର୍ଥ ନଗର ଛକ ନିକଟ ପରିବା ବଜାରକୁ ଯାଇଥିଲେ । ସେଠାରେ ଏକ ସ୍କର୍ପିଓ ଗାଡ଼ି (ନଂ-ଓଡି-୦୭-ଏ-୪୪୪୪) ତାଙ୍କ ଜୁପିଟର ସ୍କୁଟି (ନଂ-ଓଡି-୦୭-ବି-୩୩୨୧)କୁ ଧକ୍କା ଦେଇଥିଲା । ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବଚସା ହେବାରୁ ସ୍କର୍ପିଓରେ ଥିବା ବ୍ୟକ୍ତିମାନେ ଅନିଲଙ୍କୁ ମାଡ଼ ମାରିବା ସହ ତାଙ୍କ ସ୍କୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏନେଇ ଅନିଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୋଲିସ କହିଛି ।







## ଅବସରପ୍ରାପ୍ତ ବରିଷ୍ଠ ସହାୟକ କୃଷ୍ଣଚନ୍ଦ୍ର ଦାସଙ୍କ ପରଲୋକ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ ସହାୟକ କୃଷ୍ଣଚନ୍ଦ୍ର ଦାସଙ୍କର ୮୬ବର୍ଷ ବୟସରେ ପରଲୋକ ଘଟିଛି । ବାରିପଦା ପୌରପାଳିକାର ୧୫ନମ୍ବର ଓ୍ୱାର୍ଡସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ବାରିପଦାର ପୂର୍ବତନ ବିଧାୟକ ସ୍ୱର୍ଗତ ବିମଳ ଲୋଚନ ଦାସଙ୍କ ସାନ ଭାଇ ଥିଲେ । କୃଷ୍ଣଚନ୍ଦ୍ର ଦାସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ନିଷ୍ଠାର ସହ କାର୍ଯ୍ୟ କରି ୧୯୯୯ ମସିହାରେ ଅବସର ଗ୍ରହଣ କରିଥିଲେ । ଚାକିରି ଜୀବନରୁ ଅବସର ନେବା ପରେ ମଧ୍ୟ ସେ ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ । ତାଙ୍କର ସରଳ ଜୀବନଶୈଳୀ ଓ ସମାଜସେବା ପ୍ରତି ଆଗ୍ରହ ଯୋଗୁଁ ସେ ବାରିପଦାରେ ଜଣେ ପରିଚିତ ବ୍ୟକ୍ତିତ୍ୱ ଭାବେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବାରିପଦାର ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଗଭୀର ଶୋକ ପ୍ରକାଶ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏଥିସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଭାରତୀ ଦାସ, ତିନିପୁତ୍ର ସଞ୍ଜୀବ କୁମାର ଦାସ, ରଞ୍ଜୀବ ଦାସ ଓ ରାଜୀବ କୁମାର ଦାସ, ଝିଅ ମିନତି ଦାସ ଏବଂ ଜ୍ୱାଇଁ ଭବାନୀ ଶଙ୍କର ଦାସଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।



























## ଜିଲ୍ଲାରେ ଶିକ୍ଷାର ଭିତ୍ତିଭୂମି ଦୟନୀୟ

# ୧୨୨୮ସ୍କୁଲ ପାଚେରୀ ବିହୀନ, ୧୬୭ରେ ଶୌଚାଳୟ ଅଚଳ



ରାୟଗଡ଼ା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ନେଇ ସରକାରୀସ୍ତରରେ ବିଭିନ୍ନ ଯୋଜନା ଚାଲିଥିଲେ ମଧ୍ୟ ଏବେ ବି ଅନେକ ବିଦ୍ୟାଳୟରେ ମୌଳିକ ସୁବିଧା ଅପହଞ୍ଚ । ଜିଲ୍ଲାର ମୋଟ ୧୯୮୬ଟି ବିଦ୍ୟାଳୟ ମଧ୍ୟରୁ ୧୬୭ଟିରେ ଶୌଚାଳୟ କାର୍ଯ୍ୟକ୍ଷମ ନଥିବା ବେଳେ ୧୨୪ଟି ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ ନାହିଁ । ସବୁଠାରୁ ଅଧିକ ସମସ୍ୟା ପାଚେରୀକୁ ନେଇ । ଜିଲ୍ଲାର ୧୨୨୮ଟି ବିଦ୍ୟାଳୟରେ ପାଚେରୀ ନଥିବା ତଥ୍ୟ ସାମ୍ନାକୁ ଆସିଛି । ଜିଲ୍ଲାରେ ୧୧୩୫ଟି ପ୍ରାଥମିକ, ୫୫୯ଟି ଉଚ୍ଚ ପ୍ରାଥମିକ, ୨୧୬ଟି ମାଧ୍ୟମିକ ଓ ୭୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ବ୍ଲକ ୱାରୀ ତଥ୍ୟରେ କାଶୀପୁରରେ ସ୍ଥିତି ଅଧିକ ଚିନ୍ତାଜନକ । ଏଠାରେ ୨୧୫ଟି ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୭୦ଟିର ଶୌଚାଳୟ ଅଚଳ ଓ ୪୩ଟିରେ ବିଦ୍ୟୁତ ସଂଯୋଗ ନାହିଁ। ମୁନିଗୁଡ଼ାରେ ୧୨୧ଟି, କଲ୍ୟାଣସିଂହପୁରରେ ୧୧୧ଟି, ବିଷମକଟକରେ ୧୫୧ଟି ଓ ଗୁଣପୁରରେ ୧୧୪ଟି ବିଦ୍ୟାଳୟରେ ପାଚେରୀ ନାହିଁ । ସେହିପରି ରାୟଗଡ଼ା ବ୍ଲକର ୧୪୫, କୋଲନରାର ୯୬, ଚନ୍ଦ୍ରପୁରର ୯୧, ଗୁଡ଼ାରୀର ୭୯, ରାମନାଗୁଡ଼ାର ୫୯ ଓ ପଦ୍ମପୁରର ୪୬ଟି ବିଦ୍ୟାଳୟ ପାଚେରୀ ବିହୀନ । ଏହା ସହ ଶୌଚାଳୟ ଓ ବିଦ୍ୟୁତ ସୁବିଧାର ଅଭାବ ମଧ୍ୟ ରହିଛି ।

ଅନ୍ୟପକ୍ଷରେ ୨୦୨୧-୨୨ରୁ ୨୦୨୫-୨୬ ମଧ୍ୟରେ ସମଗ୍ର ଶିକ୍ଷା ଅଭିଯାନରେ ବିଦ୍ୟାଳୟ ଉନ୍ନତି ପାଇଁ ୬୦,୭୮,୬୦,୪୭୩ ଟଙ୍କା ବ୍ୟୟ ହୋଇଛି । ରାଜ୍ୟ ଓ କେନ୍ଦ୍ର ଯୋଜନାରେ ୧୯,୪୦,୬୩,୯୨୭ ଟଙ୍କା ଏବଂ ପିଏମ-ଶ୍ରୀ ବିଦ୍ୟାଳୟ ପାଇଁ ୩,୨୭,୧୧,୮୯୪ ଟଙ୍କା ବ୍ୟୟ ହୋଇଥିବା ତଥ୍ୟରେ ଦର୍ଶାଯାଇଛି । ଏତେ ପରିମାଣର ଅର୍ଥ ବ୍ୟୟ ପରେ ମଧ୍ୟ ଏତେ ସଂଖ୍ୟକ ବିଦ୍ୟାଳୟ ମୌଳିକ ସୁବିଧାରୁ ବଞ୍ଚିତ ରହିବା ନେଇ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ରାୟଗଡ଼ା ବିଧାୟକ କାଡ୍ରାକା ଆପାଲାସ୍ୱାମୀ କହିଛନ୍ତି, ସେ ବିଧାନସଭାରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏନେଇ ଲିଖିତ ପ୍ରଶ୍ନ କରିଛନ୍ତି । ଅନେକ ବିଦ୍ୟାଳୟରେ ଭିତ୍ତିଭୂମିର ଅଭାବ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରୁଛି । ତେଣୁ ପ୍ରଶାସନ ପ୍ରଥମେ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ଭିତ୍ତିଭୂମିରେ ସୁଧାର ଆସିଲେ ହିଁ ଶିକ୍ଷା ବ୍ୟବସ୍ଥାରେ ଆଶାନୁରୂପ ସୁଧାର ଆସିପାରିବ ।

## ରଣ୍ଡିମହୁଲ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ

କଣ୍ଟାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ରୁଣ୍ଡିମହୁଲ ଦଧିବାମନ ଉଚ୍ଚ ବିଦ୍ୟାଳୟଠାରେ ନବମ ଜାତୀୟ ପୋଷଣ ମାସ-୨୦୨୬ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପଙ୍କଜିନୀ ମିଶ୍ର ଯୋଗଦେଇଥିଲେ । ସଚେତନତା କାର୍ଯ୍ୟ କ୍ରମରେ ପୋଷଣର ଗୁରୁତ୍ୱ, ସନ୍ତୁଳିତ ଖାଦ୍ୟ ଗ୍ରହଣ ଏବଂ ସୁସ୍ଥ ଜୀବନଯାପନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ଅତିଥି ମାନଙ୍କ ଦ୍ୱାରା ସଚେତନ କରାଯାଇଥିଲା । ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟରେ ପୋଷଣ ସମ୍ପର୍କିତ ଓଡ଼ିଆ ରଚନା, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସୁନନ୍ଦା ଖଟୁଆ, ପୂଜାରାଣୀ ବାଘ, ଆଦ୍ୟାଶା ବାରିକ, ସୁଭଦ୍ରା ସାହୁ, ମିଙ୍କି ପାତ୍ର, ରୁବିଣା ସାହୁ, ବର୍ଷା ବାଘ ଓ ସୌମ୍ୟା ନନ୍ଦଙ୍କୁ ସାର୍ଟିଫିକେଟ ସହ ଟ୍ରଫି ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ସଚେତନତା କାର୍ଯ୍ୟ କ୍ରମକୁ ସୁପରଭାଇଜର ବାସନ୍ତୀ ମହାକୁଡ଼ ଓ ପୋଷଣ ସଂଯୋଜକ ପୁରନ୍ଦର ମେହେର ସହଯୋଗ କରିଥିଲେ ।



ସହକାରୀ ଶିକ୍ଷକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଣ୍ଡିତ ନିରଞ୍ଜନ ସାହୁଙ୍କ ସମେତ ପ୍ରଶାନ୍ତ ଶୁକ୍ଲା, ମୁସାନ୍ତ ରଥ ଓ ମାର୍କଣ୍ଡ ନାଗ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ପୋଷଣ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ବୃଦ୍ଧି କରିବାକୁ ପ୍ରୟାସ କରାଯାଇଥିଲା ।

## କ୍ଲବ ପାଇଁ ଚିହ୍ନଟ ଜମିର ସିମେଣ୍ଟ ଖୁଣ୍ଟ ଭାଙ୍ଗିଲେ ଦୁର୍ବୃତ୍ତ !

ଅମ୍ବାଭୋନା,(ସବ୍ୟୁ) : ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପ୍ରକାଶପୁର ଠାରେ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦ ପାଇଁ ସାଲେ୍ହପାଲି ରାସ୍ତାକଡ଼ରେ ଚିହ୍ନଟ ହୋଇଥିବା ଜମିର ସୀମା ନିର୍ଦ୍ଧାରଣ ପାଇଁ ପୋତାଯାଇଥିବା ସିମେଣ୍ଟ ଖୁଣ୍ଟ ଗୁଡ଼ିକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ପରିଷଦର ସ୍ଥାୟୀ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦ ପାଇଁ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସାଲେ୍ହପାଲି ରାସ୍ତାକଡ଼ରେ ଏକ ଜମି ଚିହ୍ନଟ କରାଯାଇଥିଲା । ଉକ୍ତ ଜମିର ସୀମା ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟରେ ସିମେଣ୍ଟ ଖୁଣ୍ଟ ପୋତାଯାଇଥିଲା । ତେବେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଏହି ଖୁଣ୍ଟଗୁଡ଼ିକ ଭାଙ୍ଗି ଦିଆଯାଇଥିବା ସଦସ୍ୟମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଏହି ଘଟଣା ପରିଷଦର ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଥିବା ବେଳେ ଚିହ୍ନଟ ଜମିର ସୁରକ୍ଷାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ସରକାରୀ ରାଜସ୍ୱ ଅଧିକାରୀଙ୍କ ନିର୍ଦ୍ଦେଶରେ ଚିହ୍ନଟ ହୋଇଥିବା ଜମିର ସୀମା ଚିହ୍ନ ନଷ୍ଟ କରିବା ଘଟଣାରେ ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରିବା ଆବଶ୍ୟକ ବୋଲି ପରିଷଦର ସଦସ୍ୟମାନେ ମତ ପ୍ରକାଶ କରିଛନ୍ତି । ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ଖୁଣ୍ଟ ଭାଙ୍ଗିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପରିଷଦର ସ୍ଥାୟୀ ସଦସ୍ୟମାନେ ପୁଲିସ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଅଭିଯୋଗ ପରେ ଅମ୍ବାଭୋନା ପୁଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

## ବାଇକକୁ ପଛପଟୁ ଧକ୍କା ଦେଲା ଟ୍ରକ, ଯୁବତୀ ମୃତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ୫୩ନମ୍ବର ଜାତୀୟ ରାଜପଥର ଭୋଇଟିକ୍ରା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ବରଗଡ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ବାଲିକୁନ୍ଦୁରା ଗ୍ରାମର ବବଲି ବାଗ(୨୧) ବୋଲି ଜଣାପଡିଛି । ଖବର ପାଇ ଗୋଶାଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଦୁର୍ଘଟଣାଗ୍ରସ୍ତ ଟ୍ରକ ଓ ବାଇକକୁ ଜବତ କରି ଘଟଣାର ତଦନ୍ତ କରୁଛି । ସୂଚନାଯୋଗ୍ୟ, ବରପାଲି ଥାନା ଅନ୍ତର୍ଗତ ଖମେଶିରା ଗ୍ରାମର ଭରତ ସିଂ(୨୮) ଓ ବବଲି ବାଗ ଉଭୟେ ବାଇକ ଗାଡି ନମ୍ବର(ଓଡି୦୨ଡିଏଲ୍-୭୬୬୬) ଯୋଗେ ସମ୍ବଲପୁର ପଟକୁ ଯାଉଥିଲେ। ଏହି ସମୟରେ ଟ୍ରକ ଗାଡି ନମ୍ବର(ଡବ୍ଲୁବି୫୫ଏଫ୍- ୫୪୪୮) ତାଙ୍କୁ ଭୋଇଟିକ୍ରା ଛକ ନିକଟରେ ପଛପଟୁ ଧକ୍କା ଦେଇଥିଲା । ଫଳରେ ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ । ମାତ୍ର ବବଲିଙ୍କ ଉପରେ ଟ୍ରକ ଚଢି ଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ତେବେ ଏହି ଦୁର୍ଘଟଣା ପରେ ଗାଡି ଚାଳକ ଟ୍ରକ ଛାଡି ଫେରାର ହୋଇଥିବା ଜଣାପଡିଛି । ଏନେଇ ବୁର୍ଲା ଥାନାରେ ୪୪୪/୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି ।

# ଛାତ୍ର ମୃତ୍ୟୁ ପରେ ଟ୍ରାଫିକ ନିୟନ୍ତ୍ରଣ କଡ଼ାକଡ଼ି

## ଓକିଲ ସଂଘ-ପୋଲିସ ପ୍ରଶାସନର ଆଲୋଚନା

ପଦ୍ମପୁର,(ସବ୍ୟୁ) : ପଦ୍ମପୁରରେ ଟ୍ରାଫିକ ସମସ୍ୟାର ସମାଧାନ ଓ ସଡ଼କ ଦୁର୍ଘଟଣା ରୋକିବା ଦିଗରେ ପଦକ୍ଷେପ ନେବାକୁ ପଦ୍ମପୁର ଓକିଲ ସଂଘ ଓ ପୋଲିସ ପ୍ରଶାସନ ମଧ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଅଷ୍ଟମ ଶ୍ରେଣୀର ଛାତ୍ର କମଳ ତାରିଆଙ୍କ ମୃତ୍ୟୁ ପରେ ମର୍ମାହତ ଓକିଲ ସଂଘର ସଦସ୍ୟମାନେ ସ୍ଥାନୀୟ ପୋଲିସ ପ୍ରଶାସନ ସହ ଆଲୋଚନା କରିଥିଲେ । ଆଲୋଚନାରେ ସହରର ଟ୍ରାଫିକ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ବସ ଚଳାଚଳ ଓ ପାର୍କିଂ ବ୍ୟବସ୍ଥାରେ ପରିବର୍ତ୍ତନ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି । ନିଷ୍ପତ୍ତି ଅନୁଯାୟୀ, ସମସ୍ତ ସରକାରୀ ଓ ବେସରକାରୀ ବସ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବସ୍‌ଷ୍ଟାଣ୍ଡକୁ ନଯାଇ ଦୋରା ପେଟ୍ରୋଲ ପମ୍ପ ନିକଟସ୍ଥ ଅସ୍ଥାୟୀ ଷ୍ଟାଣ୍ଡରେ ରହିବେ । ସେହିପରି ଲକ୍ଷ୍ମୀ ବସ ଗୁଡ଼ିକ ବ୍ଲକ



ପରିସରରେ ନରହି ଆର୍‌ଏମସି ଗୋରୁ ବଜାର ପ୍ରାଙ୍ଗଣରେ ରହିବେ । କୌଣସି ପରିସ୍ଥିତିରେ ବସ ଗୁଡ଼ିକ ଭେଡଁରିଆ ଛକରେ ରହିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ଏହି ନିଷ୍ପତ୍ତିକୁ ସଫଳ କରିବା ପାଇଁ ଜନସାଧାରଣ, ବସ ମାଲିକ ସଂଘ, ରିକ୍ସା ସଂଘ ଓ ଅନ୍ୟାନ୍ୟ ସଂଗଠନ ଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି ପଦ୍ମପୁର ଓକିଲ ସଂଘ ଓ ପୋଲିସ ପ୍ରଶାସନ । ଅନ୍ୟପକ୍ଷରେ, ଚଳିତ ଦୁର୍ଗାପୂଜାରେ ପୂର୍ବବର୍ଷ ତୁଳନାରେ ଜନସମାଗମ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଆଇନଶୃଙ୍ଖଳା ରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ଯୋଜନା ଓ ଅଭିଯାନ ହାତକୁ ନେବାକୁ ଓକିଲ ସଂଘ ପକ୍ଷରୁ ପୋଲିସ ପ୍ରଶାସନକୁ ଅନୁରୋଧ କରାଯାଇଥିଲା। ବୈଠକରେ ଓକିଲ ସଂଘର ବରିଷ୍ଠ ସଦସ୍ୟ ଗୌନ୍ତିଆ କୁମାର ସାହୁ, ସମ୍ପାଦକ ହରିଶଙ୍କର ସିଂହ, ପ୍ରଶାନ୍ତ ମାଝୀ, ଲିଙ୍ଗରାଜ ସାହୁ, ପ୍ରମୋଦ ବେହେରା, ଶୁଭାଶିଷ ମିଶ୍ର, ସୁଶାନ୍ତ ସାହୁ, ଚିନ୍ମୟ ପଣ୍ଡା, ଅରୁଣ ଦାନୀ ଓ ମଳୟ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ଏସଡ଼ିପିଓ ପାଣ୍ଡବ ଶବର ଓ ଆଇଆଇସି କେ. ସାମରିଆ ଯୋଗଦେଇଥିବା ବେଳେ ବେସରକାରୀ ବସ ମାଲିକ ସଂଘର ସଦସ୍ୟ ଓ ଅନ୍ୟାନ୍ୟ ସଂଗଠନର ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ ।

# ବିଜୟ ଶୋଭାଯାତ୍ରାରେ କମ୍ପିଲା କାଲିମେଳା

## ଏନଏସୟୁଆଇର ବିପୁଳ ବିଜୟ

ମାଲକାନଗିରି,(ସବ୍ୟୁ) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ଏନଏସୟୁଆଇ ସମର୍ଥିତ ପ୍ରାର୍ଥୀଙ୍କ ବିଜୟ ପରେ ଶୁକ୍ରବାର ଏକ ବିଶାଳ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଡିଜେ ଓ ବ୍ୟାଣ୍ଡ ବାଜାର ତାଳେ ତାଳେ ଛାତ୍ରଛାତ୍ରୀଙ୍କ ନାଚଗୀତରେ କାଲିମେଳା ସହର ଉତ୍ସବମୁଖର ହୋଇଉଠିଥିଲା। ଗତ ୧୬ ଅକ୍ଟୋବର ୨୦୨୬ ଶୁକ୍ରବାର ଦିନ ମହାବିଦ୍ୟାଳୟରେ ନବନିର୍ବାଚିତ ଛାତ୍ର ସଂସଦର ଶପଥ ଗ୍ରହଣ କାର୍ଯ୍ୟକ୍ରମ ଶେଷ ହେବା ପରେ ଏହି ବିଜୟ ଶୋଭାଯାତ୍ରା ବାହାରିଥିଲା । ଏଥିରେ ନବନିର୍ବାଚିତ ଛାତ୍ର ସଂସଦ ସଭାପତି ପ୍ରଣୀତ କୁମାର ବିହାରୀ, ସାଂସ୍କୃତିକ ସମ୍ପାଦକ ଶୁଭମ ପଟ୍ଟନାୟକ, ସହକାରୀ ସାଧାରଣ ସମ୍ପାଦକ ସ୍ମିତା ପଡ଼ିଆମୀ, ଶ୍ରେଣୀ ପ୍ରତିନିଧି ରାହୁଲ ଚକ୍ରବର୍ତ୍ତୀଙ୍କ ସମେତ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା କ୍ରୀଡ଼ା ସମ୍ପାଦକ ହିମାଂଶୁ ହରିଜନ ଓ ଡିଏସଏ ସମ୍ପାଦକ ମୁଟା ସୋୟାମ ସାମିଲ ହୋଇଥିଲେ। ମହାବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଏମ୍ଭି-୯୦ ଗ୍ରାମ ଦେଇ ପ୍ରାୟ ୪ କିଲୋମିଟର ଅତିକ୍ରମ କରି କାଲିମେଳା ସହରର ମୁଖ୍ୟ ରାସ୍ତା ଦେଇ ସାପ୍ତାହିକ ହାଟ ନିକଟସ୍ଥ ମା' ଭୈରବୀ ମନ୍ଦିରରେ ପହଞ୍ଚିଥିଲା । ସେଠାରେ



ନବନିର୍ବାଚିତ ପ୍ରତିନିଧିମାନେ ଅଞ୍ଚଳବାସୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀଙ୍କ ସହ ଏନଏସୟୁଆଇ ସମର୍ଥକ ତଥା ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନୀଲ ସେଠୀ,ବିଧାନସଭା କ୍ଷେତ୍ର ଛାତ୍ର ସଭାପତି ଆର୍ଶାଦ ଖାନ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଇଶାଖ ଖୋସଲା, କାଲିମେଳା ବ୍ଲକର ପୂର୍ବତନ ଅଧ୍ୟକ୍ଷା ମାଲା ମାଡ଼ୀ, ବିକାଶ ମଲ୍ଲିକ, ତେଲେରାଇ ପଞ୍ଚାୟତର ସରପଞ୍ଚ ମୁଟା ସୋଡ଼ି, କାଲିମେଳା ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଜ୍ୟୋତିଷ ମଣ୍ଡଳ, ବିକ୍ରମ ମାଡ଼ୀ, ଦେବାଶିଷ ଦେବନାଥ, ସନ୍ତୋଷ ପଟ୍ଟନାୟକ, ରିଙ୍କୁ ଚୌଧୁରୀ, ସନ୍ତୋଷ ଭତ୍ରା, ଭୀମା ମାଡ଼କାମୀ, ଆପାରାଓ ତେଲେମା ଓ ହୃଦୟ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ଶୋଭାଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଇନଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖି କାଲିମେଳା ଥାନା ଅଧିକାରୀ ପ୍ରଭୁଦତ୍ତ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ଉପସ୍ଥିତ ଥିଲା ।

## ନେସନାଲ ମହାବିଦ୍ୟାଳୟରେ ଅଗ୍ନିବୀର ପ୍ରଶିକ୍ଷଣ ଶିବିର

ନୂଆପଡ଼ା,(ସବ୍ୟୁ): ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟରେ ନେସନାଲ ମହାବିଦ୍ୟାଳୟ, ନୂଆପଡ଼ାର ଜାତୀୟ ସେବା ଯୋଜନା (ଏନଏସଏସ) ପକ୍ଷରୁ ଆୟୋଜିତ ୧୦ ଦିନିଆ ଅଗ୍ନିବୀର ଆଶାୟୀ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଆର୍ଥିକ ସହଯୋଗରେ ଆୟୋଜିତ ଏହି ଶିବିରରେ ମୋଟ ୩୬ ଜଣ ଆଶାୟୀ ଅଂଶଗ୍ରହଣ କରିଥିଲେ । ଉଦଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁ, ମାଷ୍ଟର ଟ୍ରେନର ପ୍ରକାଶ କୁମାର ସାହୁ ଏବଂ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ହେମାଲ ସା, ଜଗନ୍ନାଥ ମେହେର, ରଞ୍ଜି ନାଏକ ଓ ଡ. ପ୍ରମୋଦ ରାଉତ ଉପସ୍ଥିତ ଥିଲେ । ଅତିଥିମାନେ ଯୁବକମାନଙ୍କୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଦୃଢ଼ ଓ ଶୃଙ୍ଖଳିତ ହୋଇ ଦେଶସେବା ପାଇଁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ ।

ପ୍ରଶିକ୍ଷଣ ସମୟରେ ଆଶାୟୀମାନଙ୍କୁ ଶାରୀରିକ ଦକ୍ଷତା ବୃଦ୍ଧି ସହ ଲିଖିତ ପରୀକ୍ଷା ପାଇଁ ଶିକ୍ଷାଦାନ କରାଯାଇଥିଲା । ଇତିହାସରେ ସୁଖଦେବ ଭିଲ, ସାଧାରଣ ବିଜ୍ଞାନରେ କପିଳ ଦେବ ପାଣିଗ୍ରାହୀ, ଭାରତୀୟ ରାଜନୀତି ବିଜ୍ଞାନରେ ଡ. ଅବିନାଶ ଚଲାନ ଏବଂ ଗଣିତରେ ବୈକୁଣ୍ଠ ବେହେରା ପ୍ରଶିକ୍ଷଣ ଦେଇଥିଲେ। ସେହିପରି ଇଂରାଜୀ ବ୍ୟାକରଣରେ ଡ. ଭେଙ୍କଟେଶ ପ୍ରଧାନ ଓ ଡ. ବିଶ୍ୱଜିତ କଲତା ଶିକ୍ଷାଦାନ କରିଥିଲେ। ଏଥିସହ ସାମ୍ପ୍ରତିକ ଘଟଣାବଳୀ, ଜାତୀୟ ଓ ଆନ୍ତର୍ଜାତୀୟ ସମ୍ବାଦ ଏବଂ ସାଧାରଣ ଜ୍ଞାନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ପ୍ରଶିକ୍ଷାର୍ଥୀମାନଙ୍କ ମାନସିକ ଦୃଢ଼ତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଗୋପୀଗୋପାଳ ସୁନାଙ୍କ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ଓ ପ୍ରେରଣାମୂଳକ ଶ୍ରେଣୀ ଆୟୋଜନ କରାଯାଇଥିଲା । ଉଦଯାପନୀ ଦିବସରେ ପ୍ରଶିକ୍ଷାର୍ଥୀମାନେ ସକାଳେ ଶାରୀରିକ ବ୍ୟାୟାମ ଓ ବିଭିନ୍ନ ଫିଟ୍ନେସ କାର୍ଯ୍ୟକଳାପରେ ଭାଗ ନେଇଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ୩୬ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଉଦଯାପନୀ ସମାରୋହରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅଗ୍ନିବୀର ଆଶାୟୀ ଦେବାଶିଷ ଲାକ୍ରାଙ୍କୁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଓ ଉପଲବ୍ଧି ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଅଗ୍ନିବୀର ଆଶାୟୀମାନେ ନିଯୁକ୍ତି ପ୍ରସ୍ତୁତି ସହ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ଦେଶସେବା ପ୍ରତି ନିଜର ଦାୟିତ୍ୱବୋଧକୁ ଅଧିକ ସୁଦୃଢ଼ କରିବାର ସୁଯୋଗ ପାଇଥିଲେ।

## ୧ ନଭେମ୍ବର୍ ବଲାଙ୍ଗିର ଦିନ୍ ପାଳନ ନେଇ ପ୍ରସ୍ତୁତି

ବଲାଙ୍ଗିର,(ସବ୍ୟୁ): ୧ ନଭେମ୍ବର ବଲାଙ୍ଗିର ଦିନ ପାଳନ ନେଇ ବଲାଙ୍ଗିର ଦିନ୍ ଆୟୋଜକ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପି ପି ଏକାଡେମୀ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶୃଙ୍ଖଳାର ସହ ପାଳନ ନେଇ ବିଭିନ୍ନ କମିଟି ଗଠନ କରାଯାଇଛି । ଅର୍ଥ କମିଟିର



ଅଧ୍ୟକ୍ଷ ଭାବେ କିଶୋର ରଥ , ବାସୁଦେବ ରଥ ସହ ଅଧ୍ୟକ୍ଷ, ସାଂସ୍କୃତିକ କମିଟି ବିନୋଦ କାଲସାଏ ଅଧ୍ୟକ୍ଷ, କାହ୍ନୁ ଶତପଥୀ ସହ ଅଧ୍ୟକ୍ଷ, ଶାନ୍ତି ଶୃଂଖଳା କମିଟି ଗୋବିନ୍ଦ ଶତପଥୀ ଅଧ୍ୟକ୍ଷ, ବିକାଶ ସା ସହ ଅଧ୍ୟକ୍ଷ, ଖାଦ୍ୟ କମିଟି ସଞ୍ଜିବ ସାହୁ, ନୂତନ ଦାସ ସହ ଅଧ୍ୟକ୍ଷ, ଅଭ୍ୟର୍ଥନା କମିଟି ସାଗରିକା ଗୁରୁ,ସହ ଅଧ୍ୟକ୍ଷ ସୋମନାଥ ମିଶ୍ର, ମଞ୍ଚ କମିଟି ରାମ ଦାସ ଅଧ୍ୟକ୍ଷ, ଶ୍ରାବଣୀ ମେହେର ସହ ଅଧ୍ୟକ୍ଷ, ଗ୍ରାଉଣ୍ଡ କମିଟି ଗୌର ଚନ୍ଦ୍ର ପୁରୋହିତ, ସତ୍ୟ ନାରାୟଣ ହୋତା ସହ ଅଧ୍ୟକ୍ଷ, ମିଡ଼ିଆ ଓ ପ୍ରଚାର ପ୍ରସାର କମିଟି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅଧ୍ୟକ୍ଷ, ଅଭିଷେକ ଦାସ ସହ ଅଧ୍ୟକ୍ଷ, ସ୍ମରଣୀକା କମିଟି ଅଧ୍ୟକ୍ଷ ଭାବେ ସଞ୍ଜିବ କୁଅଁର ମନୋନୀତ ହୋଇଛନ୍ତି । ବିଭିନ୍ନ କମିଟି ଗୁଡ଼ିକରେ ସୁପରିଚାଳନା ପାଇଁ ସରିତା ଦାସ, ଗୋପାଳ ପ୍ରଧାନ, ବିଧୁ ଭୁଷଣ ତ୍ରିପାଠୀ , ଦିନେଶ ଶର୍ମା , ପ୍ରତାପ ରଥ, ସଙ୍ଗୀତା ଦାସ , ଲୋଟସ ଷଡ଼ଙ୍ଗୀ ପ୍ରମୁଖଙ୍କୁ ସଂଯୋଜନା କରିବେ ବୋଲି ନିଷ୍ପତ୍ତି ହୋଇଥିଲା ।

# ଅତାବିରା ତିହାର ଲୋକ ମହୋତ୍ସବ

ଅତାବିରା,(ସବ୍ୟୁ): ବରଗଡ଼ ଜିଲ୍ଲା ଅତାବିରା ଠାରେ ୧୬ ତମ ତିହାର ଲୋକମହୋତ୍ସବ ରବିବାର ଆରମ୍ଭ ହେବ । ଲୋକମହୋତ୍ସବ ସମିତିର ସଭାପତି ତଥା ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଚଳିତ ବର୍ଷ ତିହାର ଲୋକମହୋତ୍ସବ ୧୮, ୧୯ ଓ ୨୦ ତାରିଖ ତିନି ଦିନ ଧରି ଅତାବିରା ସ୍ଥିତ ତିହାର ଲୋକମଣ୍ଡପ ପଡିଆ ଠାରେ ଅନୁଷ୍ଠିତ ହେବ । ଚଳିତ ବର୍ଷ ମଣ୍ଡପକୁ ତିହାର ଲୋକମହୋତ୍ସବ ସମିତିର କାର୍ଯ୍ୟକାରୀ ସଦସ୍ୟ ସ୍ୱର୍ଗତ ଗୋପୀନାଥ ପ୍ରଧାନ ଏବଂ ସ୍ୱର୍ଗତ ସୁଶାନ୍ତ ଅଗ୍ରୱାଲଙ୍କ ନାମରେ ନାମିତ କରାଯାଇଛି । ଚଳିତ ବର୍ଷ ରାଜ୍ୟର ବିଭିନ୍ନ କଳା ସଂସ୍କୃତି ଅନୁଷ୍ଠାନ ଅଂଶଗ୍ରହଣ କରିବେ । ଏହା ବ୍ୟତୀତ ତିହାର କଳା ପରିଷଦ , ଅତାବିରା, ନାଦବ୍ରହ୍ମ ସଙ୍ଗୀତ ବିଦ୍ୟାଳୟ , ଗୋଡଭଗା ଓ ନଟରାଜ କଳା ପରିଷଦ, ଅତାବିରା ଦଳ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବ ।

### ଚଳିତ ବର୍ଷର ତିହାର ସମ୍ମାନ

ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ତିହାର ସମ୍ମାନ ପ୍ରଦାନ କରାଯିବ । ଏହି କ୍ରମରେ ନାଟକ କ୍ଷେତ୍ରରେ - ଉତ୍ତମ ବେହେରାଙ୍କୁ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନ , ସାମ୍ବାଦିକତା କ୍ଷେତ୍ରରେ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ ସ୍ମୃତି ସମ୍ମାନ - ବୀରେନ୍ଦ୍ର ପ୍ରଧାନଙ୍କୁ , ସାହିତ୍ୟ କ୍ଷେତ୍ରରେ ସ୍ୱର୍ଗତ ନାରାୟଣ ପୃଷେଠ ସ୍ମୃତି ସମ୍ମାନ - ତ୍ରିନାଥ ସାହୁଙ୍କୁ , ସମାଜସେବା କ୍ଷେତ୍ରରେ ସ୍ୱର୍ଗତ ବସନ୍ତ କୁମାରୀ ପଣ୍ଡା ସ୍ମୃତି ସମ୍ମାନ - ଶ୍ମଶାନ ବନ୍ଧୁ ଉଦୟ ନାୟକଙ୍କୁ - ସଙ୍ଗୀତ କ୍ଷେତ୍ରରେ - ସର୍ୱଗତ ମିତ୍ରଭାନୁ ବିଶ୍ୱାଳ ସ୍ମୃତି ସମ୍ମାନ - ପର୍ଶୁରାମ ପାତ୍ରଙ୍କୁ , ମାତ୍ରିକ ଟପ୍ପର - ଅତାବିରା ବ୍ଲକ ମାତ୍ରିକ ଟପ୍ପର ସୁଶ୍ରୀ କୃଷ୍ଣା ପତିଙ୍କୁ ସ୍ୱର୍ଗତ ରାମ ଲକ୍ଷ୍ମଣ ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ସେହିପରି ଅତାବିରା ବ୍ଲକର ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ସୁରଭି -୨୦୨୬ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠ ଖଇରା ଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ଖାଇରା ବିଦ୍ୟାପୀଠର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ ତ୍ୟାଗୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ରଞ୍ଜୁବାଳା ବେହେରା ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ବିଡିଓ ନିତୁଶ୍ରୀ ମେହେର , କୋଷରାଜ ବେହେରା ବଙ୍ଗୋମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ,ବବିତା ବାଗ ସରପଞ୍ଚ ଖଇରା , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଭୋଇ, ମୁଖ୍ୟବକ୍ତା ଡ଼ଃ ନାରାୟଣ ମିଶ୍ର ଅବସର ପ୍ରାପ୍ତ ଶିକ୍ଷକ , ସୁରେନ୍ଦ୍ର ପ୍ରଧାନୀ ଅଧ୍ୟକ୍ଷ ପ୍ରସନ୍ନପାଳ ମହାବିଦ୍ୟାଳୟ, ବଙ୍ଗୋମୁଣ୍ଡା ବ୍ଲକ ଓଷ୍ଟା ସମ୍ପାଦକ ଅନୁପ କୁମାର ବାଗ, ସଭାପତି ବରୁଣ ବାରିକ ଯୋଗଦେଇଥିଲେ । ସୁରଭି କାର୍ଯ୍ୟକ୍ରମକୁ ସିଆରସିସି ଜିତାମିତ୍ର ବିଶି ପରିଚାଳନା କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଗଜ ଚନ୍ଦନ ଓ ସିଆରସିସି ହର ମାଝୀ, ତୁଳସୀ ସୁନା,



ପ୍ରତୁଷ ନାୟକ, ଖୁସିରାମ କାଣ୍ଡ, ଅଜିତ ଜେନା ବିମଲ ଛୁରା, ନରେଶ ମାଝୀ, ସାମ୍ବାଦିକ ହୁଲେଶ୍ୱର ହଂସ , ଦିପକ ଯାଦବ , ଅନୀଲ ଖମାରୀ ପ୍ରମୁଖ ମଞ୍ଚାସିନ ଥିଲେ । ୧୧ ଟି କ୍ଲଷ୍ଟରରୁ ଆସିଥିବା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଆରମ୍ଭ ହୋଇ ଥିଲା ।

ଅପରାହ୍ନରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇ ଥିଲା । ଏହି ଅଧିବେଶନ କାହ୍ନୁ ଚରଣ ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଙ୍ଗୋମୁଣ୍ଡାଙ୍କ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ । ସମ୍ମାନୀୟ ଅତିଥି ସାଂସଦ ପ୍ରତିନିଧି ଅନିଲ ନାୟକ , ବଙ୍ଗୋମୁଣ୍ଡା ଜୟନ୍ତି ଲାଳ ସାହୁ ସଭାପତି ରାଜ୍ୟ ପ୍ରାଥମିକ ଶିକ୍ଷକ ମହାସଂଘ, (ଏକ୍ସ କେଡର )ଓଡିଶା ଭୁବନେଶ୍ୱର ତଥା ସମ୍ପାଦକ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ବଙ୍ଗୋମୁଣ୍ଡା, କୋଷରାଜ ବେହେରା ସଭାପତି ପ୍ରାଥମିକ ଶିକ୍ଷକ ସଂଘ, ବଙ୍ଗୋମୁଣ୍ଡା ବ୍ଲକ ପ୍ରମୁଖ ମଂଚାସୀନ ଥିଲେ । ସିଆରସିସି ଜିତମିତ୍ରା ବିଶି , ସରପଞ୍ଚ କବିତା ବାଗ, ବ୍ଲକ ର ସମସ୍ତ ସିଆରସି ଯୋଗଦାନ କରି ଥିଲେ ଓ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବାଗ ମହୋଦୟ ସୁରଭି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ କିପରି ଆଗକୁ ଭଲ ଚରିତ୍ରବାନ ମଣିଷ ହୋଇ ଉଚ୍ଚ ଶିକ୍ଷିତ ହୋଇ ଗାଁ, ଜାତି ଓ ଦେଶ ର ନା ରଖିବେ ସେ ଉପସ୍ଥିତ ଅଭିଭାବକ ଓ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ନିଜ ଅଭିଭାଷଣ ରେ ମତ ବ୍ୟକ୍ତ କରି ଥିଲେ । ଶେଷରେ କାହ୍ନୁ ଚରଣ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# କୋକସରା ଓ ମୋଟେର ଠାରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ

କୋକସରା,(ସବ୍ୟୁ) : କୋକସରା ବ୍ଲକ ସଦର ମହକୁମା କୋକସରା ଓ ମୋଟେର ଠାରେ ଶନିବାର ଅଧିବାସ ଓ କଳସ ଯାତ୍ରା ସହ ମହା ଆଡମ୍ବରରେ ଦୁର୍ଗା ପୂଜା ଆରମ୍ଭ ହୋଇଛି । କୋକସରା ଠାରେ କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ ଦଳ ସହ ପୂଜାକର୍ତ୍ତା ଜୟ ନାରାୟଣ ଶବର ପତ୍ନୀ ଚିତ୍ତେଶ୍ୱରୀ ଶବର ସପତ୍ନୀକଙ୍କୁ ବରଣ କରିବା ପରେ ପୁଣ୍ୟ ପଦ୍ମ ପୁଷ୍କରିଣୀରୁ ଜଳ ନେଇ ପୂଜା ମଣ୍ଡପରେ ସ୍ଥାପନ କରିବା ପରେ ରୀତିନୀତି ଅନୁଯାୟୀ ପଣ୍ଡିତ ମାନେ ଦେବାଦେବୀଙ୍କୁ ଆବାହନ ପୂର୍ବକ ଦୁର୍ଗା ଓ ପାର୍ଶ ଦେବାଦେବୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଦୁର୍ଗା ପୂଜା କମିଟିର ସଭାପତି କ୍ଷୀରସିନ୍ଧୁ ନେଗି, ଉପ ସଭାପତି ଅଜିତ ପ୍ରଧାନୀ, ଅମୂଲ୍ୟ ବିଶି, ସମ୍ପାଦକ ଗୁଣନିଧି ବାଗ, ଦୁଷ୍ମନ୍ତ ପଟ୍ଟଯୋଶୀ, ମାନସ ବେହେରା, ପ୍ରବୀଣ ଶବର, ରଶ୍ମି ରଞ୍ଜନ ଦାଶ, କୋଷାଧକ୍ଷ ସଚିନ ଅଗ୍ରୱାଲ ସମେତ ଅନ୍ୟ ସଦସ୍ୟ ପୂଜାକାର୍ଯ୍ୟରେ ସହଯୋଗ କରୁଛନ୍ତି । ସେହିପରି ମୋଟେର ଗ୍ରାମରେ ଅନୁଷ୍ଠିତ ଦୁର୍ଗା ପୂଜାରେ ପଣ୍ଡିତ ଗୋପାଳ ଚନ୍ଦ୍ର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୂଜାକର୍ତ୍ତା



ଭାବେ ସାମନ୍ତ ପଟ୍ଟଯୋଶୀ ଓ ବନଜିନି ପଟ୍ଟଯୋଶୀ ସପତ୍ନୀକ ପୂଜାକର୍ତ୍ତା କାର୍ଯ୍ୟ ତୁଲାଇବେ। ମୋଟେର ପୂଜା କମିଟି ପକ୍ଷରୁ ଭବ୍ୟ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ପୂଜା କମିଟିର ସଭାପତି ଦୁଷ୍ମନ୍ତ ପଟ୍ଟଯୋଶୀ, ଉପ ସଭାପତି ଭରତ ଶବର, ସମ୍ପାଦକ ଧର୍ମେନ୍ଦ୍ର ଦାସ, ସହ ସମ୍ପାଦକ ଶେଷଦେବ ବେହେରା, କୋଷାଧକ୍ଷ କୌଦଣ୍ଡ ଦାସ, ବିକାଶ ପଟେଲ, ଜ୍ୟୋତି ସରାଫ, ବିନୋଦ ଶବର ପ୍ରମୁଖ ରହିଛନ୍ତି । ଚଳିତ ବର୍ଷ ଦୁର୍ଗା ପୂଜାକୁ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସହ ଆକର୍ଷଣୀୟ ଆଲୋକମାଳା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଶ୍ରମିକ ଚାଲାଣ ଓ ମାଡ଼ ମାରିବା ଅଭିଯୋଗ ମାମଲା : ୫ ଗିରଫ

ନୂଆପଡ଼ା,(ସବ୍ୟୁ) : ଉତ୍ତରପ୍ରଦେଶରେ ଇଟାଭାଟି କାମ ସହ ଜଡ଼ିତ ଶ୍ରମିକ ଚାଲାଣ, ବେଆଇନ ଅଟକ, ମାଡ଼ ମାରିବା, ଅପରାଧିକ ଧମକ ଓ ଶ୍ରମିକଙ୍କ ଶୋଷଣ ଅଭିଯୋଗରେ ନୂଆପଡ଼ା ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, କେତେକ ଶ୍ରମିକ ସର୍ଦ୍ଦାର ୨୦୨୧ ମସିହାରୁ ଅଗ୍ରିମ ଟଙ୍କା ଦେବାର ପ୍ରଲୋଭନ ଦେଖାଇ ଗରିବ ଓ ଅସହାୟ ପରିବାରଗୁଡ଼ିକୁ ଉତ୍ତରପ୍ରଦେଶର ଇଟାଭାଟିକୁ କାମ କରିବା ପାଇଁ ପଠାଉଥିଲେ। ଅଭିଯୋଗକାରୀ କହିଛନ୍ତି ଯେ, ଇଟାଭାଟିରେ କାମ କରିବା ସମୟରେ ତାଙ୍କ ବାପା ଓ ମାଆଙ୍କୁ ଅମାନବୀୟ ପରିସ୍ଥିତିରେ କାମ କରିବାକୁ ବାଧ କରାଯିବା ସହ ସେମାନଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଥିଲା। ଏବଂ ଶୋଷଣ କରାଯାଇଥିଲା।

ଅଭିଯୋଗରେ ଆହୁରି କୁହାଯାଇଛି ଯେ, ୨୦୨୪ ସେପ୍ଟେମ୍ବରରେ ଅଭିଯୋଗକାରୀଙ୍କ ବାପା ଓ ବଡ଼ଭାଇଙ୍କୁ ଜୋରଜବରଦସ୍ତ ବରାକୋଠି ଗାଁକୁ ନିଆଯାଇଥିଲା । ସେଠାରେ ଟଙ୍କା ଫେରସ୍ତକୁ ନେଇ ସେମାନଙ୍କୁ ମାଡ଼ ମରାଯିବା ସହ ଧମକ ଦିଆଯାଇଥିଲା । ଏହାପରେ ଇଟାଭାଟିରେ କାମ କରିବାକୁ ମନା କରିବାରୁ ପରିବାରକୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ମାମଲାର ତଦନ୍ତ ସମୟରେ ପୁଲିସ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳ ପରିଦର୍ଶନ କରି ଆବଶ୍ୟକ ପ୍ରମାଣ ସଂଗ୍ରହ କରିଥିଲା। ଏହାପରେ ୧୭.୧୦.୨୦୨୬ ତାରିଖରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ ଅଦାଲତକୁ ପଠାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଗୋଲୁ ଓରଫ ନୀଳକମଳ ଚନ୍ଦ୍ରାକର (୩୮), ବେଲଟୁକୁରୀ, ନୂଆପଡ଼ା। ମୁଲଚାନ୍ଦ ସବର (୩୫), ବେଲଟୁକୁରୀ, ନୂଆପଡ଼ା। ସନୋଜ ଲୋହାର (୩୪), ପାଣ୍ଡ୍ରାପାଣି, ନୂଆପଡ଼ା। ସନ୍ତୋଷ ଅଗ୍ରୱାଲ (୪୨), ତେନ୍ଦୁକାନା, ମହାସମୁନ୍ଦ, ଛତିଶଗଡ଼ । ଅନୁପ ଅଗ୍ରୱାଲ (୪୭), ବସନା, ମହାସମୁନ୍ଦ, ଛତିଶଗଡ଼। ଏହି ମାମଲାରେ ଭାରତୀୟ ନ୍ୟାୟ ସଂହିତାର ସମ୍ପୃକ୍ତ ଧାରା ଏବଂ ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ଓ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ) ଆଇନ, ୧୯୭୯ ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ଦେବୀ ମନ୍ଦିର ଓ ପୀଠ ଗୁଡିକରେ ନବରାତ୍ର ପୂଜା ଆରମ୍ଭ

ସମ୍ବଲପୁର,(ସବ୍ୟୁ): ଆଶ୍ୱିନ ଶୁକ୍ଲପକ୍ଷ ସପ୍ତମୀ ତିଥିରେ ଶନିବାର ମନ୍ଦିର ଓ ପୀଠ ଗୁଡିକରେ ଶାରଦୀୟ ଦୁର୍ଗାଙ୍କ ନବରାତ୍ରର ତ୍ରିଦିନାତ୍ମକ ପୂଜା ଆରମ୍ଭ ହୋଇଛି । କଳସ ପ୍ରତିଷ୍ଠା ସହ ମନ୍ଦିର ଗୁଡିକରେ ସ୍ୱତନ୍ତ୍ର ପୂଜାବିଧି କରାଯାଉଛି । ମାଁ ସମଲେଶ୍ୱରୀ, ପାଟଣେଶ୍ୱରୀ, ବାଟମଙ୍ଗଳା, ଚାଉଁରପୁର ଓ ତାଲବ ଗ୍ରାମର ସମଲାଇ, ଦୁର୍ଗାପାଲି, ଗୋପାଲପାଲି, ବଡ଼ରମା, ମାନେଶ୍ୱର, ଗୁଡ଼ିଆଲି ପୁଷ୍କରିଣୀ ଓ ରେମେଡ଼ର ବନଦୁର୍ଗା, ଚିପିଲିମାର ଘଣ୍ଟେଶ୍ୱରୀ, ଫାଟକର ମହାମାୟା, ଦଲେଇପଡ଼ା ଓ ଅଇଁଠାପାଲିର ବାଟମଙ୍ଗଳା, କ୍ଷେତରାଜପୁରର ବୈଷ୍ଣୋଦେବୀ, ବାଲିବନ୍ଧା ଓ କୁଞ୍ଜେଲପଡ଼ାର ବୁଢ଼ୀମାଁ, ମାନେଶ୍ୱର, ଗୋଲବଜାର, ବଡ଼ବଜାର, ହୀରାକୁଦ ଓ ନନ୍ଦପଡ଼ାର ଦୁର୍ଗା, ଶକ୍ତିଛକର ଭୁବନେଶ୍ୱରୀ, ଗୋପାଲଜୀ ମଠ ଏବଂ ମହାନ୍ତିପଡ଼ା ଦଧିବାମନ ମନ୍ଦିରର ବେଢ଼ାରେ ଥିବା ଦୁର୍ଗା, ସାକ୍ଷୀଗୋପୀନାଥପଡ଼ା ଏବଂ ସମଲାଇପଦରର ସମଲାଇ, ନନ୍ଦପଡ଼ାର କସଲେଇ ଲମଡୁମ୍ବରି ଗୁପ୍ତେଶ୍ୱରୀ, ଖୁଣ୍ଟା, ନୂଆରମ୍ଭେଲା ଓ ଲଇଡ଼ାର ସମଲେଶ୍ୱରୀ, ମାଲତୀ ଗୁଣ୍ଡେରପୁରର ଲିମ୍ପସରିଏନ, ଧମାର ମେଟାକାନି, ବଇଦାରନୂଆପାଲିର କାମାକ୍ଷା, କାଳୀବାଡ଼ିର କାଳୀଙ୍କ ସହିତ ଜିଲ୍ଲାର ବିଭିନ୍ନ ଗାଁ ଏବଂ ସହରରେ ଥିବା ଗ୍ରାମଦେବୀ ପୀଠରେ ଶାରଦୀୟ ପୂଜା





ଉପଲକ୍ଷେ ସ୍ୱତନ୍ତ୍ର ଆୟୋଜନ କରାଯାଇଛି । ଭୋର ସମୟରୁ ଗମ୍ଭୀରାଫିଟା ନୀତି ପରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା । ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ମାନସିକ ଦୀପ ପ୍ରଜ୍ୱଳନ କରାଯାଇଛି । ଭକ୍ତମାନେ ଦେବୀପୀଠ ଓ ମନ୍ଦିର ଗୁଡିକରେ ହଜାର ହଜାର ମାନସିକ ଜାଗର ପ୍ରଜ୍ୱଳନ କରିଛନ୍ତି । ନିଜ ଘରେ ମଧ୍ୟ ପରମ୍ପରା ଅନୁଯାୟୀ ଇଷ୍ଟଦେବୀଙ୍କ ପୂଜା କରାଯାଉଛି । ସର୍ବତ୍ର ଚଣ୍ଡୀପାଠ ସହ ଦେବୀଙ୍କୁ ଆବାହନ ସକାଶେ ମନ୍ତ୍ରୋଚ୍ଚାରଣ ଯୋଗୁଁ ପରିବେଶ ଉତ୍ସବ ମୁଖର ହୋଇଛି । ରବିବାର ମହାଷ୍ଟମୀ ତିଥିରେ ପାଟଣେଶ୍ୱରୀଙ୍କ ସ୍ୱତନ୍ତ୍ର ବେଶ ହେବ । ଏହି ଦିନ ମହିଳା ମାନେ ଭାଇ ଜିଉଁନ୍ତିଆ ବ୍ରତ ପାଳନ କରିବେ । ମାଁ ସମଲେଶ୍ୱରୀ ପୀଠରେ ୧୮ ତାରିଖ ମହାଷ୍ଟମୀ ଓ ମାଁଙ୍କର ଖଣ୍ଡାଧୁଆ କରାଯିବ ଏବଂ ଏହି ଦିନ ଭାଇ ଜିଉଁନ୍ତିଆ ପର୍ବ ମଧ୍ୟ ପାଳନ କରାଯିବ । ସେହିପରି ୧୯ ତାରିଖ ମହାନବମୀ, ୨୦ ତାରିଖ ଦଶହରା, ବିଜୟାଦଶମୀ ଓ ରଣଜିତା ଉତ୍ସବ ଏବଂ ୨୫ ତାରିଖ ରବିବାର ଦିନ କୁମାର ପୂର୍ଣ୍ଣିମା ତିଥିରେ ସମଲେଶ୍ୱରୀ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ । ଏହି ଦିନ ସମଲେଶ୍ୱରୀ ମନ୍ଦିରରେ ନୂଆଁ ଧ୍ୱଜା ଆରୋହଣ ଏବଂ ଗଜଲକ୍ଷ୍ମୀ ପୂଜା କରାଯିବ । ସମ୍ବଲପୁର ସହରର ୫୭ଟି ସମେତ ଜିଲ୍ଲାର ଶତାଧିକ ସାର୍ବଜନୀନ ମଣ୍ଡପରେ ଏଥର ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି କରାଯାଉଛି । ଆଶ୍ୱୀନ ପୂର୍ଣ୍ଣିମା ତିଥିରେ ଦେବୀ ମନ୍ଦିର ଗୁଡିକରେ ନୂତନ ଧ୍ୱଜା ଆରୋହଣ ହେବ । ଏହି ଦିନ ସମଲେଶ୍ୱରୀ ରାଜ ରାଜେଶ୍ୱରୀ ବେଶ ଧାରଣ କରିବେ।

# ବାଙ୍ଗାଲୋରରେ ବନ୍ଧାପଡିଛି ଓଡିଆ ଶ୍ରମିକର ମୃତ ଦେହ ସହଯୋଗ ପାଇଁ ପରିବାର ଲୋକଙ୍କ ନିବେଦନ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ପାଚେର ଗାଁ ର ଜଗତ ନାଗ (୨୬) ଙ୍କ ଚିକିତ୍ସାଧୀନ ଅବସ୍ଥାରେ କର୍ଣାଟକ ରାଜ୍ୟର ବାଙ୍ଗାଲୋର ଏକ ଘରୋଇ ଡାକ୍ତରଖାନାରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ମୃତ ଯୁବକ ବାଙ୍ଗାଲୋରରେ ଏକ ହୋଟେଲ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ କୌଣସି କାରଣରୁ ଗୁରୁତର ହେବାରୁ କମ୍ପାନୀ କର୍ତ୍ତୃପକ୍ଷ ଓ ସହକର୍ମୀ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ହେଲେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ପରେ ଚିକିତ୍ସା ଖର୍ଚ୍ଚ ବାବଦ ବାକିଆ ୧ ଲକ୍ଷ ୨୪ ଟଙ୍କା ଦେଇନଥିବାରୁ ମୃତ ଦେହକୁ ଡାକ୍ତରଖାନା କର୍ତ୍ତୃପକ୍ଷ ନ ଛାଡ଼ି ବନ୍ଧକ ରଖିଥିବା ପରିବାର ସୂତ୍ରରୁ ଜଣାଯାଇଛି । ମୃତଦେହ ଘରକୁ ଫେରେଇ ଆଣିବାକୁ ପରିବାର ଲୋକ ପ୍ରସାଶନକୁ ନିବେଦନ କରିଥିବା ବେଳେ ବିଭିନ୍ନ ସାମାଜିକ ସଂଗଠନ ମଧ ସୋସିଆଲ ମିଡିଆରେ ଦାବି କରିଛନ୍ତି। ମୃତ ଯୁବକ ଜଣକ ବିବାହିତ ହୋଇଥିବା ବେଳେ ଗାଁ ରେ ତାଙ୍କ ସ୍ତ୍ରୀ ଓ ଛୋଟ ପିଲା ଥିବା ଜଣାଯାଇଛି । ପରିବାରର ଆୟକାରୀ ବ୍ୟକ୍ତିଙ୍କ ମୃତ୍ୟୁ ପରେ ପରିବାର କାନ୍ଦ ବୋବାଳି ଫାଟିପଡୁଛି । ଗାଁ ରେ ମଧ ଶୋକର ଛାୟା ଖେଳିଯାଇଛି ।



# ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ବୈଠକ

କୋରାପୁଟ,(ସବ୍ୟୁ): ସ୍ଥାନୀୟ ଶିକ୍ଷକ ଭବନରେ କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂଘ ସଭାପତି ଦାମ କନ୍ଧପାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କନିଷ୍ଠ ଶିକ୍ଷକ ମାନଙ୍କ ଲେଭେଲ ପାଞ୍ଚ ଏ, ପାଞ୍ଚ ବି ଏବଂ ଲେଭେଲ ୪ କୁ ପଦୋନ୍ନତି ଉପରେ ଆଲୋଚନା କରାଯାଇଥିଲା । ଉକ୍ତ ଶିକ୍ଷକ ମାନଙ୍କର ପଦୋନ୍ନତି ଯଥାଶୀଘ୍ର ପୂରଣ ହେବ ବୋଲି ସଭାପତି ଦାମ କନ୍ଧାପାନ କହିଛନ୍ତି । ଗତ ୫ ତାରିଖରେ ହୋଇଥିବା ଲେଭେଲ ୪ ପଦୋନ୍ନତି ପ୍ରକ୍ରିୟା ଶାନ୍ତିଶୃଙ୍ଖଳା ସହ ସଂପନ୍ନ ହୋଇଥିବାରୁ ସେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ,ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି । ବୈଠକରେ ଜିଲ୍ଲା ସଂପାଦକ ଦିଲିପ କୁମାର ଟାକ୍ରୀଙ୍କ ସହ ସଂଘର ଅନ୍ୟ ପଦାଧିକାରୀ ଏବଂ ବ୍ଲକ ସଂଘର ପଦାଧିକାରୀ ଉପସ୍ଥିତ ଥିଲେ ।

# ଡଃ ଅଭିଷିକ୍ତା ଦାସ ପାଇଲେ ଓଡିଶା ଗୌରବ ଜାତୀୟ ସମ୍ମାନ



ଭବାନୀପାଟଣା,(ସବ୍ୟୁ): ନେସନାଲ ଏକାଡେମୀ ଅଫ ସାକ୍ଷରତା ମିଶନ ତରଫରୁ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ନୂଆପଡା ନିବାସୀ ସ୍ୱର୍ଗତ ଶିବଶଙ୍କର ଦାସ ଓ ରୀତାଞ୍ଜଳି ଦାସଙ୍କ କନ୍ୟା ଡଃ ଅଭିଷିକ୍ତା ଦାସଙ୍କୁ ସମ୍ମାନ ଜନକ ଓଡିଶା ଗୌରବ ଜାତୀୟ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଶ୍ରୀମତୀ ଦାସ ଜଣେ ଦକ୍ଷ ଦାନ୍ତ ରୋଗ ବିଶେଷଜ୍ଞ ତଥା ସମାଜସେବି । ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ବିଭିନ୍ନ ସମୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଲୋକଙ୍କ ସେବା କରିଆସୁଛନ୍ତି ।

# ଜଳିଗଲା ଖଣିଜ ପଥର ବୋଝେଇ ଟ୍ରକ

ସୁନ୍ଦରଗଡ଼,(ସବ୍ୟୁ): ଲୁହାପଥର ପରିବହନ ପାଇଁ ଆସି ମାଇନ୍ସ ସମ୍ମୁଖରେ ଜଳିଗଲା ଖଣିଜ ପଥର ବୋଝେଇ ଟ୍ରକ। ଏପରି ଘଟଣା ସୁନ୍ଦରଗଡ଼ଜିଲ୍ଲା କୋଇଡ଼ା ଥାନା ନିକଟସ୍ଥ ଫିଗ୍ରେଡ ମାଇନ୍ସ ଗେଟ ସମ୍ମୁଖରେ ଘଟିଛି । ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ଲୁହାପଥର ପରିବହନ ପାଇଁ ଆସିଥିବା ଏକ ଟ୍ରକ ଖଣିଜ ପଥର ବୋଝେଇ କରି ବାହାରୁଥିବା ସମୟରେ ହଠାତ୍ ଏଥିରେ ନିଆଁ ଲାଗିଯାଇଥିଲା । ଟ୍ରକ୍ରେ ନିଆଁ ଲାଗିଥିବା ଦେଖି ଚାଳକ କୌଶଳକ୍ରମେ ଗାଡ଼ିରୁ ବାହାରି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ । ଖବର ପାଇ କୋଇଡ଼ା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ତେବେ ଅଗ୍ନିଶମ ବାହିନୀ ନିଆଁଲିଭାଇବା ପୂର୍ବରୁ ଟ୍ରକ୍ଟିର ପ୍ରାୟ ୭୦ ପ୍ରତିଶତ ଅଂଶ ଜଳିଯାଇଥିବା ଜଣାପଡ଼ିଛି । ପ୍ରାଥମିକ ଅନୁମାନ ଅନୁଯାୟୀ, ସର୍ଟ ସର୍କିଟ ଯୋଗୁଁ ଟ୍ରକ୍ରେ ନିଆଁ ଲାଗିଥାଇପାରେ । ତେବେ ନିଆଁ ଲାଗିବାର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ ।

# ନିଶା ସାମଗ୍ରୀ ସହ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ଅନ୍ତର୍ଗତ ତାରାସିଂହପଡ଼ା ଅଞ୍ଚଳରେ ପୋଲିସ ଚଢ଼ାଉ କରି ନିଶା କାରବାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ରାଜାପଡ଼ାର ଦୀପକ ପାଶୱାନ (୨୮)ବୋଲି ଜଣାପଡିଛି। ତାଙ୍କ ନିକଟରୁ ୧୧ବୋତଲ ନିଶା କଫସିରପ, ୪ଟି ଖାଲି ବୋତଲ, ୧୦ଲିଟର ଦେଶୀ ମଦ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଛି । ଏନେଇ ହୀରାକୁଦ ଥାନାରେ ୨୧୮/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ହୀରାକୁଦ ଥାନା ପୋଲିସ ଟିମ୍ ତାରାସିଂହପଡ଼ାରେ ଚଢ଼ଉ କରିଥିଲା । ଚଢ଼ାଉ ବେଳେ ନିଶା ସାମଗ୍ରୀ ସହ ଦୀପକଙ୍କୁ ଗିରଫ କରିଛି ।

# ପେଣ୍ଟବାହାଲ ଜଙ୍ଗଲରେ ବୁଲୁଛି ଆହତ ଦନ୍ତା ହାତୀ

ରେଢ଼ାଖୋଲ,(ସବ୍ୟୁ): ନାକଟିଦେଉଳ ରେଞ୍ଜ ପେଣ୍ଟବାହାଲ ଜଙ୍ଗଲରେ ଏକ ଦନ୍ତା ହାତୀ ଗୁରୁତର ଆହତ ହୋଇ ବୁଲୁଥିବାର ଦେଖିବାକୁ ମିଳିଛି । ହାତୀ ଟି ବୁଲୁଥିଲେ ମଧ ବନ ବିଭାଗର ଡାକ୍ତର ଟିମ ଏ ପର୍ଯ୍ୟନ୍ତ ପହଂଚି ପାରି ନଥିବା ଜଣାପଡ଼ିଛି । ସୂଚନାରୁ ପ୍ରକାଶ ଯେ, ନାକଟିଦେଉଳ ରେଞ୍ଜ ପେଣ୍ଟବାହାଲ ନିକଟ ଜଙ୍ଗଲ ତଥା ଆଦର୍ଶ ବିଦ୍ୟାଳୟ ପାଖାପାଖି ଆହତ ହାତିଟି ବୁଲୁଥିବାର ଛେଳି ଚରାଳି ମାନେ ଦେଖି ବାକୁ ପାଇଥିଲେ । କିଛି ଛେଳି ଚରାଳି ମଧ ଭିଡିଓ ଉତୋଳନ କରି କିଛି ଗଣମାଧମର ପ୍ରତିନିଧି ମାନଙ୍କୁ ଦେଇଥିଲେ । ହାତୀର ଆଗ ବାମ ଗୋଡ଼ ଗୁଳି କି କଣ ବାଜିଛି ତାହା ମଧ ସ୍ପଷ୍ଟ ଜଣା ପଡୁନି । ଜୈନେକ ବନ କର୍ମଚାରୀଙ୍କୁ ପଚାରିବାରୁ ହାତିଟି ଜଙ୍ଗଲରେ କାଚ ହେଉ ବା କୌଣସି କାଠ ଖୁଣ୍ଟି ମାଡିଦେଇ ଥାଇପାରେ ବୋଲି ପ୍ରକାଶ କରିଛନ୍ତି । ଭିଡିଓରୁ ଯାହା ଜଣା ପଡୁଛି ହାତିଟି ଏତେ ଗୁରୁତର ଅଛି ଯେ ସେ ଧୀରେ ଧୀରେ ଛୋଟେଇ



ଛୋଟେଇ ଚାଲୁଛି । ସେ କୌଣସି ଲୋକଙ୍କୁ ଦୌଡ଼ାଇବାକୁ ତାର ସାହସ ମଧ ଜୁଟାଇ ପାରୁ ନାହିଁ । ଦୀର୍ଘ ୫ ଦିନରୁ ଉର୍ଦ୍ଧ୍ୱ ହେଲା ହାତୀକୁ ବଞ୍ଚାଇବାକୁ ବନବିଭାଗର ଗୁରୁତର ସହ ନେଇ ଡାକ୍ତରୀଟିମ ଏପର୍ଯ୍ୟନ୍ତ ହାତୀ ପାଖକୁ ପଠାଇ ପାରି ନ ଥିବାରୁ ସଂଦେହ ସୃଷ୍ଟି ହେଉଛି ।

# ସମ୍ବଲପୁର ଜିଲ୍ଲା ଆଥଲେଟିକ ଆସୋସିଏସନର ତୁରନ୍ତ ନିର୍ବାଚନ ଦାବି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଆଥଲେଟିକ ଆସୋସିଏସନ (ଡିଏଏ)ର କାର୍ଯ୍ୟକଳାପକୁ ନେଇ ବଡ଼ ଅସନ୍ତୋଷ ଦେଖାଦେଇଛି । ଡିଏଏ ସଦସ୍ୟ ରତିକାନ୍ତ ମହାନ୍ତି ଜିଲ୍ଲାପାଳ-କମ-ଡିଏଏ ସଭାପତିଙ୍କୁ ପତ୍ର ଲେଖି ସ୍ୱଚ୍ଛତା ଓ ନିର୍ବାଚନ ଦାବି କରିଛନ୍ତି । ଅଭିଯୋଗ ଅନୁଯାୟୀ, ୨୦୨୧ ନଭେମ୍ବରରୁ ଆଜି ପର୍ଯ୍ୟନ୍ତ କୌଣସି ସାଧାରଣ ପରିଷଦ ବୈଠକ ହୋଇନାହିଁ । ଏପରିକି ଅଡିଟ ରିପୋର୍ଟ ପ୍ରକାଶ ପାଇନାହିଁ । ଗତ ୪ ବର୍ଷରେ ସରକାରୀ ଅନୁଦାନ, ନିଜସ୍ୱ ଆୟ ଓ ଖର୍ଚ୍ଚର ହିସାବ ନ ମିଳିବାରୁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି । ପୂର୍ବ ନିର୍ଦ୍ଦେଶ ମୁତାବକ ଗତ ୧୫ ଦିନ ଭିତରେ ଅଡିଟ ରିପୋର୍ଟ ଓ ସାଧାରଣ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ କରିବାକୁ ଥିଲେ ମଧ୍ୟ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ତେବେ ଜରୁରୀ ବୈଠକ ଡାକିବା ଅଡିଟ ରିପୋର୍ଟ ପ୍ରକାଶ କରିବା ସହ ତୁରନ୍ତ ନିର୍ବାଚନ କରିବାକୁ ଦାବି କରିଛନ୍ତି ।

# ଦୁର୍ଗାପୂଜା ପାଇଁ ଝାରସୁଗୁଡ଼ାରେ ଭାରୀଯାନ ଚଳାଚଳ ଉପରେ କଟକଣା ଜାରୀ

ଝାରସୁଗୁଡ଼ା,(ସବ୍ୟୁ): ଶନିବାର ଠାରୁ କନକତୁରା-ପ୍ରସନ୍ନ ପଣ୍ଡା ଛକ ମଧରେ ସନ୍ଧ୍ୟା ୬ଟାରୁ ରାତି ୧୧ଟା ଯାଏଁ ଭାରୀଯାନ ଚଳାଚଳ ନିଷେଧ କରାଯାଇଛି । ଚଳିତ ବର୍ଷ ଦୁର୍ଗା ପୂଜା ଶାନ୍ତି କମିଟି ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଦୁର୍ଗାପୂଜା, ଦଶହରା ଏବଂ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ତଥା ରାସ୍ତା ଦୁର୍ଘଟଣା ଏଡ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣ ଅଧକ୍ଷ କୁଣାଲ ମୋତିରାମ ଚହ୍ୱାଣ ଏନେଇ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶ ଅନୁଯାୟୀ, ୪୯ ନମ୍ବର ଜାତୀୟ ରାଜପଥର କନକତୁରାଠାରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ଭାରୀ ଯାନବାହନ, ବିଶେଷକରି କୋଇଲା ପରିବହନ କରୁଥିବା ଟ୍ରକ ଚଳାଚଳ ଉପରେ 'ନୋ-ଏଣ୍ଟ୍ରି' କଟକଣା ବଳବତ୍ତର ରହିବ । ପୂଜା ଉତ୍ସବ ସମୟରେ ରାଜପଥରେ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପ୍ରବଳ ଭିଡ଼କୁ ଲକ୍ଷ୍ୟ ରଖି ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଗୌର ହରି ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ନିୟମକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ । ୨୧ ଅକ୍ଟୋବର ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟା ୬:୦୦ ଘଟିକାରୁ ରାତି ୧୧:୦୦ ଘଟିକା ଯାଏଁ ଏହି ମାର୍ଗରେ କୌଣସି ଭାରୀ ଯାନ ପ୍ରବେଶ କରିପାରିବ ନାହିଁ ବୋଲି ଜଣାପଡ଼ିଛି । ମୋଟର ଯାନ ଆଇନର ଧାରା ୧୧୫ ଅନୁଯାୟୀ ଏହି କଟକଣା ଜାରି କରାଯାଇଥିବା ବେଳେ ଏହାକୁ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି ।

# ପଡିଆବାହାଲରେ କଳସ ଶୋଭାଯାତ୍ରା

ସମ୍ବଲପୁର,(ସବ୍ୟୁ): ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ରୀତିନୀତି ମଧ୍ୟରେ ପଡିଆବାହାଲ ସାର୍ବଜନୀନ ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦୁର୍ଗା ମଣ୍ଡପରୁ ଏକ ଭକ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରି ପଡିଆବାହାଲ ପୋଖରୀ ନିକଟରେ ପହଞ୍ଚିଥିଲା। ସେଠାରେ ପାରମ୍ପରିକ ବିଧି ଅନୁସାରେ କଳସ ବୁଡ଼ାଯିବା ପରେ ଶୋଭାଯାତ୍ରା ପୁନର୍ବାର ଦୁର୍ଗା ମଣ୍ଡପକୁ ଫେରିଥିଲା । ଏହି ଧାର୍ମିକ ଶୋଭାଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମୁଖ୍ୟ ପଣ୍ଡିତ ସୌମ୍ୟ ରଞ୍ଜନ ବଡ଼ପଣ୍ଡାଙ୍କ ପୌରୋହିତ୍ୟରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମୁଖ୍ୟ କର୍ତ୍ତା ବେଣୁଧର ତ୍ରିପାଠୀ ଏବଂ ସହକର୍ତ୍ତା ଅକ୍ଷୟ କୁମାର ନାୟକ, କେଶବ ମେହେର ଓ ନନ୍ଦିକେଶ ସାହୁଙ୍କ ସହ ରଞ୍ଜିତ ରଣା ପୂଜାବିଧିରେ ସାମିଲ ହୋଇଥିଲେ । ଏଥିରେ ପୂଜା କମିଟିର ସଭାପତି ହରିହର ନାୟକ, ସମ୍ପାଦକ ସୁବୋଧ ନାୟକ, ସହସମ୍ପାଦକ ପ୍ରବୀଣ ସୁପକାର, ଉପଦେଷ୍ଟା ଅଶୋକ କୁମାର ପୁରୋହିତ, ଆଶୁତୋଷ ପଣ୍ଡା, ପ୍ରଫୁଲ୍ଲ ମଗର, ଡା. ରାଜାରାମ ଷଡ଼ଙ୍ଗୀ, ତାପସ ରଞ୍ଜନ ମହାପାତ୍ର, ଦୁର୍ଗେଶ ସାହୁ, ସୁକାନ୍ତ ଶତପଥୀ ଓ ସ୍ମୃତିରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ ଏବଂ ଥାଙ୍ଗ-ଟା ଚାମ୍ପିଅନସିପ ଉଦଯାପିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ପିଏମ ଶ୍ରୀ ପିଆର ହାଇସ୍କୁଲ ପରିସରରେ ୭୦ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନ୍ସିଂ ଏବଂ ଥାଙ୍ଗ-ଟା ୧୭ ବର୍ଷରୁ କମ ବାଳକ ଓ ବାଳିକା ଚାମ୍ପିୟାନସିପ ୨୦୨୬ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ସଭାପତିତ୍ୱ ରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ପବିତ୍ର ମୋହନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌରପରିଷଦ ଅଧକ୍ଷା ଲିକା ସାହୁ,ଅବସରପ୍ରାପ୍ତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ତଥା ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ନାଗ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା,ରୀନା କୁମାରୀ ବେହେରା,ସେବାଶ୍ରୀ ଭୋଇ, ଓଡ଼ିଶା ଥାଙ୍ଗ-ଟା ଆସୋସିଏସନର ସଭାପତି ଜ୍ଞାନ ରଞ୍ଜନ ମହାନ୍ତି,ଜିଲ୍ଲା ଫେନ୍ସିଂ ଆସୋସିଏସନର ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ,ସମାଜସେବୀ ଶରଦ କେଜ୍ରିୱାଲ, ବୌଦ୍ଧ ଡିପିଇଓ ଆନନ୍ଦ କୁମାର ବେହେରା, ପିଏମ ଶ୍ରୀ ପି.ଆର. ହାଇସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ । ରାଜ୍ୟ ଶାରୀରିକ ଶିକ୍ଷା ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡ଼ା ଚାମ୍ପିୟାନସିପର ବିବରଣୀ ଉପସ୍ଥାପନ କରିଥିବା ବେଳେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରୁ



ଚୟନ ହୋଇଥିବା ପ୍ରତିଯୋଗୀମାନେ ଜାତୀୟସ୍ତରୀୟ ଖେଳରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ଶାରୀରିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ପରିଡ଼ା ସୂଚନା ଦେଇଥିଲେ । ଅନ୍ୟପଟେ କ୍ରିକେଟ ପ୍ରତିଯୋଗିତାରେ ସୁନ୍ଦରଗଡ଼କୁ ହରାଇ କଟକ ସେମିଫାଇନାଲରେ ପ୍ରବେଶ କରିଛି । ସେହିପରି ଅନ୍ୟ ଏକ ରୋମାଞ୍ଚକର ମ୍ୟାଚରେ କେନ୍ଦୁଝରକୁ ପଛରେ ପକାଇ ଭୁବନେଶ୍ୱର ଫାଇନାଲରେ ନିଜ ସ୍ଥାନ ପକ୍କା କରିଛି ।

# ବାରପାଲି ହଳଦୀ ଯାତ୍ରାରେ ପ୍ରବଳ ଜନସମାଗମ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ବାରପାଲି ହଳଦୀ ଡଙ୍ଗର ଯାତ୍ରା ଚଳିତ ବର୍ଷ ଯମୁନା ଗ୍ରାମରେ ଥିବା ଡଙ୍ଗରବୁଢ଼ା ପାହାଡ଼ରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସମ୍ପୂର୍ଣ୍ଣ ଆଦିବାସୀ କନ୍ଧ ପରମ୍ପରା ଓ ରୀତିନୀତିରେ ଅନୁଷ୍ଠିତ ଏହି ଡଙ୍ଗର ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିବା ବେଳେ ଶହ ଶହ ବଳୀରେ ପାହାଡଟି ରକ୍ତରଞ୍ଜିତ ହୋଇଯାଇଥିଲା। ଡଙ୍ଗରବୁଢ଼ାଙ୍କ ପୂଜା ପାଇଁ ପ୍ରଥମ ଗୋଷ୍ଠୀ ପକ୍ଷରୁ ବାରପାଲି ହଳଦୀର ଉମୁରା ସ୍ୱର୍ଗତ ଦ୍ୱିତୀକୃଷ୍ଣ ସିଂ ଭୋଇଙ୍କ ଧର୍ମପତ୍ନୀ ଦମୟନ୍ତୀ ସିଂ ଭୋଇଙ୍କ ତତ୍ତ୍ୱାବଧାନରେ ହଳଦୀ ଗ୍ରାମରୁ ବାଜା ଓ ଡକା ବାଦ୍ୟ ସହ ଏକ ପଟୁଆର ଆସି ବିଷ୍ଣୁ ପ୍ରସାଦ ସିଂ ଭୋଇ ଓ ଯୁଗାନ୍ତ ସିଂ ଭୋଇଙ୍କ ଦାରା ପୂଜାର୍ଚ୍ଚନା କରାଯାଇ ବହୁ ସଂଖ୍ୟାରେ ବଳୀ ଦିଆଯାଇଥିଲା। ପରେ ପୂଜା ପାଇଁ ପୁଣି ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ମଧ ଲେବଡାର ଡକାବଦ୍ୟ,ବାଜା ଓ ଡିଜେ ବାଦ୍ୟର ତାଳେତାଳେ ଏକ ବିରାଟ ଶୋଭାଯାତ୍ରା ସହ ପାହାଡ଼ ଉପରକୁ ପହଞ୍ଚିଥିଲେ । ପାହାଡ଼ ଉପରେ ଥିବା ଗୁମ୍ଫା ଭିତରେ ସମ୍ପୂର୍ଣ୍ଣ ଆଦିବାସୀ ରୀତିନୀତି ଅନୁଯାୟୀ ପୂଜାରୀ ପରିବାରର ଧୀର ପୂଜାରୀ ଓ ଚୁଡାମଣି ପୂଜାରୀଙ୍କ ଦାରା ମଧ ପୂଜାର୍ଚ୍ଚନା କରାଯାଇଥିଲା । ବହୁସଂଖ୍ୟକ ଦିଆରି ଓ ବରୁଆଙ୍କ ଦେହରେ ଡଙ୍ଗରବୁଢ଼ା ଦେବତା ସବାର



ହୋଇ ଭକ୍ତମାନଙ୍କୁ ଆଶୀର୍ବାଦ ଦେଇଥିଲେ । ଶ୍ରଦ୍ଧାଳୁମାନେ ନିଜ ମାନସିକ ପୂରଣ ହେବା ପରେ ଆଣିଥିବା ଶତାଧିକ ବୋଦା,ଛେଳି ଓ କୁକୁଡ଼ାକୁ ବଳୀ ଦିଆଯାଇଥିଲା । ଶହ ଶହ ବଳିରେ ଡଙ୍ଗରବୁଡ଼ା ପାହାଡ଼ଟି ସମ୍ପୂର୍ଣ୍ଣ ରକ୍ତରଞ୍ଜିତ ହୋଇଯାଇଥିଲା । ଗୋଟିଏ ବର୍ଷ ଯମୁନା ପାହାଡ଼ ଓ ଅନ୍ୟ ଏକ ବର୍ଷ ତେନ୍ତୁଳିଖୁଣ୍ଟି ପାହାଡ଼ରେ ଡଙ୍ଗରବୁଢ଼ା ଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଐତିହାସିକ ଯମୁନା ଡଙ୍ଗରବୁଢ଼ା ପାହାଡଟି ବିସ୍ତିର୍ଣ୍ଣ ଏକ ମନୋରମ ପ୍ରାକୃତିକ ପରିବେଶରେ ଅବସ୍ଥିତ ଥିବାରୁ ଏହାକୁ ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରାଯିବାକୁ ବାରମ୍ବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।ରାଜାରାକୁଡ଼ା ଅମଳରୁ ପ୍ରତିବର୍ଷ ଦଶହରା ମାସରେ ଏଠାରେ ଡଙ୍ଗରବୁଢ଼ାଙ୍କ ପୂଜାର୍ଚ୍ଚନା ସହ ଭବ୍ୟ ମେଳା ଅନୁଷ୍ଠିତ ହୋଇଥାଏ।ଏହି ପାହାଡ଼ରେ ଥିବା ଏକ ଐତିହାସିକ ଗୁମ୍ଫାରେ ଡଙ୍ଗରବୁଢ଼ାଙ୍କୁ ଆଦିମ କନ୍ଧ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ।ଏହି ଦିନ ବହୁ ସଂଖ୍ୟାରେ ଭକ୍ତମାନେ ଦୂର ଦୂରାନ୍ତରୁ ଆସି ସେମାନଙ୍କ ମାନସିକ ପୂରଣ ହେବା ପରେ ବୋଦା,ମେଣ୍ଢା, କୁକୁଡ଼ା ଆଦି ବଳି ଦେଇଥାନ୍ତି । ଫଳରେ ଏହି ପୀଠଟି ରକ୍ତରଞ୍ଜିତ ହୋଇଯାଇଥାଏ । ନିକଟରେ ଏହି ଗୁମ୍ଫା ନିକଟରେ ଏକ ଭବ୍ୟ ନୂତନ ଡଙ୍ଗରବୁଢ଼ା ମନ୍ଦିର ନିର୍ମାଣ ପାଇଁ ଅଞ୍ଚଳବାସୀ ନିଜ ନିଜର ସାଧମତେ ଚାନ୍ଦା ଆଦାୟ କରି ଏକ ମନ୍ଦିର ନିର୍ମାଣ କାମ କରିବା ପାଇଁ ଆଗେଇ ଆସିଛନ୍ତି । ଏହି ଐତିହାସିକ ଗୁମ୍ଫାର ପୁନରୁଦ୍ଧାର, ନୂତନ ଭବ୍ୟ ମନ୍ଦିର ନିର୍ମାଣ ସହ ପାହାଡ଼ର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ଆହୁରି ଅଧିକ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି । ଡଙ୍ଗର ଯାତ୍ରାରେ ଡଙ୍ଗର ଚଢ଼ା ତଥା ମନୋରମ ପ୍ରାକୃତିକ ପରିବେଶରେ ବୁଲିବା ଓ ପାହାଡ଼ ତଳେ ଖୋଲିଥିବା ବିଭିନ୍ନ ଦୋକାନ ବଜାର ହୋଟେଲ ଆଦିରେ ଖିଆପିଆ ପାଇଁ ଲୋକଙ୍କ ପ୍ରବଳ ଜନସମାଗମ ହୋଇଥିଲା ।

ସମୟ

# ଓଡ଼ିଶାରେ ଶକ୍ତି ଉପାସନାର ଐତିହ୍ୟ



ପୂର୍ଣ୍ଣେନ୍ଦୁ କୁମାର ନନ୍ଦ

ଭାରତୀୟ ସଂସ୍କୃତିରେ ସର୍ବପ୍ରଥମେ ବୈଦିକ 'ଦୁର୍ଗାସୂକ୍ତ'ରେ ସୂକ୍ଷ୍ମ ଦୃଷ୍ଟିରେ ଦୁର୍ଗାଙ୍କର ମହିମା ବର୍ଣ୍ଣିତ ହୋଇଥିଲା । ଏହି 'ଦୁର୍ଗାସୂକ୍ତ'ର ମନ୍ତ୍ର ପାଠ ଦ୍ୱାରା ସମସ୍ତ ଦୁଃଖ ଦୂର ହୋଇ ଆସୁରିକ ପ୍ରବୃତ୍ତିର ବିନାଶ ହୋଇଥାଏ । ଏହା ଦ୍ୱାରା ମୃତ୍ୟୁଭୟ ଦୂର ହୁଏ ଓ ଅନ୍ୟାୟ, ଅତ୍ୟାଚାର ଲୋପ ପାଇଥାଏ । ଉପନିଷଦମାନଙ୍କ ମଧ୍ୟରେ ତୈତିରୀୟ ଆରଣ୍ୟକର ଯାଜ୍ଞିକ ଉପନିଷଦରେ ପ୍ରଥମେ ଦୁର୍ଗାଙ୍କ ଗାୟତ୍ରୀ ମନ୍ତ୍ର ବିଷୟରେ ସୂଚନା ଦେଇ ମହାଶକ୍ତିଙ୍କୁ 'ଦୁର୍ଗୀ' ଶବ୍ଦରେ ଆହ୍ୱାନ କରାଯାଇଥିଲା । ଯଥା:-

ଓଁ କାତ୍ୟାୟନାୟୈ ବିଦ୍ମହେ
କନ୍ୟାକୁମାରୀଂ ଧିମହି
ତନ୍ନୋ 'ଦୁର୍ଗୀ' ପ୍ରଚୋଦୟାତ୍ ।।

କିନ୍ତୁ ଆର୍ଯ୍ୟ ସଭ୍ୟତାର ପ୍ରାକ୍‌କାଳରେ ଭାରତବର୍ଷରେ ଦ୍ରାବିଡ଼ ସଭ୍ୟତାର ଅଭ୍ୟୁଦୟ ହୋଇଥିବା ମହେଞ୍ଜୋଦାରୋ ଓ ହରପ୍ପାର ପ୍ରତ୍ନତାତ୍ତ୍ୱିକ ଖନନରୁ 'ମାତୃଶକ୍ତି' ଉପାସନାର ଯଥେଷ୍ଟ ପ୍ରମାଣ ମିଳିଥିଲା । ବହୁ ପ୍ରସ୍ତର ନିର୍ମିତ ନାରୀମୂର୍ତ୍ତି, ଦେବୀମୂର୍ତ୍ତି ଓ ଚକ୍ରାକାର ପ୍ରସ୍ତର ସମୂହରୁ ସେ ସମୟରେ ମାତୃଶକ୍ତି ଉପାସନା ସମ୍ପର୍କରେ ବହୁ ତଥ୍ୟର ଆଭାସ ମିଳେ । ଏହି ସମୟରେ ଓଡ଼ିଶା ମୁଖ୍ୟତଃ ଉଡ୍ରଦେଶ, କଳିଙ୍ଗ ଓ ଉତ୍କଳ ଏହିପରି ତିନିଗୋଟି ଭୂଖଣ୍ଡରେ ବିଭକ୍ତ ଥିଲା । ମହାଭାରତରେ ଉତ୍କଳର ନାମ ଉଲ୍ଲେଖ ଅଛି । 'ଶକ୍ତି ସଂଗମ ତନ୍ତ୍ର'ରେ ମଧ୍ୟ କଳିଙ୍ଗ ଉତ୍କଳର ନାମ ଉଲ୍ଲେଖ କରାଯାଇଛି ।

**ପ୍ରାଚୀନ ଶବରୀ ତନ୍ତ୍ରର ବନଦୁର୍ଗା**

ଖ୍ରୀ:ପୂ: ତୃତୀୟ ଶତାବ୍ଦୀରୁ ଦ୍ରାବିଡ଼ ସଭ୍ୟତାର ଉନ୍ମେଷ ସମୟରେ ଓଡ଼ିଶାରେ ପ୍ରାଚୀନ 'ଶବରୀତନ୍ତ୍ର' ଅନୁଯାୟୀ ମାତୃଶକ୍ତି ଉପାସନା ଆରମ୍ଭ ହୋଇଥିଲା । ମହାଭାରତରେ ମଧ୍ୟ ବର୍ଣ୍ଣନା ରହିଛି ଯେ ଦେବୀ ଶବର ପୁଲିନ୍ଦଙ୍କ ଦ୍ୱାରା ଉପାସିତା ହେଉଥିଲେ । ଏହି ଶବରମାନେ ଉଡ୍ର, କଳିଙ୍ଗ ଓ ଉତ୍କଳର ଆଦିମ ଅଧିବାସୀ ରୂପେ ବୃକ୍ଷମୂଳରେ ଦେବୀଙ୍କୁ କାଷ୍ଠ ବା ପ୍ରସ୍ତର ନିର୍ମିତ, ଆକୃତି ବିହୀନ ପ୍ରତୀକ ମାଧ୍ୟମରେ ପୂଜା କରୁଥିଲେ । ସେମାନେ ଦେବୀଙ୍କୁ ପତ୍ରମାଳା ଓ ନାନା ପ୍ରକାର ଅରଣ୍ୟଜାତ ପୁଷ୍ପ, ଫଳ ପ୍ରଦାନ କରି ଶାବରୀୟ ମନ୍ତ୍ର ଉପଚାରରେ ଉପାସନା କରୁଥିଲେ । ବିଭିନ୍ନ ରୋଗ, ମହାମାରୀ ଓ ବନ୍ୟା, ବାତ୍ୟା ପ୍ରଭୃତି ପ୍ରାକୃତିକ ବିପିରୁ ରକ୍ଷା ପାଇବା ପାଇଁ ସେମାନେ ଦେବୀପୂଜା କରୁଥିଲେ ।

ଶାବରୀତନ୍ତ୍ରରେ ଯେଉଁ ପତ୍ରମାଳିନୀ ବନଦେବୀଙ୍କୁ ଉପାସନା କରାଯାଉଥିଲା, ପରବର୍ତ୍ତୀ ପୁରାଣ ଓ ତନ୍ତ୍ର ଯୁଗରେ ସେହି ଦେବୀଙ୍କୁ 'ବନଦୁର୍ଗା' ରୂପେ ଉପାସନା କରାଯାଇଥିଲା । ଏଥିପାଇଁ ପ୍ରାଚୀନ ପତ୍ରମାଳିନୀ ଦେବୀଙ୍କ ପରିବର୍ତ୍ତେ ଦ୍ୱିଭୁଜା, ଚତୁର୍ଭୁଜା ଅଷ୍ଟଭୁଜା ପ୍ରଭୃତି ଦେବୀମୂର୍ତ୍ତି ରୂପ ଓ ଆୟୁଧ କଳ୍ପନା କରାଯାଇଥିଲା । ପ୍ରାଚୀନ ପତ୍ରପୂଜା ସ୍ଥାନରେ ବେଲପତ୍ର, ଅଶୋକପତ୍ର, କଦଳୀପତ୍ର, ଧାନ, ହଳଦୀପତ୍ର, ଡାଳିମ୍ବ ପତ୍ର ଓ କଦଳୀ ବୃକ୍ଷ ଇତ୍ୟାଦିକୁ 'ନବପତ୍ରିକା' ରୂପେ ଗ୍ରହଣ କରାଯାଇଥିଲା । ଏଣୁ ଶାବରୀତନ୍ତ୍ରର ବନଦେବୀ ହିଁ ଓଡ଼ିଶାରେ ପ୍ରାଚୀନ 'ବନଦୁର୍ଗା' ରୂପେ ପ୍ରଥମେ ଅବିର୍ଭୁତା ହୋଇଥିଲେ ।

**ଗ୍ରାମଦେବୀ ଉପାସନା**

ଏହି ବନଦୁର୍ଗା ପରମ୍ପରା ପ୍ରାଚୀନ ଓଡ଼ିଶାରେ ଗ୍ରାମଦେବୀ ଉପାସନାରେ ପରିବର୍ତ୍ତିତ ହୋଇଥିଲା । ଏଣୁ ପ୍ରଥମେ ଓଡ଼ିଶାରେ ପୁରପଲ୍ଲୀରେ ବନଦୁର୍ଗାଙ୍କୁ ପ୍ରସ୍ତର ବା କାଷ୍ଠ ସ୍ତମ୍ଭରେ ଉପଲବ୍ଧି କରାଯାଇ 'ସ୍ତମ୍ଭେଶ୍ୱରୀ' ରୂପେ ଗ୍ରାମଦେବୀ ଉପାସନା ବହୁଳ ଭାବରେ ପ୍ରଚଳିତ ହୋଇଥିଲା । ଏହି ଗ୍ରାମଦେବୀ ସାଧାରଣତଃ ଆଞ୍ଚଳିକ ରକ୍ଷାକାରୀ ଦେବୀ ରୂପେ ବନଦୁର୍ଗାଙ୍କ ମନ୍ତ୍ରରେ ପୂଜା ହେଉଥିଲେ । ଏହାକୁ ସାଧାରଣତଃ ଗ୍ରାମର ଦେହୁରୀ, ରାଉଳ, ମାଳି, ବାରିକ ପ୍ରଭୃତି ଅଧିବାସୀମାନେ ସ୍ୱକୀୟ ପରମ୍ପରାରେ ପୂଜା କରୁଥିଲେ । ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଆରମ୍ଭରେ ଯେଉଁ ଦିଅଁ ମଙ୍ଗୁଳ କରାଯାଏ, ତାହାହିଁ ସର୍ବ ପ୍ରାଚୀନ ଗ୍ରାମଦେବୀ ଉପାସନାର ପ୍ରମାଣ ଦିଏ । ଏପିରିକି ଜଗନ୍ନାଥ ସଂସ୍କୃତିରେ ଦେବୀ ରୁକ୍ମିଣୀ, ଦିଅଁ ମଙ୍ଗୁଳା ପାଇଁ ଗ୍ରାମଦେବୀ ସ୍ୱରୂପା ବିମଳାଙ୍କ ନିକଟରେ ପୂଜା ସାରି ଫେରିଲା ବେଳେ ମଦନମୋହନ ରୂପୀ ଶ୍ରୀଜଗନ୍ନାଥ ତାଙ୍କୁ ଅପହରଣ କରିଥିଲେ ବୋଲି ପରମ୍ପରାରେ ଉଲ୍ଲେଖ ଅଛି ।

**ପର୍ଣ୍ଣଶବରୀ ଉପାସନା**

ବୌଦ୍ଧ ମହାଯାନ ପନ୍ଥୀମାନେ ବ୍ୟାଘ୍ରଚର୍ମ ଓ ପତ୍ରମାଳା ପରିହିତା ତ୍ରିମୁଖୀ ଓ ଷଡ଼ଭୁଜାଙ୍କ ମୂର୍ତ୍ତି କଳ୍ପନା କରିଥିଲେ ଓ ସେ ସମୟରେ 'ପର୍ଣ୍ଣଶବରୀ' ତଥା 'ନଗ୍ନଶବରୀ' ମୂର୍ତ୍ତିର ପ୍ରଚଳନ ଥିଲା । ଏହି ବୌଦ୍ଧ ପର୍ଣ୍ଣଶବରୀ ମତବାଦରୁ



ପରବର୍ତ୍ତୀ ସମୟରେ ପ୍ରାଚନୀ ଦୁର୍ଗାଙ୍କୁ 'ଅପର୍ଣ୍ଣା' ନାମରେ ସମ୍ବୋଧନ କରାଯାଇଥିଲା ।

**ବ୍ରାହ୍ମଣ୍ୟତନ୍ତ୍ରର ଦେବୀ ଉପାସନା**

ଓଡ଼ିଶାରେ 'ଶବରୀତନ୍ତ୍ର'ର ଉନ୍ମେଷ ପରେ ବ୍ରାହ୍ମଣୀତନ୍ତ୍ରର ପ୍ରକାଶ ହୋଇଥିଲା । ଏହାର କାରଣ ସେତେବେଳକୁ ଆର୍ଯ୍ୟ ସଭ୍ୟତା ଭାରତରେ ପ୍ରବେଶ କରିସାରିଥିଲା । ଏହି ବ୍ରାହ୍ମଣୀତନ୍ତ୍ର ମୁଖ୍ୟତଃ ମାତୃରୂପୀ ଗାୟତ୍ରୀ ଶକ୍ତିଙ୍କ ଆବାହନ କରି ବୈଦିକ ମାର୍ଗରେ ବ୍ରହ୍ମଶକ୍ତିଙ୍କର ଉପାସନା ପାଇଁ ଉଦ୍ଦିଷ୍ଟ ଥିଲା । ମନ୍ତ୍ର, ଯନ୍ତ୍ର, ଉପଚାର ଓ ନିର୍ଦ୍ଦିଷ୍ଟ ପ୍ରଣାଳୀ ସହିତ ଦେବୀ ଉପାସନା କରିବା ଏହାର ଆଭିମୁଖ୍ୟ ଥିଲା । ବୌଦ୍ଧ ପ୍ରଭାବ ସତ୍ତ୍ୱେ ବ୍ରାହ୍ମଣୀ ତନ୍ତ୍ରରେ ଦେବୀ ଉପସାନା ପ୍ରାୟ ଗୁପ୍ତଯୁଗ ସମୟରୁ ଓଡ଼ିଶାରେ ପ୍ରଚଳିତ ହୋଇଥିଲା । ଏହି ବ୍ରାହ୍ମଣୀ ତନ୍ତ୍ରରେ ଦେବୀଙ୍କ ମୂର୍ତ୍ତି କଳ୍ପନା, ରୂପ, ଆୟୁଧ, ମନ୍ତ୍ରତନ୍ତ୍ର ଓ ପୌରାଣିକ ମାହାତ୍ମ୍ୟ ପ୍ରବର୍ତ୍ତିତ ହୋଇଥିଲା । ବିଶେଷତଃ ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ସପ୍ତସତୀ ଶ୍ରୀଚଣ୍ଡୀ ମାହାତ୍ମ୍ୟର ପୃଷ୍ଠଭୂମିରେ ବ୍ରାହ୍ମଣ୍ୟତନ୍ତ୍ରର ସର୍ବପ୍ରାଚୀନ ମହିଷମର୍ଦ୍ଦିନୀ ଦୁର୍ଗା ରୂପେ ଯାଜପୁରଠାରେ ବିରଜାଙ୍କର ଆବିର୍ଭାବ ହୋଇଥିଲା ।

**ଯାଜପୁର ବିରଜା:**

ଗୁପ୍ତ ଯୁଗରେ ଶିଳ୍ପଶାସ୍ତ୍ର, ପୁରାଣ ପ୍ରଭୃତି ପ୍ରଚଳିତ ହେବା ଦ୍ୱାରା ଦେବୀ ପୁରାଣ ଓ ଶ୍ରୀ ଚଣ୍ଡୀ ପୁରାଣର ଅବଲମ୍ବନରେ ସର୍ବପ୍ରଥମେ ଦ୍ୱିଭୁଜା ଦୁର୍ଗା ରୂପେ ବିରଜାଙ୍କୁ ପ୍ରତିଷ୍ଠା କରାଯାଇଥିଲା । ପ୍ରାୟ ପଞ୍ଚମ/ଷଷ୍ଠ ଶତାବ୍ଦୀ ବେଳକୁ ଏହି ଦେବୀଙ୍କୁ ପ୍ରତିଷ୍ଠା କରାଯିବା ବିଷୟରେ କୁହାଯାଏ । ସତୀଙ୍କର ନାଭି ପତନର ସ୍ମାରକୀ ରୂପେ ବିରଜାଙ୍କୁ ନାଭି କ୍ଷେତ୍ରର ଅଧିଷ୍ଠାତ୍ରୀ ବୋଲି କୁହାଯାଏ । ଏଣୁ 'ତନ୍ତ୍ର ଚୁଡ଼ାମଣି'ରେ କୁହାଯାଇଛି:-

'ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ର ମୁଚ୍ୟତେ ବିମଳା ସା ମହାଦେବୀ, ଜଗନ୍ନାଥଶ୍ଚ ଭୈରବ ।'

ଏଠାରେ ପ୍ରଥମେ ଯଯାତି କେଶରୀ ଏକ ଯଜ୍ଞ କରିଥିଲେ ଓ ଯଜ୍ଞାଗ୍ନିରୁ ଦେବୀ ଆବିର୍ଭୁତା ହୋଇଥିଲେ ବୋଲି କୁହାଯାଏ । ବିରଜାଙ୍କ ଧ୍ୟାନରେ ତାଙ୍କୁ ବାମହସ୍ତରେ ମହିଷର ଲାଙ୍ଗୁଳ ଧରିଥିବା ଓ ଦକ୍ଷିଣ ହସ୍ତରେ ମହିଷର ବକ୍ଷରେ ଶୂଳ ନିକ୍ଷେପ କରୁଥିବାର ବର୍ଣ୍ଣନା ରହିଛି । ଯଥା:-

ଧୃତ କନକ ନିଭାଭାଂ ଶୂଳ ଲାଙ୍ଗୁଂଳ ହସ୍ତାଂ
ପ୍ରବଳ ମହିଷ ପୃଷ୍ଟେ ଶୂଳ ନିର୍ଭେଦ୍ୟ ମାନା
ଗଣପତି ଫଣୀ ସମ୍ରାଟ୍ ଯୋନି ଲିଙ୍ଗେଂନ୍ଦୁଚୂଡ଼ାଂ
ରଚୟତୁ ବିରଜା ମେ ମଙ୍ଗଳଂ ମଙ୍ଗଳାନାଂ ।।

ଦେବୀ ସିଂହବାହିନୀ ଓ ଦେବୀଙ୍କର ଦକ୍ଷିଣ ପଦ ମହିଷର ମସ୍ତକ ଉପରେ ରହିଛି । ମହାଭାରତ, ବିଷ୍ଣୁପୁରାଣ, କୁବ୍‌ଜିକା ତନ୍ତ୍ର ବୃହତ୍ ନୀଳତନ୍ତ୍ର, କପିଳ ସସଂହିତା ପ୍ରଭୃତି ଶାସ୍ତ୍ରରେ ବିରଜାଙ୍କ ବିଷୟରେ ବର୍ଣ୍ଣନା ରହିଛି । ଭୌମକର ରାଜବଂଶଠାରୁ ସୋମବଂଶୀ ରାଜତ୍ୱ ପର୍ଯ୍ୟନ୍ତ ବିରଜା କ୍ଷେତ୍ର ପ୍ରାଚୀନ ଓଡ଼ିଶାର ରାଜଧାନୀ ଥିଲା । ବିରଜାଙ୍କୁ ପ୍ରତ୍ୟହ ଭୁବନେଶ୍ୱରୀଙ୍କ ମନ୍ତ୍ର (ହ୍ରୀଂ) ରେ ପୂଜା କରାଯାଏ । ଶାରଦୀୟ ଦୁର୍ଗାପୂଜା ସମୟରେ ବିରଜାଙ୍କର ଚଳନ୍ତି ପ୍ରତିମାଙ୍କର ରଥଯାତ୍ରା ହୋଇଥାଏ ।

**ବୌଦ୍ଧତନ୍ତ୍ରରେ ଶକ୍ତି ଉପାସନା**

ବିରଜାଙ୍କ ଉପାସନା ପୂର୍ବରୁ ପ୍ରାଚୀନ ଭୌମକରମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ ଓ ସେତେବେଳେ ବୌଦ୍ଧ ବଜ୍ରଯାନ ପ୍ରବର୍ତ୍ତିତ ହୋଇଥିଲା । ବୌଦ୍ଧତନ୍ତ୍ର ମତରେ ଏହାପରେ ପ୍ରାୟ ସପ୍ତମ/ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶାରେ ବହୁ ବୌଦ୍ଧତାନ୍ତ୍ରିକ ଦେବୀଙ୍କୁ ଉପାସନା କରାଯାଉଥିଲା । କୁରୁକୁଲ୍ଲା, ଶବରୀ, ଯୋଗିନୀ, ନୈରାତ୍ମା, ସହଜସୁନ୍ଦରୀ, ରତ୍ନଗିରିର ତାରା, ମୁଶ୍ରୀ, ଜମ୍ଭାଲା, ଦେରୁକା, ବସୁଧାରା, ଆର୍ଯ୍ୟା, ଅପରାଜିତା ପ୍ରଭୃତି ବୌଦ୍ଧ ଦେବୀମୂର୍ତ୍ତି ବୌଦ୍ଧତନ୍ତ୍ରରେ ଶକ୍ତି ଉପାସନାର ପ୍ରମାଣ ଦିଏ । ଲଳିତଗିରିରେ ମଧ୍ୟ ତାରା, ବଜ୍ରତାରା, ଅପରାଜିତା, ମୁସା ପ୍ରଭୃତି ଦେବୀମୂର୍ତ୍ତି ମିଳିଥିଲେ । ତାହା କଲିକତା ସଂଗ୍ରହାଳୟକୁ ପ୍ରେରଣ କରାଯାଇଥିଲା । ଏପରିକି ଉଦୟଗିରି ଖନନରେ ବୌଦ୍ଧ ଦେବୀ ମରିଣ, ତାରା ବୈଶ୍ରବଣା ପ୍ରଭୃତି ଦେବୀ ମୂର୍ତ୍ତି ଉଦ୍ଧାର କରାଯାଇଥିଲା ।

**କୌଳାଚାର ଓ ମହାବିଦ୍ୟା ଉପାସନା**

ଓଡ଼ିଶାରେ ବ୍ରାହ୍ମଣ୍ୟତନ୍ତ୍ରର ପ୍ରଭାବ ଫଳରେ ଗୁପ୍ତ ଯୁଗରେ ଦଶମହାବିଦ୍ୟାତ୍ୱ ଆଧାରରେ ଶାକ୍ତମାନେ କୌଳାଚାର ମତ ପ୍ରବର୍ତ୍ତନ କରିଥିଲେ । କୌଳମାନେ ବାମାଚାର ଓ ଦକ୍ଷିଣାଚାର ଏହିପରି ଦୁଇଟି ଶାଖାରେ ବିଭକ୍ତ ଥିଲେ । ମହାନିର୍ବାଣ ତନ୍ତ୍ର, କୁଳାର୍ଣ୍ଣବ ତନ୍ତ୍ର ପ୍ରଭୃତିରେ କୌଳମତ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରାଯାଇଛି । ବାମାଚାରୀମାନେ ମଦ୍ୟ, ମାଂସ, ମତ୍ସ୍ୟ, ମୈଥୁନ ଓ ମୁଦ୍ରା ପ୍ରଭୃତି ପଞ୍ଚମକାର ଉପରେ ପ୍ରାଧାନ୍ୟ ଦେଉଥିଲେ । ଉର ସାଧକ ଯନ୍ତ୍ର ମଧ୍ୟରେ କୁଳ ଦେବୀଙ୍କୁ ଆବାହନ କରି ଉର ସାଧିକା ସହିତ ଶକ୍ତି ପୂଜାରେ ଯୋଗ ଦେଇଥିଲେ । ଏ ପ୍ରକାର ମତବାଦ କାଳକ୍ରମେ ନୈତିକ ଅବକ୍ଷୟର କାରଣ ହେଲା । ଏଣୁ ଦକ୍ଷିଣାଚାର କୌଳମତ ପ୍ରାଧାନ୍ୟ ଲାଭ କଲା । ଭୈରବ ଓ ଭୈରବୀଙ୍କ ସମ୍ମିଳିତ ଉପାସନାରେ ଦକ୍ଷିଣାଚାରୀ ମାତୃଶକ୍ତିଙ୍କୁ ଅଧିକ ଗୁରୁତ୍ୱ ଦେଲେ । ଏଣୁ ଦକ୍ଷିଣାଚାର କୌଳମାର୍ଗ ମୋକ୍ଷଧର୍ମୀ ଥିଲା । ଓଡ଼ିଶାରେ କାଳୀ, ତାରା, ଭୈରବୀ ପ୍ରଭୃତି ମହାବିଦ୍ୟା ବାମାଚାର ମତରେ ସାଧନା କରାଯିବା ବେଳେ ଶ୍ରୀ ଭୁବନେଶ୍ୱରୀ, ତ୍ରିପୁର ସୁନ୍ଦରୀ ଓ କମଳା ପ୍ରଭୃତି ମହାବିଦ୍ୟା ଦକ୍ଷିଣାଚାର ମତରେ ସାଧନା କରାଗଲା । ପ୍ରତି ମହାବିଦ୍ୟା ଜଣେ ଜଣେ ସିଦ୍ଧ ବିଦ୍ୟା ରୂପେ ପରିଚିତା । ପ୍ରତି ମହାବିଦ୍ୟା ସାଧନାରେ ଜଣେ ଗୁରୁ ଓ ଗୋଟିଏ ଇଷ୍ଟମନ୍ତ୍ରକୁ ମାଧ୍ୟମ କରାଯାଏ । ଗୁରୁ ସାଧକର ମନ୍ତ୍ର ଚୈତନ୍ୟ କରାଇଥାନ୍ତି ଓ ଇଷ୍ଟମନ୍ତ୍ର ଦ୍ୱାରା ସାଧକ ସହଜରେ ଅଭୀପ୍ସିତ ବସ୍ତୁ ଲାଭ କରିଥାନ୍ତି । ପ୍ରତ୍ୟେକ ମହାବିଦ୍ୟା କେତେକ ନିର୍ଦ୍ଦିଷ୍ଟ ପଦ୍ଧତି, ବର୍ଣ୍ଣ (ଅକ୍ଷର, ପଦ, ଶବ୍ଦ, ମନ୍ତ୍ର, ଯନ୍ତ୍ର, ପଟଳ, କବଚ, ସ୍ତୋତ୍ର ଓ ହୃଦୟ ମାଧ୍ୟମରେ ଦେବୀଙ୍କୁ ଉପାସନା କରିବା ପାଇଁ ପ୍ରବର୍ତ୍ତିତ ହୋଇଥିଲା । ଏହା କୁଳକୁଣ୍ଡଳିନୀ ଶକ୍ତି ଜାଗରଣ ପାଇଁ ଏକ ବଳିଷ୍ଠ ମାଧ୍ୟମ ଥିଲା। ନିଗମାନନ୍ଦ, ସାର୍ ଜନ୍ ଉଡ୍‌ରଫ୍ ପ୍ରଭୃତି ଏହି କୌଳାଚାର ସାଧନା ଓ ତନ୍ତ୍ର ଦର୍ଶନ ଉପରେ ବିଶଦ ଭାବରେ ଆଲୋଚନା କରିଛନ୍ତି । ଏହି କୌଳାଚାର ମତରେ ପଶ୍ଚିମବଙ୍ଗର ବୀରଭୂମ୍‌ର ତାରାପୀଠରେ ମହାସାଧକ ବାମାକ୍ଷେମା ତନ୍ତ୍ର ସାଧନା କରିଥିଲେ । ଠାକୁର ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ ଓ ଭଗିନୀ ନିବେଦିତା ମଧ୍ୟ ଏହି ଦର୍ଶନରେ ଅନୁପ୍ରାଣିତ ହୋଇ ଦକ୍ଷିଣେଶ୍ୱରର କାଳୀ ମାତାଙ୍କୁ ଉପାସନା କରୁଥିଲେ । ଓଡ଼ିଶାରେ ବ୍ୟାଘ୍ରଦେବୀ, ତାରାତାରିଣୀ, ଭୈରବୀ, ଘଟଗାଁର ତାରିଣୀ, ଭୁଷଣ୍ଡପୁରର ଉଗ୍ରତାରା, ପୁରୀର ଶ୍ୟାମାକାଳୀ, ବାଣପୁରର ଭଗବତୀ ପ୍ରଭୃତି ତନ୍ତ୍ରପୀଠରେ ଏଥିପାଇଁ ଦେବୀଙ୍କ ଦର୍ଶନ ଓ କୃପାଲାଭ ପାଇଁ ବହୁ ଭକ୍ତଙ୍କର ସମାଗମ ହୋଇଥାଏ । ଯଥାର୍ଥରେ କୁଳାର୍ଣ୍ଣବ ତନ୍ତ୍ରର 'ଆନନ୍ଦ ସ୍ତୋତ୍ର'ରେ ଭୋଗ ଓ ମୋକ୍ଷ ଲାଭର ଏକ ସମନ୍ୱୟ ଚେତନା ପ୍ରତିଫଳିତ କରି କୁହାଯାଇଛି:-

ଯତ୍ରାସ୍ତି ଭୋଗ, ନଚତତ୍ର ମୋକ୍ଷ
ଯତ୍ରାସ୍ତି ମୋକ୍ଷ, ନଚତତ୍ର ଭୋଗ ।
ଶ୍ରୀ ସୁନ୍ଦରୀ ପୂଜନ ତତ୍ ପରାଣାଂ
ଭୋଗଶ୍ଚ ମୋକ୍ଷଶ୍ଚ କରସ୍ଥ ଏବ ।

**ଉଡ୍‌ଡ଼ୀୟାନ ପରଂପରାରେ ଦେବୀ ଉପାସନା**

ଭୌମକର ରାଜବଂଶର ଶାସନ ସମୟରେ ଓଡ଼ିଶାରେ ବୌଦ୍ଧତନ୍ତ୍ର ମତରେ **(କ୍ରମଶଃ)**

# ମା' ଦୁର୍ଗା ଦୁର୍ଗତିନାଶିନୀ



ହରପ୍ରିୟା ରାଉତରାୟ

ସନାତନ ଧର୍ମରେ ମା' ଦୁର୍ଗା ହେଉଛନ୍ତି ଆଦ୍ୟାଶକ୍ତି, ମହାମାୟୀ ଓ ବ୍ରହ୍ମାଣ୍ଡର ସର୍ବୋଚ୍ଚ ଶକ୍ତିର ପ୍ରତୀକ । ତାଙ୍କର ସୃଷ୍ଟି, ରୂପ ଏବଂ ମହିମା ପଛରେ ଅନେକ ଗୁଢ ରହସ୍ୟ ଓ ପୌରାଣିକ କଥା ରହିଛି ।

**ଦୁର୍ଗା ନାମର ଗଭୀର ଅର୍ଥ**

ଦୁର୍ଗା ଶବ୍ଦର ଅର୍ଥ ହେଉଛି ଯାହାକୁ ଜିତିବା ଅସମ୍ଭବ ବା ଯିଏ ଦୁର୍ଗମ (ଯେଉଁଠି ପହଞ୍ଚିବା କଷ୍ଟକର) ଶାସ୍ତ୍ରାନୁସାରେ ଦୁର୍ଗ ନାମକ ଏକ ଶକ୍ତିଶାଳୀ ରାକ୍ଷସକୁ ବଧ କରିଥିବାରୁ ତାଙ୍କ ନାମ ଦୁର୍ଗା ହୋଇଛି । ସେ ସଂସାରର ସମସ୍ତ ଦୁଃଖ ଭୟ ଏବଂ ଦୁର୍ଗତିରୁ ନିଜ ଭକ୍ତମାନଙ୍କୁ ରକ୍ଷା କରନ୍ତି । ତେଣୁ ତାଙ୍କୁ ଦୁର୍ଗତିନାଶିନୀ ମଧ୍ୟ କୁହାଯାଏ । ମା' ଦୁର୍ଗା ହେଉଛନ୍ତି ଅଯୋନି ସମ୍ଭୂତା । ସେ ସମସ୍ତ ଦେବତାଙ୍କ ମିଳିତ ତେଜର ସ୍ୱରୂପ । ଯେତେବେଳେ ମହିଷାସୁର ବ୍ରହ୍ମାଙ୍କଠାରୁ ବର ପାଇ ଅତ୍ୟାଚାରୀ ହୋଇ ତ୍ରିଲୋକ ଜୟ କଲା ସେତେବେଳେ ତ୍ରିଦେବ (ବ୍ରହ୍ମା, ବିଷ୍ଣୁ, ମହେଶ୍ୱର) ବରୁଣ, ଅଗ୍ନି ଆଦି ଦେବତାଙ୍କ ଶରୀରରୁ ମହାତେଜ ନିର୍ଗତ ହେଲା । ଏହି ସମସ୍ତ ତେଜ ପୁଞ୍ଜିଭୂତ ହୋଇ ଏକ ପରମ ସୁନ୍ଦରୀ ଓ ମହା ଶକ୍ତିଶାଳୀ ଦେବୀଙ୍କ ରୂପା ଧାରଣ କଲା- ସେ ହେଉଛନ୍ତି ମା ଦୁର୍ଗା । ଦେବୀଙ୍କୁ ଶକ୍ତିଶାଳୀ କରିବାପାଇଁ ଭଗବାନ ଶିବ ନିଜର ତ୍ରିଶୂଳ, ଶ୍ରୀବିଷ୍ଣୁ ନିଜର ସୁଦର୍ଶନ ଚକ୍ର, ଇନ୍ଦ୍ର ନିଜର ବଜ୍ର, ବରୁଣ ଶଙ୍ଖ, ଅଗ୍ନି ଶକ୍ତି ପ୍ରଦାନ କଲେ । ହିମାଳୟ ରାଜା ମା'ଙ୍କୁ ବାହନ ସ୍ୱରୂପ ଏକ ସିଂହ ଭେଟି ଦେଇଥିଲେ ।

ମା' ଦୁର୍ଗା ଓ ମିହିଷାସୁର ମଧ୍ୟରେ ୯ଦିନ ଧରି ଭୟଙ୍କର ଯୁଦ୍ଧ ହୋଇଥିଲା । ଦଶମ ଦିନରେ ମା' ମହିଷାସୁର ବଧକରି ସଂସାରକୁ ତା'ର ଅତ୍ୟାଚାରରୁ ମୁକ୍ତ କରିଥିଲେ, ଏହି ଦିନକୁ ଆମେ ବିଜୟାଦଶମୀ ଭାବେ ପାଳନକରୁ । ବିଜୟାଦଶମୀ ବା ଦଶହରା ହେଉଛି ଅଧର୍ମ ଉପରେ ଧର୍ମର ଏବଂ ଅସତ୍ୟ ଉପରେ ସତ୍ୟର ବିଜୟ । ଆଉ ମଧ୍ୟ ଏହି ପବିତ୍ର ଦିନରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କାର ରାକ୍ଷସ ରାଜା ରାବଣକୁ ବଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ ଏବଂ ଧରାପୃଷ୍ଠରେ ଧର୍ମ ସଂସ୍ଥାପନ କରିଥିଲେ । ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଏହି ମହାନ୍ ବିଜୟ ହୋଇଥିବାରୁ ଏହାକୁ (ଶ୍ରୀରାମ ବିଜୟୋତ୍ସବ) ବା ବିଜୟାଦଶମୀ କୁହାଯାଏ । ଲଙ୍କା ଜୟ କରିବା ପୂର୍ବରୁ ପ୍ରଭୁ ଶ୍ରୀରାମ ଆଶ୍ୱିନ ମାସରେ ମା' ଦୁର୍ଗାଙ୍କର ନବରାତ୍ରୀ ବ୍ରତ ପାଳନ କରି ଥିଲେ । ମା'ଙ୍କର ଆଶୀର୍ବାଦ ଏବଂ ଶକ୍ତି ପ୍ରାପ୍ତ କରି ସେ ଦଶମୀ ଦିନ ରାବଣକୁ ନାଶ କରିବାରେ ସଫଳ ହୋଇଥିଲେ ।



ନବରାତ୍ର ସମୟରେ ମା'ଙ୍କର ୯ଟି ଭିନ୍ନ ସ୍ୱରୂପକୁ ପୂଜା କରାଯାଏ । ଯାହାକୁ 'ନବଦୁର୍ଗା' କୁହାଯାଏ । ନବରାତ୍ରୀ ସମୟରେ ଏହି ୯ଟି ରୂପର ଆରାଧନା କରାଯାଏ, ଯାହା ମାନବ ଜୀବନର ଆଧ୍ୟାତ୍ମିକ ଚେତନାର ବିକାଶକୁ ଦର୍ଶାଇଥାଏ ।

ଶୈଳୀପୁତ୍ରୀ: ହିମାଳୟର କନ୍ୟା, ଯିଏ ଦୃଢ ସଂକଳ୍ପର ପ୍ରତୀକ ।
ବ୍ରହ୍ମଚାରିଣୀ: ତପସ୍ୟା କରୁଥିବା ରୂପ ।
ଚନ୍ଦ୍ରଘଣ୍ଟା: ମସ୍ତକରେ ଚନ୍ଦ୍ର ଧାରଣ କରିଥିବା ରୂପ ।
କୁଷ୍ମାଣ୍ଡା: ସୃଷ୍ଟିର ରଚୟିତା ।
ସ୍କନ୍ଦମାତା: କାର୍ତ୍ତିକେୟଙ୍କର ମାତା ।
କାତ୍ୟାୟନୀ: ମହିଷାସୁରକୁ ବଧ କରିବାପାଇଁ ପ୍ରକଟ ହୋଇଥିବା ରୂପ ।
ମହାଗୌରୀ: ପବିତ୍ରତା ଓ ଶାନ୍ତିର ପ୍ରତୀକ ।
ସିଦ୍ଧିଦାତ୍ରୀ: ସମସ୍ତ ସିଦ୍ଧି ପ୍ରଦାନ କରୁଥିବା ଦେବୀ ।

**ବାହନ ସିଂହର ପ୍ରତୀକାତ୍ମକ ରହସ୍ୟ**

ମା' ଦୁର୍ଗାଙ୍କର ବାହନ ହେଉଛନ୍ତି ସିଂହ । ସିଂହ ହେଉଛି କ୍ରୋଧ, ଅହଂକାର, ହିଂସା ଏବଂ ପଶୁ ପ୍ରବୃତ୍ତିର ପ୍ରତୀକ । ମା ଦୁର୍ଗା ସିଂହ ଉପରେ ବିରାଜମାନ କରିବା ଅର୍ଥ ହେଉଛି ସେ ନିଜର ସମସ୍ତ ଇନ୍ଦ୍ରିୟ କ୍ରୋଧ ଏବଂ ପଶୁତ୍ୱକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି । ଏହା ମନୁଷ୍ୟକୁ ନିଜର ଅହଂକାରକୁ ଦମନ କରିବା ପାଇଁ ପ୍ରେରଣା ଦିଏ ।

**ମହାମାୟା ଯୋଗମାୟା**

ମା' ଦୁର୍ଗା ହେଉଛନ୍ତି ସୃଷ୍ଟିର ଆଧାରଶକ୍ତି । ଭଗବାନ ବିଷ୍ଣୁଙ୍କର ଯୋଗନିଦ୍ରା ମଧ୍ୟ ମା' ଦୁର୍ଗାଙ୍କର ହିଁ ଏକ ସ୍ୱରୂପ । ଏହି ସଂସାରରେ ଯାହାକି ଦୃଶ୍ୟମାନ ହେଉଛି ତାହା ମା'ଙ୍କର ମାୟା ଦ୍ୱାରା ସଞ୍ଚାଳିତ । ସେ ଇଚ୍ଛା କଲେ ଜଣକୁ ସଂସାର ମାୟାରେ ବାନ୍ଧିପାରନ୍ତି ଆଉ ସେ ପ୍ରସନ୍ନ ହେଲେ ମନୁଷ୍ୟକୁ ମୋକ୍ଷ ବା ମୁକ୍ତି ପ୍ରଦାନ କରିପାରନ୍ତି ।

**ଭକ୍ତବତ୍ସଳା**

ଜଣେ ମା' ଭଳି ସେ ନିଜ ସନ୍ତାନମାନଙ୍କୁ ସ୍ନେହ କରନ୍ତି । ଯିଏ ନିଷ୍କପଟ ମନରେ ମା'ଙ୍କୁ ପ୍ରାର୍ଥନା କରେ ମା' ତାର ସମସ୍ତ ଦୁଃଖ କଷ୍ଟ ଦୂର କରନ୍ତି । ମା'ଙ୍କର ମହିମା ସ୍ମରଣ କଲେ ମନରୁ ଭୟ, ନକାରତ୍ମକ ଶକ୍ତି ଏବଂ ଅହଂକାର ଦୂର ହୋଇଥାଏ । ଜୀବନରେ ସୁଖ ଓ ଶାନ୍ତି ପାଇଁ ମା' ଦୁର୍ଗାଙ୍କର ଏହି ମନ୍ତ୍ର ଜପ କରୁଥାଏ ।

ସର୍ବ ମଙ୍ଗଳ ମାଙ୍ଗଲୌ ଶିବେ ସର୍ବାଥସାଧିକେ
ଶରଣ୍ୟେ ତ୍ରମ୍ବକେ ଗୌରୀ ନାରାୟଣୀ
ନମୋସ୍ତୁତେ ।

ଅର୍ଥାତ୍- ହେ ନାରାୟଣୀ ତୁମେ ସବୁ ପ୍ରକାର ମଙ୍ଗଳ ପ୍ରଦାନ କରିଥାଅ । ତୁମେ କଲ୍ୟାଣମ'ୟୀ ଏବଂ ସମସ୍ତ ମନସ୍କାମନା ପୂର୍ଣ୍ଣ କରିଥାଅ । ତୁମେ ଶରଣାଗତର ରକ୍ଷାକର୍ତ୍ତା, ତ୍ରିବିଜୟୀ ତ୍ରିନେତ୍ରଧାରୀ ଗୌରୀ ଅଟନ୍ତି । ମୁଁ ତୁମକୁ ବାରମ୍ବାର ପ୍ରଣାମ କରୁଛି ।

**ୟୁନିଟ୍-୧, ଭୁବନେଶ୍ୱର**
**ମୋ: ୯୪୩୭୫୨୨୭୯୨**

# ଉତ୍ସବ ଦଶହରା



ଦିଲୀପ ରାଜ ବେହେରା

**ଶକ୍ତି ରୂପିଣୀ ଦେବୀ ମା ଦୁର୍ଗା ଶୁଣନ୍ତି, କୁହନ୍ତି, ଅନୁଭବରେ ଆସନ୍ତି, ବାଟ କଢ଼ାଇ ନିଅନ୍ତି । ଆମ ଭକ୍ତି, ଆମ ବାର୍ତ୍ତା, ଆମ କଥା, ଆମ ଭାବ ତାଙ୍କ ପାଖରେ ପହଞ୍ଚି ଥାଏ । ସେ ଆମ ମୁଣ୍ଡରେ ଆଶୀର୍ବାଦ ଢାଳି ଦିଅନ୍ତି ।**

ଆନନ୍ଦ ସାଉଁଟିବାର ଏହି ଉତ୍ସବ ଦଶହରା । ସ୍ନେହ ମମତାରେ ବାନ୍ଧିବା ପାର୍ବଣ୍ୟ ଉତ୍ସବ । ଶ୍ରଦ୍ଧା ଓ ଭକ୍ତି, ଦାନ ଓ ପୁଣ୍ୟ, ସଂକଳ୍ପ ଓ ସାଧନାର ଉତ୍ସବ ଦୁର୍ଗାପୂଜା । ପ୍ରକୃତିର ଶାନ୍ତ, ଶୀତଳ କମନୀୟ ରୂପ ସମ୍ଭାର ଆଗମନ ସହିତ ସୁଖ ଓ ଆନନ୍ଦର ନବ ଯୌବନର ଉନ୍ମାଦନାରେ ମନ ଭରି ଥିବା ବେଳେ, ବିଶ୍ୱଜାଗତିକ ଚେତନା ଧରା ପୃଷ୍ଠରେ ଅବତରଣ କରିବାର ଏହି ସମୟ । ନିର୍ଗୁଣ ବ୍ରହ୍ମ ଚେତନ ସ୍ୱରୂପର ଅନୁଭବକୁ ସାକାର ରୂପ ଦେବା, ମୃଣ୍ମୟ ପ୍ରତିମାରେ ଐଶ୍ୱର୍ଯ୍ୟ ଭରିଦେବା, ସୌମ୍ୟତାର ଅଙ୍ଗ ଭଙ୍ଗୀରେ ବିଶ୍ୱ ସୃଜନକାରୀଙ୍କୁ ଦେଖିବାର ଏହି ପ୍ରୟାସ । ମୂର୍ତ୍ତି ପୂଜା ଆମ ବୈଶିଷ୍ଟ୍ୟ, ଆମ ସ୍ୱାତନ୍ତ୍ର୍ୟ, ଆମ ଆଭିଜାତ୍ୟ । ଏହା ଏକ ବିଶ୍ୱପ୍ରାଣକୁ ଅଭିବ୍ୟକ୍ତି କରିବା ଅନନ୍ୟ ସୁନ୍ଦର ପ୍ରୟାସ ।

ଆମେ ଦିବ୍ୟତା ଏବଂ ଅନନ୍ତ ସତ୍ତାକୁ ଠିକ ନିଜ ଭଳି, ନିଜ ଦର୍ପଣରେ ଗଢି ତୋଳିଚୁ । ଅଳଙ୍କାରରେ ଅପରୂପ କରି ସଜାଇ ଦେଇଛୁ । ରୂପ ମାଧୁର୍ଯ୍ୟରେ ଭରି ଦେଇଛୁ । ଅସ୍ତ୍ର ଶସ୍ତ୍ର ଦେଇ ଶକ୍ତି ଶାଳୀ କରି ସର୍ବସ୍ୱ ଅର୍ପଣ କରିଛୁ । ଶକ୍ତି, ଶାନ୍ତି, ପ୍ରତିଷ୍ଠା ଏବଂ ସୃଜନତାରେ ପୂର୍ଣ୍ଣାଙ୍ଗ ରୂପ ଦେଇଚୁ । ନିଜ କଳ୍ପନାରେ, ବର୍ଣ୍ଣନାର ଚାତୁରୀରେ, ଅଧିକ ହାତ ଦେଇ, ଉପମା ଦେଇ ଗଢିଛୁ । ସୁନ୍ଦର କରି ସଜାଇ, ନିଜଠୁ ଅଧିକ ମହାନ ଐଶ୍ୱର୍ଯ୍ୟ ସମ୍ପନ୍ନ କରି ତୋଳିଛୁ । ଜୀବନୀ ଶକ୍ତି ଦେଇ ତାଙ୍କୁ ଆବାହନ କରୁ, ସ୍ଥାପନ କରୁ ଏବଂ ମେଲାଣି ଦେଇ ବିସର୍ଜନ କରୁ । ମନ ବୁଝିବା ପାଇଁ, ତାର୍କିକ ବୁଦ୍ଧିର ବୋଧ ପାଇଁ, ଚେତନାର ସମ୍ବେଦନ ଏବଂ ଅନୁଭବ ପାଇଁ ମାଟିରେ, ପଥରରେ, ଧାତୁରେ ଗଢ଼ିଛୁ ଇଶ୍ୱରଙ୍କ ଅନାଦି ଓ ଅନନ୍ତ ସ୍ୱରୂପକୁ, ଗୋଟିଏ ଚିହ୍ନ, ବର୍ଣ୍ଣ, ସ୍ୱପ, ପ୍ରତୀକ ଏବଂ ନିଦର୍ଶନ ସ୍ୱରୂପରେ ।

ଚେତନ ମନ ଆମ ଭଳି ଆଖି, ହୃଦୟ ଥିବା ଏକ ଦିବ୍ୟ ସ୍ୱରୂପ ଦେଖିବା ବେଳେ, ଅଚେତନ ମନରେ ଇଶ୍ୱରଙ୍କ ଅସୀମ ବିଶ୍ୱ ଚେତନ, ଜ୍ୟୋତିର ପ୍ରକାଶ, ବିଶ୍ୱ ନିଅନ୍ତାଙ୍କୁ ହିଁ ଅନୁଭବ କରିଥାଏ । ଶକ୍ତି ରୂପିଣୀ ଦେବୀ ମା ଦୁର୍ଗା ଶୁଣନ୍ତି, କୁହନ୍ତି, ଅନୁଭବରେ ଆସନ୍ତି, ବାଟ କଢ଼ାଇ ନିଅନ୍ତି । ଆମ ଭକ୍ତି, ଆମ ବାର୍ତ୍ତା, ଆମ କଥା, ଆମ ଭାବ ତାଙ୍କ ପାଖରେ ପହଞ୍ଚି ଥାଏ । ସେ ଆମ ମୁଣ୍ଡରେ ଆଶୀର୍ବାଦ ଢାଳି ଦିଅନ୍ତି ।



ଆମ ଶ୍ରଦ୍ଧା, ଭକ୍ତି ଏବଂ ସମର୍ପଣ ଭାବ ସେହି ମାତୃ ସ୍ୱରୂପା ବିଶ୍ୱ ଚୈତନ୍ୟ ପାଖରେ ସଦା ରହୁ । ସେ ଆମକୁ ରୂପ ଦିଅନ୍ତୁ, ଜୟ ଦିଅନ୍ତୁ, ଯଶ ଦିଅନ୍ତୁ । ଦଶହରା ସାର୍ଥକ ହୁଏ, ଯେତେବେଳେ ଆମ ଭିତରେ ସତ୍ୟର ଜାଗରଣ ହୁଏ, ବିବେକର ଆଲୋକ ପ୍ରଜ୍ୱଳିତ ହୁଏ ଏବଂ ହୃଦୟ ପ୍ରେମ, କରୁଣା ଓ ସମଦୃଷ୍ଟି ରେ ପରିପୂର୍ଣ୍ଣ ହୁଏ । ସେ ଆମ ମା, ବିଶ୍ୱ ମାତା । ଆମ ପ୍ରଣାମ ଘେନନ୍ତୁ ।

**ଭୁବନେଶ୍ୱର**
**ମୋ: ୭୭୩୫୩୪୮୬୬୦**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ଡ୍ରିମ୍‌ସ କୃଷି ବିଦ୍ୟାଳୟରେ ବିଶ୍ୱ ଖାଦ୍ୟ ଦିବସ

କଟକ, (ସ୍ୱପ୍ର): ଡ୍ରିମ୍‌ସ କୃଷି ବିଦ୍ୟାଳୟରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଆଜିର ନବୋନ୍ମେଷ ଆଗାମୀ କାଲିର ପୋଷଣ ପ୍ରସଙ୍ଗ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଡ. ମନୋରଂଜନ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଡ. ରାମନାଥ ମହାପାତ୍ର, ପ୍ରଫେସର ଡ. କୈଳାସ ଚନ୍ଦ୍ର ସାମଲ, ଡ. ସରୋଜ କୁମାର ମଲ୍ଲିକ କ୍ଷୁଧାମୁକ୍ତ ବିଶ୍ୱ ନିମନ୍ତେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା, ଖାଦ୍ୟ ଅପଚୟ ହ୍ରାସ, କୃଷି ଉତ୍ପାଦନ ବୃଦ୍ଧି ଓ ସୁକ୍ଷମ ଖାଦ୍ୟର ଉପଯୋଗ ଉପରେ ସଚେତନତାଧର୍ମୀ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ




ଗୋôର ଜଗତ ମିଶ୍ର ପ୍ରଥମ, ଅନେ୍ୱଷା ଚାନ୍ଦ ଦ୍ୱିତୀୟ ଓ ଲୋପାମୁଦ୍ରା ରାଉତରାୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ସହକାରୀ ପ୍ରାଧ୍ୟାପିକା ଡ. ଶୁଭସ୍ମିତା ସାହୁ ସ୍ୱାଗତ ଅଭିଭାଷଣ, ଡ. ଆରାଧନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପାୟଲ ମିଶ୍ର, ପ୍ରତୀକ୍ଷା ପରିଡ଼ା, ପଦ୍ମ ଭାରତୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ ।

## ରେଳ ଲାଇନ୍ କଡ଼ରୁ ଗଳିତ ମୃତଦେହ ଉଦ୍ଧାର

ନିରାକାରପୁର,(ସବ୍ୟ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ରେଳ ଲାଇନ୍ କଡ଼ରୁ ଜଣେ ଅଜଣା ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ନିରାକାରପୁର ଓ ଗୋଲାବାଇ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଅପ ଲାଇନ ପାଖରେ ଜଣେ ବ୍ୟକ୍ତି ପଡ଼ିରହିଥିବା ନେଇ ନିରାକାରପୁର ରେଳବାଇ ଷ୍ଟେସନ ମାଷ୍ଟର ଖୋର୍ଦ୍ଧାରୋଡ ଜିଆରପିକୁ ଖବର ଦେଇଥିଲେ । ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା ।ମୃତ ବ୍ୟକ୍ତିଙ୍କ ବୟସ ଆନୁମାନିକ ୬୦ ବର୍ଷ ହେବ ଏବଂ ଶବଟି ସମ୍ପୂର୍ଣ୍ଣ ରୂପେ ପଚିଗଳି ଯାଇଥିବା ଦେଖିବାକୁ ମିଳିଛି । ଏନେଇ ଖୋର୍ଦ୍ଧାରୋଡ ନ୍ୟଆରପି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।ମୃତଦେହର ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମୃତକଙ୍କ ପରିଚୟ ଅସ୍ପଷ୍ଟ ଥିବାରୁ ପୋଲିସ ପରିଚୟ ସନାକ୍ତ ପାଇଁ ଉଦ୍ୟମ ଜାରି ରଖିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି ।

# କିଟ୍ ଲ ସ୍କୁଲ୍ ପକ୍ଷରୁ ଆଇନ ସଚେତନତା ଶିବିର

ଭୁବନେଶ୍ୱର, (ସବ୍ୟ): କିଟ୍ ଲ ସ୍କୁଲ୍ ଲିଗାଲ୍ ସର୍ଭିସେସ୍ କ୍ଲିନିକ୍ ପକ୍ଷରୁ କଟକସ୍ଥିତ ଆଶ୍ରୟ ଦି ସେଲ୍‌ଟରଠାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ଶିଶୁମାନଙ୍କର ଆଇନଗତ ଅଧିକାର, ସେମାନଙ୍କ ପାଇଁ ଉପଲବ୍ଧ ଆଇନଗତ ସୁରକ୍ଷା ବ୍ୟବସ୍ଥା ଏବଂ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ଶିବିରରେ ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ପ୍ରଚଳିତ ଆଇନଗତ ସୁରକ୍ଷା, ସଂପୃକ୍ତ ଆଇନଗତ ବ୍ୟବସ୍ଥା, ସେମାନଙ୍କ ଶିକ୍ଷା, ସାମଗ୍ରିକ ବିକାଶ ଓ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଅଧ୍ୟାପକ ଓ ଛାତ୍ର ସ୍ୱେଚ୍ଛାସେବୀମାନେ ବିଦ୍ୟାଳୟର ଶିକ୍ଷକମାନଙ୍କ ସହ ଆଲୋଚନା କରି ସମାବେଶୀ ଶିକ୍ଷା, ସୁଗମ୍ୟତା, ସରକାରୀ କଲ୍ୟାଣକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ, ଶିଶୁମାନଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷାରେ ଆଇନର ଭୂମିକା ସଂପର୍କରେ ମତ ବିନିମୟ କରିଥିଲେ । ଆଶ୍ରୟ ଦି ସେଲ୍‌ଟରର ଶିକ୍ଷକମାନଙ୍କ ନିଷ୍ଠା, ଧୈର୍ଯ୍ୟ ଓ ସମର୍ପଣ ଭାବକୁ ପ୍ରଶଂସା କରାଯିବା ସହ ଶିଶୁଙ୍କ ଶିକ୍ଷା, ବିକାଶ ଓ ଉନ୍ନତିରେ ଶିକ୍ଷକମାନଙ୍କ ଅବଦାନକୁ ଦଳ ପକ୍ଷରୁ ସ୍ୱୀକୃତି ଦିଆଯାଇଥିଲା । ଛାତ୍ର ସ୍ୱେଚ୍ଛାସେବୀମାନେ ମଧ୍ୟ ଶିଶୁମାନଙ୍କ ସହ ଭାବ ବିନିମୟ କରି ସେମାନଙ୍କ ଅନୁଭୂତି, ସାମର୍ଥ୍ୟ ଓ ଆବଶ୍ୟକତା ସଂପର୍କରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ । ଏହି କାର୍ଯ୍ୟକ୍ରମ ଆଇନ ଶିକ୍ଷାକୁ ସାମାଜିକ ସେବା ସହ ଯୋଡ଼ିବା ସହିତ ଭିନ୍ନକ୍ଷମଙ୍କ ଅଧିକାର ଓ ସାମାଜିକ ଅନ୍ତର୍ଭୁକ୍ତିକରଣର ବାସ୍ତବ ଦିଗଗୁଡ଼ିକୁ ବୁଝିବାର ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମକୁ ଲୋକନାଥ ମହାପାତ୍ର, ନିର୍ଦ୍ଦେଶକ, ଲିଗାଲ୍ ସର୍ଭିସେସ୍; ଶଶାଙ୍କ ନନ୍ଦେ ଏବଂ ଡ ପ୍ରଜ୍ଞା ପାରମିତା ରାୟ, ଫ୍ୟାକଲ୍‌ଟି କୋଅର୍ଡିନେଟର ପ୍ରମୁଖ ସଂଯୋଜନା କରିଥିଲେ । ଏଥିରେ ସୁସ୍ମିତା ମିଶ୍ର, ଲିଗାଲ୍ ସର୍ଭିସେସ୍ କ୍ଲିନିକର ଅଧ୍ୟାପିକା ଓ କିଟ୍ ଲ ସ୍କୁଲ୍ ଆସିଷ୍ଟାଣ୍ଟ ଲିଗାଲ୍ ଅଫିସର ଅମ୍ରିତା ବଳ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ଲ ସ୍କୁଲର ପୂର୍ବତନ ଛାତ୍ର ଶ୍ରୀଶେକ ଶିଖର ଏବଂ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ମିତାଲୀ ଜେଷ୍ଠୀ ମଧ୍ୟ ଉପସ୍ଥିତ ଥିଲେ ।



ଆଶ୍ରୟ ଦି ସେଲ୍‌ଟରରେ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଅଟିଜିମ୍, ଡାଉନ୍ ସିଣ୍ଡ୍ରୋମ୍, ସେରିବ୍ରାଲ୍ ପାଲସି, ଅନ୍ୟାନ୍ୟ ବୌଦ୍ଧିକ ଓ ବିକାଶଗତ ଅକ୍ଷମତା ଥିବା ଶିଶୁମାନଙ୍କର ଶିକ୍ଷା, ବିକାଶ ଓ ଯତ୍ନ ପ୍ରତି ଗୁରୁତ୍ୱ ଦିଆଯାଏ । ଏହି ପଦକ୍ଷେପ ମାଧ୍ୟମରେ କିଟ୍ ଲ ସ୍କୁଲ୍ ଆଇନ ସଚେତନତାର ପ୍ରସାର, ଭିନ୍ନକ୍ଷମ ଶିଶୁମାନଙ୍କ ଅଧିକାର ଓ ମର୍ଯ୍ୟାଦାର ସୁରକ୍ଷା ଏବଂ ସାମାଜିକ ସମାବେଶ ଓ ସମାନତାଭିତ୍ତିକ ସମାଜ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି ।

# ନୂଆ ଜିଲ୍ଲା ଗଠନ - ପ୍ରସ୍ତାବ ଶୀତଳଭଣ୍ଡାରରେ

ଭୁବନେଶ୍ୱର,(ତଥ୍ୟ) ରାଜ୍ୟର ଏକାଧିକ ଅଞ୍ଚଳରୁ ଜିଲ୍ଲା ଗଠନ ପାଇଁ ପ୍ରସ୍ତାବ ଆସୁଥିବାବେଳେ ସରକାର ଏହା ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ଗ୍ରହଣ କରିନାହାନ୍ତି । ଫଳରେ ଏହିସବୁ ପ୍ରସ୍ତାବ ଏବେ ଶୀତଳଭଣ୍ଡାରରେ ପଡିବା ଭଳି ଅବସ୍ଥା ହୋଇଛି । ନବେ ଦଶକରେ ବିଜୁ ପଟ୍ଟନାୟକଙ୍କ ସରକାର ରାଜ୍ୟର ଜିଲ୍ଲା ସଂଖ୍ୟା ୧୩ ରୁ ୩୦ କୁ ବୃଦ୍ଧି କରିଥିଲେ । ହେଲେ ସେତେବେଳେ ତିନି ବୃହତ୍ ଜିଲ୍ଲା କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାକୁ ଭାଙ୍ଗିନଥିଲେ । ପରବର୍ତ୍ତୀ ସମୟରେ ଏହି ଜିଲ୍ଲାଗୁଡିକୁ ଭାଙ୍ଗି ରାଜ୍ୟରେ ଜିଲ୍ଲାସଂଖ୍ୟା ବୃଦ୍ଧି କରାଯିବ ବୋଲି କୁହାଯାଇଥିଲା । ଇତି ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନ ଯଥା ପଦ୍ମପୁର, ଆନନ୍ଦପୁର, ରାଇରଙ୍ଗପୁର, ରାଉରକେଲା, ଘୁମୁସର ଓ ଭୁବନେଶ୍ୱରକୁ ଜିଲ୍ଲାମାନ୍ୟତା ପ୍ରଦାନ ପାଇଁ ଦାବି ହୋଇ ଆସୁଛି । ଭୁବନେଶ୍ୱରକୁ ଜିଲ୍ଲାମାନ୍ୟତା ଦେବାପାଇଁ ଦୀର୍ଘଦିନରୁ ଆନ୍ଦୋଳନ ଚାଲିଛି । କାରଣ ନବେ ଦଶକର ଜିଲ୍ଲା ପୁର୍ନଗଠନ ସମୟରେ ଖୋରଧାକୁ ଜିଲ୍ଲା ଘୋଷଣା ସହିତ ଏହାର ମୁଖ୍ୟାଳୟ ଭୁବନେଶ୍ୱରରେ ରଖାଯାଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଦାବି ଉଠିବାରୁ ମୁଖ୍ୟାଳୟକୁ ଖୋରଧା ସ୍ଥାନାନ୍ତରିତ କରାଗଲା । ତେବେ ଭୁବନେଶ୍ୱର ହେଉଛି ଦେଶର ଏକମାତ୍ର ରାଜ୍ୟ ରାଜଧାନୀ ଯାହା ଜିଲ୍ଲାମାନ୍ୟତା ପାଇନାହିଁ । ସେହିଭଳି ଭାବେ ରାଜନୈତିକ, ଭୌଗଳିକ ଓ ଅନ୍ୟାନ୍ୟ କାରଣରୁ ଆନନ୍ଦପୁର, ରାଇରଙ୍ଗପୁର ଓ ରାଉରକେଲାକୁ ଜିଲ୍ଲାମାନ୍ୟତା ଦେବାକୁ ଦାବି ହୋଇ ଆସୁଛି । କାରଣ ବର୍ତ୍ତମାନ ଏହିସବୁ ଅଞ୍ଚଳଥିବା ଜିଲ୍ଲାଗୁଡିକର ଭୌଗଳିକ କ୍ଷେତ୍ରରେ ବୃହତ୍ ହୋଇଥିବାରୁ ଜିଲ୍ଲା ମୁଖ୍ୟାଳୟକୁ କୌଣସି କାର୍ଯ୍ୟରେ ଯିବାକୁ ସମୟ ଓ ସମ୍ବଳ ଉଭୟ ଆବଶ୍ୟକ ହେଉଛି । ସେହିଭଳି ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବାପାଇଁ ମଧ୍ୟ ଦୀର୍ଘଦିନରୁ ଦାବି ହୋଇ ଆସୁଛି । ପ୍ରତିଥର ନିର୍ବାଚନ ସମୟରେ ଏକାଧିକ ସ୍ଥାନରୁ ନୂତନ ଜିଲ୍ଲା ଗଠନ ନେଇ ଦାବି ଉଠିବା ସହିତ ଏହାକୁ ରାଜନୈତିକ ସମର୍ଥନ ମିଳୁଛି । ହେଲେ ନିର୍ବାଚନ ସରିଲା ପରେ ଏ ସଂକ୍ରାନ୍ତରେ ଜିଲ୍ଲା ପୁର୍ନଗଠନ ଦାବି ଏକ ପ୍ରକାର ଧିମେଇ ଯାଉଛି । ଫଳରେ ବୃହତ୍ ଜିଲ୍ଲା ମୁଖ୍ୟାଳୟ ଠାରୁ ଦୂରରେ ରହୁଥିବା ଲୋକେ ପ୍ରଶାସନିକ ସେବା ପାଇବାରେ ସମସ୍ୟା ଭୋଗୁଛନ୍ତି । ନିକଟରେ ରାଜ୍ୟ ବିଧାନସଭାରେ ସରକାର ସ୍ପଷ୍ଟ କରିଛନ୍ତି ଯେ ନୂତନ ଜିଲ୍ଲା ଗଠନ ନେଇ ସରକାର କୌଣସି ନିଷ୍ପତ୍ତି ଗ୍ରହଣ କରିନାହାନ୍ତି ।

# ବାଣୀବିହାର ଇଲେକ୍ସନ ଅଙ୍କର ମାଷ୍ଟର ମାଇଣ୍ଡ ଡ଼ଃ ପ୍ରକାଶ ତ୍ରିପାଠୀ

ଭୁବନେଶ୍ୱର (ସବ୍ୟ): ବାଣୀବିହାର ଛାତ୍ର ସଂସଦ ନିର୍ବାଚନର ସଫଳ ନାୟକ, ଯାହାର ନିର୍ବାଚନ ପରିଚାଳନା ତଥା ଫଳାଫଳ ସବୁବେଳେ ବିଜୟ ଆଣି ଦେଇଥାଏ ସିଏ ହେଉଛନ୍ତି ପୂର୍ବତନ ଛାତ୍ର ସଂସଦ ସଭାପତି ଡ଼ଃ ପ୍ରକାଶ ତ୍ରିପାଠୀ । ସିଏ ତାଙ୍କର ରାଜନୈତିକ କାର୍ଯ୍ୟକଳାପ ୧୯୯୮ ମସିହାରେ ବାଣୀବିହାରରେ ଆରମ୍ଭ କରିଥିଲେ । ୧୯୯୮ ମସିହାରେ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ନେତୃତ୍ୱରେ ବାଣୀବିହାର ନିର୍ବାଚନରେ ଛାତ୍ର କଂଗ୍ରେସରୁ ସଭାପତି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରି ୫୦୦ ରୁ ଉର୍ଦ୍ଧ ଭୋଟରେ ସେତେବେଳର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ସୁପୁତ୍ର ସ୍ୱର୍ଗତ ସଂଗ୍ରାମ କେଶରୀ ଜେନାଙ୍କୁ ହରାଇ ଥିଲେ । ତାପର ଠାରୁ ବାଣୀବିହାର ନିର୍ବାଚନ ଦାୟିତ୍ୱ ପ୍ରକାଶଙ୍କ କାନ୍ଧରେ ଶ୍ରୀ ମହାପାତ୍ର ନ୍ୟସ୍ତ କଲେ । ୧୯୯୮ ରୁ ୨୦୧୪ ପର୍ଯ୍ୟନ୍ତ ବାଣୀବିହାର ନିର୍ବାଚନ ଓ ପରିଚାଳନା କାମ କଂଗ୍ରେସ ତରଫରୁ ପ୍ରକାଶ ତ୍ରିପାଠୀ ବୁଝିଲେ ଓ ତାଙ୍କର ସଫଳ ନିର୍ବାଚନ ପରିଚାଳନା ଓ ଗୋଟି ଚାଳନା ଯୋଗୁଁ ସେ ସମସ୍ତ ନିର୍ବାଚନରେ ଛାତ୍ର କଂଗ୍ରେସକୁ ଶତ ପ୍ରତିଶତ ବିଜୟୀ କରାଉଥିଲେ । ସମୟକ୍ରମେ ୨୦୧୪ ମସିହାରେ ସେ ବିଜୁ ଜନତା ଦଳରେ ଯୋଗ ଦେବାପରେ ପ୍ରଥମଥର ପାଇଁ ବିଜୁ ଛାତ୍ର ଜନତା ଦଳ ବାଣୀବିହାର ନିର୍ବାଚନରେ ବିଜୟୀ ହେଲା ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଥର ପାଇଁ ବାଣୀବିହାର ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଲେ , ତାପରେ ୨୦୧୬ ଓ



୧୭ ନିର୍ବାଚନ ଦାୟିତ୍ୱ ତାଙ୍କ କାନ୍ଧରେ ରହିଲା ଓ ପୁଣି ବିଜୁ ଛାତ୍ର ଜନତା ଦଳ ବାଣୀବିହାରରେ ବାଜିମାତ କଲା । ପରବର୍ତ୍ତୀ ସମୟରେ ତତ୍କାଳ ବିଜୁ ଜନତା ଦଳ ବିଭିନ୍ନ ଆଳ ଦେଖାଇ ଛାତ୍ରମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ଛଡାଇ ନେଲା । ଓ ନିର୍ବାଚନକୁ ବନ୍ଦ କରିଦେଲା । ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସାରା ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ କାରବାକୁ ଏକ ଯୁଗାନ୍ତକାରି ପଦକ୍ଷେପ ନେଲେ । ଚଳିତ ନିର୍ବାଚନ ପୂର୍ବରୁ ଡ଼ଃ ପ୍ରକାଶ ତ୍ରିପାଠୀ ବିଜେପିରେ ଯୋଗ ଦେଲେ ଓ ପୁଣି ଥରେ ବାଣୀବିହାର ଛାତ୍ର ନିର୍ବାଚନ ପରିଚାଳନା ଦାୟିତ୍ୱ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଭାପତି ଓ ସମ୍ପାଦକ ଓ ଅନ୍ୟ ପ୍ରାର୍ଥୀ ମାନଙ୍କୁ ଏକ ବୃହତ ଭୋଟ ବ୍ୟବଧାନରେ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲେ । ତାଙ୍କର ସଫଳ ଗୋଟି ଚାଳନା ପାଇଁ ଆଜି ବାଣୀବିହାରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବିଜୟୀ ହୋଇ ନୂଆ ରେକର୍ଡ ସୃଷ୍ଟି କଲା । ଏବେ ବାଣୀବିହାରରେ ସମସ୍ତ ଶିକ୍ଷକ, କର୍ମଚାରୀ ଓ ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ର ମାନଙ୍କ ମୁହଁରେ ଗୋଟିଏ କଥା "ବାଣୀବିହାରର ଚାଣକ୍ୟ" ହେଉଛନ୍ତି ପ୍ରକାଶ ତ୍ରିପାଠୀ । ସିଏ ଯୋଉ ଦଳରେ ରହିଲେ ସେ ଦଳ ଇଲେକ୍ସନ ଜିତିଲା. ନିର୍ବାଚନର ଅଙ୍କ ତାଙ୍କୁ ବେଶ ଜଣା । ତାଙ୍କ ଅଙ୍କ କଷା ଆଗରେ ସବୁ ଫେଲ । ତାଙ୍କର ସଫଳତା ଶତ ପ୍ରତିଶତ ।

# 'ଅବିନାଶ ଗ୍ରୁପ୍' ପକ୍ଷରୁ ଭୁବନେଶ୍ୱରରେ 'ଇନଭେଷ୍ଟ ଇନ୍ ରାୟପୁର' ଏକ୍ସପୋ

ଭୁବନେଶ୍ୱର, (ସବ୍ୟ): ମଧ୍ୟ ଭାରତର ସର୍ବବୃହତ ରିଅଲ୍ ଇଷ୍ଟେଟ୍ ଡେଭଲପର୍ 'ଅବିନାଶ ଗ୍ରୁପ୍', ୧୬ ଏବଂ ୧୭ ରେ ଭୁବନେଶ୍ୱରସ୍ଥିତ 'ଦ କ୍ରାଉନ୍, ଆଇଏଚସିଏଲ୍ ସିଲେକ୍ସନ୍ସ' ଠାରେ ଦୁଇ ଦିନିଆ 'ଇନଭେଷ୍ଟ ଇନ୍ ରାୟପୁର' ରିଅଲ୍ ଇଷ୍ଟେଟ୍ ଏକ୍ସପୋର



ଆୟୋଜନ କରୁଛି । ଏହି ପଦକ୍ଷେପ ଓଡ଼ିଶା ସହିତ ଗ୍ରୁପ୍‌ର ସମ୍ପର୍କ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଏହା ମାଧ୍ୟମରେ ଗ୍ରୁପ୍ ନିଜର ତିନି ଦଶନ୍ଧିର ଐତିହ୍ୟ, ବିକାଶ କ୍ଷେତ୍ରରେ ଥିବା ଦକ୍ଷତା ଏବଂ ବିଭିନ୍ନ ପ୍ରକାରର ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପ ଗୁଡ଼ିକୁ ରାଜ୍ୟର ନିବେଶକ ଏବଂ ଘର କିଣିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ନିକଟରେ ପହଞ୍ଚାଉଛି । ୧୯୯୬ ମସିହାରେ ପ୍ରତିଷ୍ଠିତ 'ଅବିନାଶ ଗ୍ରୁପ୍', ମଧ୍ୟ ଭାରତର ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ଏକ ଅଗ୍ରଣୀ ନାମ ଭାବରେ ଉଭା ହୋଇଛି । କମ୍ପାନୀ ଆବାସିକ, ବାଣିଜ୍ୟିକ, ପ୍ଲଟ୍ ବିକାଶ, ସମନ୍ୱିତ ଟାଉନସିପ୍ ଏବଂ ଉନ୍ନତ ଜୀବନଶୈଳୀଯୁକ୍ତ ସମ୍ପ୍ରଦାୟ ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛି । ୬୧ରୁ ଅଧିକ ପ୍ରକଳ୍ପର ସଫଳ ରୂପାୟନ, ୧୮,୦୦୦ରୁ ଅଧିକ ପରିବାରକୁ ସେବା ଏବଂ ୨.୧୨ କୋଟି ବର୍ଗ ଫୁଟରୁ ଅଧିକ ନିର୍ମାଣ କାର୍ଯ୍ୟ ସହିତ, ଏହି ଗ୍ରୁପ୍ ପାଞ୍ଚଟି ମୁଖ୍ୟ ମୂଲ୍ୟବୋଧ ଉପରେ ଆଧାରିତ ହୋଇ ନିଜର ସୁନାମ ଅର୍ଜନ କରିଛି । 'ଅବିନାଶ ଗ୍ରୁପ୍' ଓଡ଼ିଶାରେ ବିକାଶର ସୁଯୋଗଗୁଡ଼ିକୁ ସକ୍ରିୟ ଭାବରେ ଅନୁସନ୍ଧାନ କରୁଛି ଏବଂ ରାଜ୍ୟରେ ଏକ ସୁଦୃଢ଼ ରିଅଲ୍ ଇଷ୍ଟେଟ୍ ଉପସ୍ଥିତି ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛି । ଆବଶ୍ୟକୀୟ ଆଇନଗତ ଅନୁମୋଦନ ଏବଂ ପଞ୍ଜୀକରଣ ପରେ, ଉପଯୁକ୍ତ ସମୟରେ ନିର୍ଦ୍ଦିଷ୍ଟ ପ୍ରକଳ୍ପ ଗୁଡ଼ିକ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯିବ । ଏହି ଗ୍ରୁପ୍ ଓଡ଼ିଶାକୁ ନିଜର ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଭାବରେ ବିବେଚନା କରୁଛି । ଏଠାରେ ବଢୁଥିବା ସହରୀ ଆକାଂକ୍ଷା, ଭିତ୍ତିଭୂମି ବିକାଶ ଏବଂ ସୁଚି ଓଡ଼ିଶାରେ 'ଅବିନାଶ ଗ୍ରୁପ୍' ର ରିଅଲ୍ ଇଷ୍ଟେଟ୍ ସମ୍ପ୍ରସାରଣ କାର୍ଯ୍ୟକ୍ରମର ନେତୃତ୍ୱ ନେଉଥିବା ପ୍ରିୟଙ୍କ ଏଠାରେ 'ଅବିନାଶ ଗ୍ରୁପ୍'ର ଉପସ୍ଥିତି ସୁନିଶ୍ଚିତ କରିବା ଦିଗରେ କାମ କରୁଥିବା ବେଳେ, ଆମର ଲକ୍ଷ୍ୟ ସ୍ପଷ୍ଟ - ଆମେ କେବଳ ଆମର ନିର୍ମାଣ 'ଅବିନାଶ ଗ୍ରୁପ୍'ର ସମ୍ପ୍ରସାରଣ ରଣନୀତି ଏହାର ଏକ ବୃହତ୍ତର ଲକ୍ଷ୍ୟକୁ ପ୍ରତିଫଳିତ କରେ । ଏହି ଲକ୍ଷ୍ୟ ହେଉଛି - ଆନନ୍ଦ ସିଂଘାନିଆ ଏବଂ ମୁକେଶ ସିଂଘାନିଆଙ୍କ ଦ୍ୱାରା ସ୍ଥାପିତ ପାରିବାରିକ ବ୍ୟବସାୟର ମୂଳ ନୀତିଗୁଡ଼ିକୁ ଅକ୍ଷୁର୍ଣ୍ଣ ରଖି, ଏକ ବୃତ୍ତିଗତ ପରିଚାଳନା ଓ ମୂଲ୍ୟବୋଧ ଉପରେ ଆଧାରିତ ରିଅଲ୍ ଇଷ୍ଟେଟ୍ ସଂସ୍ଥା ଗଢ଼ି ତୋଳିବା ।

## ଅଜିମ୍ ପ୍ରେମଜୀ ୟୁନିଭରସିଟି ୨୦୨୭ ଶିକ୍ଷାବର୍ଷ ନିମନ୍ତେ
## ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଆବେଦନ ଉନ୍ମୁକ୍ତ କଲା

ଭୁବନେଶ୍ୱର, (ସବ୍ୟ) : ଅଜିମ୍ ପ୍ରେମଜୀ ୟୁନିଭରସିଟି ୨୦୨୭ ଶିକ୍ଷା ବର୍ଷ ନିମନ୍ତେ ତାହାର ବେଙ୍ଗାଲୁରୁ, ଭୋପାଳ ଏବଂ ରାଞ୍ଚିରେ ଥିବା ସମସ୍ତ କ୍ୟାମ୍ପସ୍‌ରେ ପୂର୍ଣ୍ଣ-କାଳୀନ ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏ୍ ପାଠ୍ୟକ୍ରମ ପାଇଁ ଆବେଦନ ଉନ୍ମୁକ୍ତ କରିଛି । ବିଶ୍ୱବିଦ୍ୟାଳୟ (ୟୁନିଭରସିଟି) ଏଜୁକେସନ, ଡେଭେଲପମେଣ୍ଟ, ଇକୋନୋମିକ୍ସ, ପବ୍ଲିକ ହେଲ୍‌ଥ, ୟର୍ଲି ଚାଇଲଡ୍‌ହୁଡ କେୟାର ଆଣ୍ଡ ଏଜୁକେସନ୍ ଓ କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବିଲିଟି ଆଦିରେ ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମ ପ୍ରଦାନ କରୁଛି । ଏହାର ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମ ଅବଧି ଚାରିବର୍ଷ, ପୂର୍ଣ୍ଣ-କାଳୀନ ଆବାସିକ ଏବଂ ଏଥିରେ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସେସ୍ ଓ ସାଇନ୍ସେସ୍ ଆଦି ପାଠ୍ୟକ୍ରମ ରହିଛି । ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମଗୁଡିକ ହେଉଛି ଏମ୍‌ଏ ଏଜୁକେସନ; ଏମ୍‌ଏ ୟର୍ଲି ଚାଇଲ୍‌ଡହୁଡ କେୟାର ଆଣ୍ଡ ଏଜୁକେସନ; ଏମ୍‌ଏ ଡେଭେଲପମେଣ୍ଟ, ଏମ୍‌ଏ ଇକୋନୋମିକ୍ସ; ଏମ୍‌ଏସ୍‌ସି କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବିଲିଟି, ଯାହା ବେଙ୍ଗାଲୁରୁ କ୍ୟାମ୍ପସରେ ରହିଥିବାବେଳେ ଏମ୍‌ଏ ଏଜୁକେସନ; ମାଷ୍ଟର ଅଫ ପବ୍ଲିକ ହେଲ୍‌ଥ ଭୋପାଳରେ ଏବଂ ଏମ୍‌ଏ ଡେଭେଲପମେଣ୍ଟ; ଏମ୍‌ଏ ଆପ୍ଲାଏଡ ଇକୋନୋମିକ୍ସ ରାଞ୍ଚି କ୍ୟାମ୍ପସ୍‌ରେ ପ୍ରଦାନ କରାଯାଉଛି ।

# ୩୩ ନଂ ୱାର୍ଡରେ ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ଯାତ୍ରା

କଟକ, (ସ୍ୱପ୍ର): ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ କଟକ ମହାନଗର ନିଗମ ଅନ୍ତର୍ଗତ ୩୩ ନମ୍ବର ୱାର୍ଡରେ ଏକ ଜନସମ୍ପର୍କ ଯାତ୍ରା କରିଛନ୍ତି । ଏହି ଗସ୍ତ କାଳରେ ସେ ଓ୍ୱାର୍ଡର ବିଭିନ୍ନ ସାହି ବୁଲି ରାସ୍ତାଘାଟ, ଡ୍ରେନେଜ୍ ଓ ପରିମଳ ବ୍ୟବସ୍ଥାର ସ୍ଥିତି ଅନୁଧ୍ୟାନ କରିଥିଲେ । ଅଞ୍ଚଳର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀମାନେ ବିଧାୟିକାଙ୍କୁ ଭେଟି ସ୍ଥାନୀୟ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଆଶୁ ସମାଧାନ ପାଇଁ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ୱାର୍ଡରେ ବିଧାୟକ ପାଣ୍ଠି ସହାୟତାରେ ଚାଲୁଥିବା ବିଭିନ୍ନ ଉନ୍ନୟନ ତଥା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସେ ତଦାରଖ କରିଥିଲେ । ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଶୁଣିବା ସହିତ ଲୋକଙ୍କ ମୌଳିକ



ସୁବିଧା ସୁନିଶ୍ଚିତ କରିବା ଏବଂ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଓଜେସି କଟକ ସହର ସଭାପତି ଗିରିବାଳା ବେହେରା ଯୋଗଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ମୋହସିନ ଖାନ, କାଦର ନୁର ବକ୍ସ, ପୂର୍ଣ୍ଣଚନ୍ଦ୍ର ନାୟକ, ଦୀପକ ଦାସ, ଗୋରା ଖାନ, ଆବିଦ ଖାନ, ଧନୀ ମହାନ୍ତି, କୁନି ପଣ୍ଡା, ବିଭୁତି ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାର ଆଇଟିଆଇ କ୍ଲଷ୍ଟର ପାଇଁ କେନ୍ଦ୍ର ସରକାରଙ୍କ ୨୪୦ କୋଟି ଟଙ୍କା ମଞ୍ଜୁର

# ଯୁବପିଢ଼ିଙ୍କ ଦକ୍ଷତା ବିକାଶ ବିଜେପିର ପ୍ରାଥମିକତା : ତପନ ଚାନ୍ଦ

ଭୁବନେଶ୍ୱର, (ସବ୍ୟ): ଓଡ଼ିଶାର ଯୁବକଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ରାଜ୍ୟରେ ଶିଳ୍ପଭିତ୍ତିକ ଦକ୍ଷତା ବିକାଶର ପଥକୁ ଅଧିକ ପ୍ରଶସ୍ତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି । ପିଏମ୍ ସେତୁ ଯୋଜନା ଅଧୀନରେ ଓଡ଼ିଶାର କଟକ ଆଇଟିଆଇ କ୍ଲଷ୍ଟରର ଉନ୍ନତିକରଣ ପାଇଁ ଭାରତ ସରକାରଙ୍କ ଜାତୀୟ ଷ୍ଟିୟରିଂ କମିଟି (ଏନ୍‌ଏସ୍‌ସି), ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ୨୪୦.୫୦ କୋଟି ଟଙ୍କାର ନିବେଶକୁ ଅନୁମୋଦନ କରାଯାଇଛି । ଏହି କ୍ଲଷ୍ଟରର ରଣନୀତିକ ନିବେଶ ଯୋଜନା (ଏସ୍‌ଆଇପି) ଟାଟା ଷ୍ଟିଲ୍ ଫାଉଣ୍ଡେଶନ୍‌ର ସହଯୋଗରେ କାର୍ଯ୍ୟକାରୀ ହେବ । ଏଥିରେ ହବ୍-ଆଣ୍ଡ-ସ୍ପୋକ୍ ମଡେଲ୍ ଅନୁସରଣ କରାଯିବ । ସରକାରୀ ଆଇଟିଆଇ, କଟକ ମୁଖ୍ୟ କେନ୍ଦ୍ର (ହବ୍) ଭାବେ କାର୍ଯ୍ୟ କରିବାକୁ ଥିବାବେଳେ ସରକାରୀ ଆଇଟିଆଇ, ଚୌଦ୍ୱାର, ପାରାଦୀପ, ଯାଜପୁର ଓ ଢେଙ୍କାନାଳ ଏହାର ସହଯୋଗୀ କେନ୍ଦ୍ର (ସ୍ପୋକ୍) ଭାବେ କାର୍ଯ୍ୟ କରିବ । ଏହି ଜନକଲ୍ୟାଣକାରୀ ତଥା ଦକ୍ଷତା ଭିତିକ ପଦକ୍ଷେପ ପାଇଁ ବିଜେପି ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ବିଜେପି ଶିଳ୍ପ ପ୍ରକୋଷ୍ଠର ସଂଯୋଜକ ତଥା ରାଜ୍ୟ ମୁଖପାତ୍ର ଡ. ତପନ କୁମାର ଚାନ୍ଦ, ଅନ୍ୟତମ ମୁଖପାତ୍ର ତେଜେଶ୍ୱର ପରିଡ଼ା, ସତ୍ୟବ୍ରତ ପଣ୍ଡା ଏକ ପ୍ରେସ ବିବୃତି ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥିରେ ଦର୍ଶାଯାଇଛି ଯେ, ଆଜିର ଯୁଗରେ ଯୁବପିଢ଼ିଙ୍କ ପାଇଁ ବୈଷୟିକ ଜ୍ଞାନକୌଶଳ ଏବଂ ଗୁଣାତ୍ମକ ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ । କଟକ ଆଇଟିଆଇ କ୍ଲଷ୍ଟରର ଏହି ଆଧୁନିକୀକରଣ ଯୋଗୁଁ ରାଜ୍ୟର ଯୁବକଯୁବତୀମାନେ ବିଭିନ୍ନ ଶିଳ୍ପ ସଂସ୍ଥାର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ହୋଇପାରିବେ । ଏହି ପ୍ରକଳ୍ପ ଜରିଆରେ କର୍ମଶାଳା ଭିତିଭୂମିର ଆଧୁନିକୀକରଣ କରାଯିବ ସହ ଶିଳ୍ପ ୪.୦ ଆଧାରିତ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପାଠ୍ୟକ୍ରମ ପ୍ରଚଳନ, ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସହ ପ୍ରଶିକ୍ଷଣକୁ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯିବ ।

ଏଥିରେ ଉନ୍ନତ ଉତ୍ପାଦନ ଓ ରୋବୋଟିକ୍ସ, ଇଂଟରନେଟ୍ ଅଫ୍ ଥିଙ୍ଗ୍ସ, ସାଇବର-ଫିଜିକାଲ୍ ସିଷ୍ଟମ୍, ଆଡିଟିଭ୍ ମ୍ୟାନୁଫାକ୍ଚରିଂ, ସବୁଜ ଶକ୍ତି, ଇଲେକ୍ଟ୍ରିକ୍ ଯାନ (ଇଭି) ଏବଂ ଡିଜିଟାଲ୍ ଲଜିଷ୍ଟିକ୍ସ ଓ ସପ୍ଲାଏ ଚେନ୍ ପ୍ରଯୁକ୍ତି ଭଳି ଆଧୁନିକ ବିଷୟ ସାମିଲ ହେବ । ଏହି ନୂତନ ପାଠ୍ୟକ୍ରମ ଗୁଡ଼ିକର ସଫଳ ପରିଚାଳନା ପାଇଁ ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏନ୍‌ଏସ୍‌ଆଇଟି) ମାଧ୍ୟମରେ ୩,୭୪୪ ଜଣ ପ୍ରଶିକ୍ଷକଙ୍କ ଦକ୍ଷତା ବୃଦ୍ଧି କରାଯାଇଛି । ଏଥିସହ ନିକଟରେ ଓଡ଼ିଶା କ୍ୟାବିନେଟ୍ 'ଦକ୍ଷତା ବିକାଶ ଯୋଜନା'କୁ ଅନୁମୋଦନ କରାଯାଇଛି । ଏହି ଯୋଜନା ଅଧୀନରେ ରାଜ୍ୟର ୪ ଲକ୍ଷ ୨୦ ହଜାର ଯୁବକ, ଯୁବତୀଙ୍କୁ ଶିଳ୍ପ ଉପଯୋଗୀ ଦକ୍ଷତା ପ୍ରଶିକ୍ଷଣ ଦିଆଯିବ । ଏଥିରେ ୩ ଲକ୍ଷ ଯୁବକ, ଯୁବତୀଙ୍କୁ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଲକ୍ଷ୍ୟ ରହିଛି । ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ ସହ ସମନ୍ୱୟ ରକ୍ଷା କରି ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଆଦର୍ଶ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗ ଏବଂ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ପାଇଁ ଲକ୍ଷ୍ୟଭିତିକ ପ୍ରକଳ୍ପ ଓ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋସିପ୍‌ର ବ୍ୟବସ୍ଥା ମଧ୍ୟ ରହିଛି । ଏହି ପ୍ରକଳ୍ପ ପାଇଁ ୪୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହି ସମସ୍ତ ପଦକ୍ଷେପ ଓଡ଼ିଶାର ଯୁବପିଢ଼ିଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି କରିବା ସହ ଦେଶ ଓ ବିଦେଶରେ ଉଦୀୟମାନ ଶିଳ୍ପ ଓ ନିଯୁକ୍ତି କ୍ଷେତ୍ରରେ ଉପଲବ୍ଧ ସୁଯୋଗ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବ ।

ଏହି ଯୋଜନାଗୁଡ଼ିକ ଫଳାଫଳ ଭିତିକ ହୋଇଥିବାରୁ ଯୁବକ, ଯୁବତୀଙ୍କ ଦକ୍ଷତା ବୃଦ୍ଧି, ନିଯୁକ୍ତି ସୁଯୋଗ ସୃଷ୍ଟି ଓ ରାଜ୍ୟର ଶିଳ୍ପ ବିକାଶ କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ ବୋଲି ଆଶା କରାଯାଉଛି । ପୂର୍ବ ବିଜେଡି ସରକାରରେ ଦକ୍ଷତା ବିକାଶ କେବଳ ଯୋଜନା ଓ ବିଜ୍ଞାପନରେ ସୀମିତ ରହିଥିବା ବେଳେ ଓଡ଼ିଶାର ବିକାଶ ଧାରାକୁ ଆହୁରି ଦ୍ରୁତଗତିରେ ଆଗକୁ ନେବାକୁ ବିଜେପି ସର୍ବଦା ପ୍ରତିବଦ୍ଧ । ଶିଳ୍ପାୟନ ବୃଦ୍ଧି ସହ ଦକ୍ଷତା ବିକାଶର ପରିସୀମାକୁ ବ୍ୟାପକ ବୃଦ୍ଧି କରାଯାଇ ଶିଳ୍ପ ଓ ସମୟର ଆବଶ୍ୟକତା ଅନୁଯାୟୀ ଓଡ଼ିଆ ଯୁବକ, ଯୁବତୀମାନଙ୍କୁ ଦକ୍ଷ ଓ ଯୋଗ୍ୟ କରିବା ପାଇଁ ପ୍ରୟାସ କରାଯାଇଥିବାରୁ ଡବଲ୍‌ଇଞ୍ଜିନ୍ ସରକାରଙ୍କୁ ବିଜେପି ପକ୍ଷରୁ ଧନ୍ୟବାଦ ଜଣାଯାଇଛି ।

# ହାଇଟେକ୍‌ର ସଚିନ୍‌ଙ୍କ ନୂଆ ଡବଲ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ

ଭୁବନେଶ୍ୱର, (ସବ୍ୟ): 'ନି ଷ୍ଟ୍ରାଇକର ଅଫ୍ ଇଣ୍ଡିଆ' ଭାବେ ପରିଚିତ ଯୁବ ଆଥଲେଟ୍ ତଥା ହାଇଟେକ୍ ଫିଜିଓଥେରାପି କଲେଜର ଛାତ୍ର ସଚିନ ବେହେରା ପୁଣି ଥରେ ଓଡ଼ିଶା ମାଟିର ନାଁ ସାରା ଦେଶରେ ଉଜ୍ଜ୍ୱଳ କରିଛନ୍ତି । ସେ ଗୋଟିଏ ଦିନରେ ଦୁଇଟି ଭିନ୍ନ ବର୍ଗରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ଓ ଏସିଆ ବୁକ୍ ଅଫ୍ ରେକର୍ଡ ସୃଷ୍ଟି କରି ଏକ ନୂଆ ଇତିହାସ ରଚିଛନ୍ତି । ଏହି ଐତିହାସିକ ପ୍ରୟାସ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ ଏକାଡେମୀରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ରେକର୍ଡ ୫ କେଜି ଆଙ୍କଲ ୱେଟ୍ ପିନ୍ଧି ଗୋଟିଏ ଗୋଡ଼ରେ ଠିଆ ହୋଇ ଏକ ମିନିଟରେ ୮୮ ଥର ପୂର୍ଣ୍ଣ ନି ଷ୍ଟ୍ରାଇକ୍ କରିଥିଲେ, ସେହିପରି ଦ୍ୱିତୀୟ ରେକର୍ଡରେ ସଚିନ୍ ୧ କେଜି ଆଙ୍କଲ ୱେଟ୍ ପିନ୍ଧି ଏକ ମିନିଟରେ ୧୦୩ ଥର ନି ଷ୍ଟ୍ରାଇକ୍ କରିଥିଲେ । ଏହି ଦୁଇଟି କଠିନ ରେକର୍ଡ ପାଇଁ ସେ ମାସ ମାସ ଧରି ନିରନ୍ତର ଅଭ୍ୟାସ କରିଥିଲେ ବୋଲି କହିଛନ୍ତି । ସଚିନ୍‌ଙ୍କ ଏହି ସଫଳତା ପରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ, ହାଇଟେକ୍‌ର ଛାତ୍ରଛାତ୍ରୀ ଉନ୍ନତଧରଣର କ୍ୟାରିୟର ସୃଷ୍ଟି କରିବା ସହ ରାଜ୍ୟ ତଥା ଜାତୀୟ ସ୍ତରରେ ଗୌରବ ଆଣିବା ନିଶ୍ଚିତ ରୁପେ ଖୁସିର କଥା । ଯୁବ ବୟସରୁ କିଛି କରିଦେଖାଇବା ନିଶା ସଚିନଙ୍କୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ହାସଲ କରିବାରେ ସଫଳ କରିପାରିଛି । ସେ ୨୦୧୯ ରେ ପ୍ରଥମ ଗିନିଜ୍ ୱାର୍ଲ୍ଡ ରେକର୍ଡ ଏବଂ ୨୦୨୨ ରେ ଲଗାତାର ଦୁଇଟି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିପାରିଥିଲେ । ଏହି ସଫଳତା ପରେ ସଚିନ କହିଛନ୍ତି, "ଜଣେ ସ୍ପ୍ରିଣ୍ଟର ଭାବେ, ନି ଷ୍ଟ୍ରାଇକ୍ ତାଙ୍କର ନିୟମିତ ଅଭ୍ୟାସର ଅଂଶ



ଥିଲା ଯାହାକି ଗୁରୁ ସୌମ୍ୟ ରଞ୍ଜନ ଦାସଙ୍କ ମାର୍ଗଦର୍ଶନରେ ସେ ନି ଷ୍ଟ୍ରାଇକ୍ ସ୍ପିଡ୍ ଉପରେ ବିଶେଷ ଧ୍ୟାନ ଦେଇଥିଲେ, ସେହିପରି ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କ ପ୍ରେରଣା ଓ ପ୍ରୋତ୍ସାହନ ତାଙ୍କୁ ଏହି ରେକର୍ଡ କରିବାରେ ସହାୟତା ହୋଇଥିଲା ।

# ଆଇଡିବିଆଇ ବ୍ୟାଙ୍କର ସରକାରୀ ଅଂଶଧନ ହ୍ରାସ ନେଇ ସ୍ପଷ୍ଟୀକରଣ




**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କରେ କେନ୍ଦ୍ର ସରକାରଙ୍କ ଅଂଶଧନ ହ୍ରାସ ସମ୍ପର୍କିତ ୨୦୦୩ର ଆଇନଗତ ପ୍ରକ୍ରିୟାକୁ ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ କେନ୍ଦ୍ର ସରକାର ସ୍ପଷ୍ଟୀକରଣ ଦେଇଛନ୍ତି। ସଂସଦରେ ୨୦୦୩ରେ ଆଇଡିବିଆଇ (ରଦ୍ଦ) ଆଇନ ସମ୍ପର୍କିତ ଆଲୋଚନା ସମୟରେ ସରକାରୀ ଅଂଶଧନ ହ୍ରାସ ଉପରେ କଟକଣା ଲଗାଇବା ପାଇଁ ଏକ ସଂଶୋଧନ ପ୍ରସ୍ତାବ ଆଗତ ହୋଇଥିଲା। କିନ୍ତୁ ଏହା ଗୃହୀତ ହୋଇନଥିଲା ଏବଂ ଶେଷରେ ପ୍ରଣୀତ ଆଇନରେ ଏହା ସ୍ଥାନ ପାଇନଥିଲା ବୋଲି ସରକାର କହିଛନ୍ତି।ଶନିବାର ପ୍ରେସ୍ ଇନ୍ଫର୍ମେସନ୍ ବ୍ୟୁରୋ (ପିଆଇବି) ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଏହି ପ୍ରସଙ୍ଗକୁ ଦିଲ୍ଲୀ ହାଇକୋର୍ଟ ୧୭ ଡିସେମ୍ବର ୨୦୧୮ରେ All India IDBI Officers' Association v. Union of India & Others ମାମଲାରେ ବିଚାର କରିଥିଲେ।

ଅଦାଲତ ଏହି ମାମଲାରେ ଆବେଦନକୁ ଖାରଜ କରିବା ସହ ସ୍ପଷ୍ଟ କରିଥିଲେ ଯେ, ସଂସଦୀୟ ବିତର୍କ ସମୟରେ ଦିଆଯାଇଥିବା ମତାମତ ଆଧାରରେ ସରକାରଙ୍କୁ ଆଇଡିବିଆଇ ବ୍ୟାଙ୍କରେ ନିଜ ଅଂଶଧନ ହ୍ରାସ କରିବାରୁ ରୋକାଯାଇପାରିବ ନାହିଁ। ହାଇକୋର୍ଟଙ୍କ ରାୟରେ କୁହାଯାଇଥିଲା ଯେ, ସଂସଦରେ ଦିଆଯାଇଥିବା ବକ୍ତବ୍ୟ ପରବର୍ତ୍ତୀ ସମୟରେ ପ୍ରଣୀତ ଆଇନର ବ୍ୟବସ୍ଥାକୁ ବଦଳାଇପାରିବ ନାହିଁ କିମ୍ବା ତାହା ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବ ନାହିଁ। ସରକାରଙ୍କୁ ଆଇଡିବିଆଇରେ ଅଂଶଧନ ହ୍ରାସ କିମ୍ବା ସମ୍ପୂର୍ଣ୍ଣ ପ୍ରତ୍ୟାହାରରୁ ରୋକିବା ପାଇଁ ୨୦୦୩ର ଆଇନରେ କୌଣସି ବ୍ୟବସ୍ଥା ନଥିବା ଅଦାଲତ ସ୍ପଷ୍ଟ କରିଥିଲେ। ଏହି ମାମଲାରେ 'ପ୍ରତିଶ୍ରୁତି ଭିତ୍ତିକ ପ୍ରତିବନ୍ଧ' (ପ୍ରମିସୋରି ଏଷ୍ଟପେଲ୍) ସିଦ୍ଧାନ୍ତ ମଧ୍ୟ ଚର୍ଚ୍ଚାକୁ ଆସିଥିଲା।

ସଂସଦୀୟ ବିତର୍କରେ ଦିଆଯାଇଥିବା ବକ୍ତବ୍ୟ ଆଧାରରେ ସରକାରଙ୍କ ଅଂଶଧନ ହ୍ରାସ ନିଷ୍ପତ୍ତିକୁ ରୋକିବା ପାଇଁ ଏହି ସିଦ୍ଧାନ୍ତ ଲାଗୁ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ମତ ଦେଇଥିଲେ। ଆଇଡିବିଆଇ ବ୍ୟାଙ୍କର ରୂପାନ୍ତର ଓ ରଣନୈତିକ ବିନିବେଶ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନୀତି ବିଭିନ୍ନ ବର୍ଷର କେନ୍ଦ୍ରୀୟ ବଜେଟ୍ ଭାଷଣରେ ମଧ୍ୟ ପ୍ରତିଫଳିତ ହୋଇଛି। ୨୦୧୬-୧୭ ବଜେଟ୍ ଭାଷଣରେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍ଲୀ ଆଇଡିବିଆଇ ବ୍ୟାଙ୍କର ରୂପାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିବା ଉଲ୍ଲେଖ କରିବା ସହ ସରକାରଙ୍କ ଅଂଶଧନ ୫୦ ପ୍ରତିଶତରୁ କମ୍ କରିବାର ବିକଳ୍ପ ବିଚାର କରାଯିବ ବୋଲି କହିଥିଲେ।ସେହିପରି ୨୦୨୧-୨୨ ବଜେଟ୍ ଭାଷଣରେ ତତ୍କାଳୀନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଇଡିବିଆଇ ବ୍ୟାଙ୍କ ସମେତ ଅନେକ ସଂସ୍ଥାର ରଣନୈତିକ ବିନିବେଶ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ସମ୍ପର୍କରେ ଉଲ୍ଲେଖ କରିଥିଲେ। କେନ୍ଦ୍ର ସରକାରଙ୍କ କହିବା ଅନୁଯାୟୀ, ୨୦୦୩ର ଆଇନର ଇତିହାସ, ଦିଲ୍ଲୀ ହାଇକୋର୍ଟଙ୍କ ୨୦୧୮ର ରାୟ ଏବଂ ବିଭିନ୍ନ ବଜେଟ୍ ଭାଷଣକୁ ଏକାଠି ବିଚାର କଲେ ଆଇଡିବିଆଇ ବ୍ୟାଙ୍କରେ ସରକାରୀ ଅଂଶଧନ ହ୍ରାସ ଓ ରଣନୈତିକ ବିନିବେଶ ସମ୍ପର୍କରେ ନୀତିର ବିକାଶ ସ୍ପଷ୍ଟ ହୁଏ। ସଂସଦୀୟ ବିତର୍କରେ ଦିଆଯାଇଥିବା ବକ୍ତବ୍ୟ ଆଧାରରେ ସରକାରଙ୍କ ଅଂଶଧନ ହ୍ରାସ କରିବାର କ୍ଷମତାକୁ ସୀମିତ କରାଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟଙ୍କ ରାୟ ସ୍ପଷ୍ଟ କରିଥିବା କେନ୍ଦ୍ର ସରକାର ପୁନର୍ବାର ଦର୍ଶାଇଛନ୍ତି।

# ଅଭିଜିତ ଦୀପକେଙ୍କୁ ମିଳିଲା ଜାମିନ



**ନୂଆଦିଲ୍ଲୀ:** କକ୍ରୋଚ ଜନତାପାର୍ଟି (ସିଜେପି) ସଂସ୍ଥାପକ ଅଭିଜିତ ଦୀପକେଙ୍କୁ ଦିଲ୍ଲୀପୋଲିସ ଶନିବାର ସ୍ପେଶାଲ ଏକଜ୍ୟୁକ୍ୟୁଟିଭ ମାଜିଷ୍ଟ୍ରେଟ୍ (ଏସଇଏମ)ଙ୍କ କୋର୍ଟରେ ହାଜର କରିଥିଲା। କୋର୍ଟ ତାଙ୍କୁ ସଶର୍ତ୍ତ ଜାମିନ ମଞ୍ଜୁର କରିଛନ୍ତି, ପିସ୍ ବଣ୍ଡରେ ସାଇନ କରିବାକୁ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଶୁକ୍ରବାର ସନ୍ଧ୍ୟାରେ ଅଟକ ଅଭିଜିତ ଦୀପକେଙ୍କୁ ପୋଲିସ ଶନିବାର ସକାଳେ ଗିରଫ କରିଥିଲା। ପୋଲିସ ତାଙ୍କ ବିରୋଧରେ ଶାନ୍ତି ଭଙ୍ଗ କରିବା ଧାରା ୧୨୬/୧୭୦ରେ ମୋକଦ୍ଦମା ରୁଜୁ କରିଛି। ମନ୍ଦିର ମାର୍ଗସ୍ଥିତ ଏସଇଏମ କୋର୍ଟରେ ତାଙ୍କୁ ମଧ୍ୟାହ୍ନରେ ହାଜର କରାଯାଇଥିଲା। କୋର୍ଟରେ ଉଭୟ ପକ୍ଷରୁ ଦୀର୍ଘ ତର୍କପରେ କୋର୍ଟ ଦୀପକେଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ଏଥର ଜାମିନ ମଞ୍ଜୁର କରିବା ପାଇଁ କୋର୍ଟ ଅନେକ ଗୁଡିଏ ସର୍ତ୍ତ ରଖିଛନ୍ତି । ଏହା ପରେ ଯଦି ସେ ଶାନ୍ତି ଭଙ୍ଗ ଲାଗି ଦୀପକେ ଉଦ୍ୟମ କରନ୍ତି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ପୋଲିସ ତାଙ୍କୁ ଦିଲ୍ଲୀ କନ୍ନଟ ପ୍ଲେସ୍ ରେ ପ୍ରସ୍ତାବିତ 'ଲହରା ଦୋ ତିରଙ୍ଗା' କାର୍ଯ୍ୟକ୍ରମ ପୂର୍ବରୁ ଅଟକ କରିଥିଲା। ଏହା ପୂର୍ବରୁ ଦିଲ୍ଲୀ ପୋଲିସ ତାଙ୍କୁ ନୋଟିସ୍ ଜାରି କରି ସେଣ୍ଟ୍ରାଲ ପାର୍କ ଅଞ୍ଚଳରେ କୌଣସି ପ୍ରକାରର ସଭା ଶୋଭାଯାତ୍ରା ଆୟୋଜନ ନକରିବାକୁ ସତର୍କ କରିଥିଲା।

# ବିମାନରେ ମାଡ଼ ହେଲା ପକ୍ଷୀ, ଉଡ଼ାଣ ସ୍ଥଗିତ



**ନୂଆଦିଲ୍ଲୀ:** ବିମାନରେ ମାଡ଼ ହୋଇଗଲା ପକ୍ଷୀ । ଫଳରେ ବିମାନର ଅଗ୍ରଭାଗ ବା ନୋଜ୍ କ୍ଷତିଗ୍ରସ୍ତ ହୋଇଛି । ବିମାନଟି ଶନିବାର ଅପରାହ୍ନ ୪ଟା ୨୫ରେ ଉଡ଼ାଣ ଭରିବାର ଥିଲା । କିନ୍ତୁ ସମ୍ଭାବ୍ୟ ବିପଦକୁ ନଜରରେ ରଖି ଉଡ଼ାଣ ସ୍ଥଗିତ ରଖାଯାଇଛି । ବିମାନକୁ ସଂପୂର୍ଣ୍ଣ ଯାଞ୍ଚ କରାଯିବା ପରେ ହିଁ, ଉଡ଼ାଣ ପାଇଁ ଅନୁମତି ମିଳିପାରେ । ଏହି ଘଟଣା ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଘଟିଛି । ଦିଲ୍ଲୀରୁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାତ୍ରା କରିବାକୁ ଥିବା ଏମିରେଟ୍ସ ବିମାନ ଏକେ ୫୧୭ରେ ଏକ ପକ୍ଷୀ ପିଟିହେବା କାରଣରୁ ଉଡ଼ାଣ ଭରିପାରି ନାହିଁ । ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ଏହି ବିମାନଟି ଅପରାହ୍ନ ୪:୨୫ରେ ଦିଲ୍ଲୀରୁ ଉଡ଼ାଣ ଭରିବାର ଥିଲା। ରନୱେରେ ଗତି କରୁଥିବା ସମୟରେ ବିମାନ ସହ ପକ୍ଷୀ ପି ଟିହୋଇଥିଲା । ଏହାପରେ ପାଇଲଟ୍ ସୁରକ୍ଷାକୁ ପ୍ରାଥମିକତା ଦେଇ ତୁରନ୍ତ ବିମାନ ଉଡ଼ାଣକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ପକ୍ଷୀ ମାଡ଼ ହେବା ଫଳରେ ବିମାନର ଇଞ୍ଜିନ୍, ଡେଣା କିମ୍ବା ସାମ୍ନା ଭାଗରେ ଯାନ୍ତ୍ରିକ କ୍ଷତି ପହଞ୍ଚିବାର ଆଶଙ୍କା ଥାଏ। ତେଣୁ ବିମାନବନ୍ଦରର ବୈଷୟିକ ଏବଂ ସୁରକ୍ଷା ସିଭିଲ୍ ଟିମ୍ ଦ୍ୱାରା ସମ୍ପୂର୍ଣ୍ଣ ଜରୁରୀକାଳୀନ ଯାଞ୍ଚ କରାଯାଉଛି। ଏହି ସମସ୍ୟା ଯୋଗୁଁ ଦୁବାଇ ଯିବାକୁ ଥିବା ବହୁ ସଂଖ୍ୟାକ ଯାତ୍ରୀ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ୍-୩ରେ ହଇରାଣ ହୋଇଥିଲେ। ବିମାନସେବା ସଂସ୍ଥା ଏମିରେଟ୍ସ ପକ୍ଷରୁ ଯାତ୍ରୀମାନଙ୍କୁ ଆବଶ୍ୟକୀୟ ଖାଦ୍ୟ, ପାନୀୟ ଏବଂ ଅନ୍ୟ ଏକ ବିମାନରେ ଉଡ଼ାଣ ସମୟ ସମ୍ପର୍କିତ ସୂଚନା ଦିଆଯାଇଛି। ବୈଷୟିକ ଟିମ୍ର କ୍ଲିୟରାନ୍ସ ମିଳିବା ପରେ ହିଁ ବିମାନଟି ଦୁବାଇ ଅଭିମୁଖେ ଯାତ୍ରା କରିବ। ତେବେ ବିମାନଟି ରନଓ୍ୱେରେ ଥିବା ବେଳେ ଏହି ଅଘଟଣା ଘଟିଥିବାରୁ, କୌଣସି କ୍ଷୟକ୍ଷତି ଘଟିନାହିଁ।

# ଆଇସିୟୁରେ ଲାଲକୃଷ୍ଣ ଆଡଭାନୀ



**ନୂଆଦିଲ୍ଲୀ:** ବରିଷ୍ଠ ବିଜେପି ନେତା ଲାଲ୍ କୃଷ୍ଣ ଆଡଭାନୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଛନ୍ତି। ଶ୍ୱାସନଳୀ ସଂକ୍ରମଣ ଯୋଗୁ ଆଡଭାନୀଙ୍କୁ ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପଲ୍ମୋନାରି (ଫୁସ୍ଫୁସ୍) ବିଭାଗର ଏକ ଡାକ୍ତରୀ ଦଳ ଆଡଭାନୀଙ୍କର ଚିକିତ୍ସା କରୁଛନ୍ତି। ଆଡଭାନୀଙ୍କ ସ୍ୱାସ୍ଥ୍ୟକୁ ନେଇ ଆପୋଲୋ ହସ୍ପିଟାଲ ପକ୍ଷରୁ ବିବୃତି ଜାରି କରାଯାଇଛି। ଛାତିରେ ସଂକ୍ରମଣ ଯୋଗୁଁ ତାଙ୍କୁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି। ସ୍ନାୟୁରୋଗ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ବିନୀତ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା କରାଯାଉଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିରନ୍ତର ନଜର ରଖିଛନ୍ତି। ଏହି ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ଆପୋଲୋ ହସ୍ପିଟାଲରେ ପହଞ୍ଚି ଲାଲକୃଷ୍ଣ ଆଡଭାନୀଙ୍କୁ ଭେଟିଛନ୍ତି। ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ସୂଚନା ନେଇଛନ୍ତି। ୯୮ ବର୍ଷୀୟ ଆଡଭାନୀ ଚଳିତ ବର୍ଷ ମେ' ମାସରେ ମଧ୍ୟ ବୟସଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ କିଛି ଦିନ ହସ୍ପିଟାଲରେ ରହିବା ପରେ ଡିସଚାର୍ଜ ହୋଇଥିଲେ। ଏହା ପୂର୍ବରୁ ଡିସେମ୍ବର ୨୦୨୪ରେ ମଧ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପୂର୍ବତନ ଉପପ୍ରଧାନମନ୍ତ୍ରୀଙ୍କୁ ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ମଧ୍ୟ ଡାକ୍ତର ବିନୀତ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ହୋଇଥିଲା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା।

# ରିଲାଏନ୍ସ ସହ ବିବାଦ ମଧ୍ୟରେ ଷ୍ଟାରଲିଙ୍କର ପ୍ରତିକ୍ରିୟା



**ନୂଆଦିଲ୍ଲୀ:** ଭାରତୀୟ ସାଟେଲାଇଟ୍ ଇଣ୍ଟରନେଟ୍ ବଜାରରେ ଏବେ ହାଇଭୋଲ୍ଟେଜ୍ ଡ୍ରାମା ଦେଖିବାକୁ ମିଳିଛି। ବିଶ୍ୱର ସବୁଠାରୁ ଧନୀ ଏଲନ ମସ୍କଙ୍କ କମ୍ପାନି 'ଷ୍ଟାରଲିଙ୍କ୍' ଏବଂ ଏସିଆର ସବୁଠୁ ଧନୀ ମୁକେଶ ଅମ୍ବାନୀଙ୍କ 'ରିଲାଏନ୍ସ ଜିଓ' ମଧ୍ୟରେ ଦେଖିବାକୁ ମିଳିଛି ଟକ୍କର । ଭାରତରେ ହାଇ-ସ୍ପିଡ୍ ସାଟେଲାଇଟ୍ ଇଣ୍ଟରନେଟ୍ ସେବା ଆରମ୍ଭ କରିବା ପାଇଁ ଲାଇସେନ୍ସ ମିଳିବାରେ ବିଳମ୍ବ ହେଉଥିବାରୁ ଏଲନ ମସ୍କ ସିଧାସଳଖ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଛନ୍ତି । ଅନ୍ୟପଟେ ରିଲାଏନ୍ସ ମଧ୍ୟ ଏହାର କଡ଼ା ଜବାବ ଦେଇଛି। ଆଉ ଏହାରି ମଧ୍ୟରେ ଏଲନ ମସ୍କଙ୍କ ଷ୍ଟାରଲିଙ୍କ ମଧ୍ୟ ଏକ ପୋଷ୍ଟରେ କହିଛି, ଆମେ ପାଞ୍ଚ ବର୍ଷ ଧରି ଚେଷ୍ଟା ଜାରି ରଖିଛୁ, ଭାରତରେ ସେବା ଆରମ୍ଭ ପାଇଁ ଆମେ ପୂରା ପ୍ରସ୍ତୁତ । ପ୍ରକୃତରେ ଏଲନ ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅମ୍ବାନୀଙ୍କୁ ଟାର୍ଗେଟ କରି କେତେକ ବିବାଦୀୟ ପୋଷ୍ଟ କରିଛନ୍ତି। ମସ୍କ କହିଛନ୍ତି, " ଅମ୍ବାନୀ କ'ଣ ଭାରତର ଅସଲି ବସ୍ ? ବିଶ୍ୱର ୧୨୫ରୁ ଅଧିକ ଦେଶରେ ଷ୍ଟାରଲିଙ୍କକୁ ଲାଇସେନ୍ସ ମିଳିସାରିଛି ଏବଂ ଆମେ ୫ ବର୍ଷ ହେବ ଭାରତର ସବୁ ନିୟମ ମାନି ଚାଲିଛୁ, ତଥାପି ଆମକୁ ଲାଇସେନ୍ସ କାହିଁକି ମିଳୁନାହିଁ ? " ଏପରିକି ସେ ଅମ୍ବାନୀଙ୍କୁ 'ପ୍ରାଇମ୍ ମିନିଷ୍ଟର ଅମ୍ବାନୀ' ବୋଲି ବ୍ୟଙ୍ଗ କରିବା ସହ ସେ ବଜାରରେ ନିଜର ଏକଛତ୍ରବାଦ ବଜାୟ ରଖିବାକୁ ଚାହୁଁଛନ୍ତି ବୋଲି ଆରୋପ ଲଗାଇଛନ୍ତି। ଭାରତର କିଛି ବ୍ୟବସାୟୀ ଷ୍ଟାରଲିଙ୍କକୁ ଅଟକାଉଛନ୍ତି, ଯାହା ଜନତାଙ୍କ ପ୍ରତି ଏକ ଅପରାଧ ବୋଲି ମସ୍କ କହିଛନ୍ତି। ମସ୍କଙ୍କ ଏହି ଅଭିଯୋଗ ଉପରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରାଯାଇଛି। କମ୍ପାନି କହିଛି ଯେ, ଭାରତରେ ଆଇନର ଶାସନ ଚାଲେ ଏବଂ ସମସ୍ତଙ୍କ ପାଇଁ ସମାନ ନିୟମ ରହିଛି। ଭାରତ ସରକାର ସ୍ୱଦେଶୀ ହୁଅନ୍ତୁ କି' ବିଦେଶୀ, ସମସ୍ତ ଆବେଦନକାରୀଙ୍କ ପାଇଁ ଗୋଟିଏ ପ୍ରକ୍ରିୟା ଆପଣାନ୍ତି। ନିଜେ ଜିଓର ସାଟେଲାଇଟ୍ ସର୍ଭିସ୍ ମଧ୍ୟ ଏବେ ସରକାରୀ ମଞ୍ଜୁରୀକୁ ଅପେକ୍ଷା କରିଛି। ରିଲାଏନ୍ସ କହିଛି, "ଆମେ ପ୍ରତଯୋଗିତାକୁ ଭୟ କରୁନାହୁଁ, ଷ୍ଟାରଲିଙ୍କ୍ ସମେତ ସବୁ କମ୍ପାନିଙ୍କୁ ସ୍ୱାଗତ। କିନ୍ତୁ ସମସ୍ତଙ୍କୁ ଦେଶର ଆଇନ ମାନିବାକୁ ହେବ"।" ଅନ୍ୟପଟେ ସଞ୍ଚାର ମନ୍ତ୍ରଣାଳୟ ମଧ୍ୟ ଭାରତର ନିୟମ ସମ୍ପୂର୍ଣ୍ଣ ନିରପେକ୍ଷ ବୋଲି ସଫେଇ ଦେଇଛି। ବିବାଦ ଭିତରେ ଷ୍ଟାରଲିଙ୍କ୍ କହିଛି ଯେ, ସେମାନେ ଗତ ୫ ବର୍ଷ ହେବ ଭାରତୀୟ ନିୟାମକ ଓ ଅପରେଟର୍ସଙ୍କ ସହ ମିଶି କାମ କରୁଛନ୍ତି। ଭାରତୀୟ ୟୁଜର୍ସଙ୍କ ଡାଟା ସୁରକ୍ଷା ପାଇଁ ଦେଶ ଭିତରେ ହିଁ ଗେଟୱେ ଓ ସ୍ୱତନ୍ତ୍ର ସିଷ୍ଟମ ପ୍ରସ୍ତୁତ କରାଯାଇଛି। ଲାଇସେନ୍ସ ମିଳିବା ମାତ୍ରେ କମ୍ପାନି ଭାରତର ସୁଦୂର ଗ୍ରାମାଞ୍ଚଳରେ ତୁରନ୍ତ ହାଇ-ସ୍ପିଡ୍ ଇଣ୍ଟରନେଟ୍ ସେବା ଯୋଗାଇଦେବ। 'ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୬' ଅବସରରେ କେନ୍ଦ୍ର ଟେଲିକମ୍ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟ କରିଛନ୍ତି ଯେ, ଦେଶରେ ୩ଟି କମ୍ପାନିକୁ ଲାଇସେନ୍ସ ପ୍ରଦାନ କରାଯାଇସାରିଛି। ସେଗୁଡ଼ିକ ହେଲା, ରିଲାଏନ୍ସ ଜିଓ ସ୍ୟାଟକମ୍, ଭାରତୀ ଏୟାରଟେଲ୍ ସମର୍ଥିତ ୟୁଟେଲସାଟ୍ ୱାନୱେବ୍, ଏଲନ ମସ୍କଙ୍କ ଷ୍ଟାରଲିଙ୍କ୍ । ତେବେ ଲାଇସେନ୍ସ ମିଳିଥିଲେ ମଧ୍ୟ ଏହି ସବୁ କମ୍ପାନିର ସିକ୍ୟୁରିଟି କ୍ଲିୟରାନ୍ସ ମିଳିବା ଏବେ ବି ବାକି ଅଛି। ଏହା ସହିତ ସାଟେଲାଇଟ୍ ସ୍ପେକ୍ଟ୍ରମର ମୂଲ୍ୟ ନିର୍ଦ୍ଧାରଣ ଫ୍ରେମୱର୍କ ଉପରେ କାମ ଚାଲିଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ଯେପରି ନେଟୱର୍କ ଉପରେ ନଜର ରଖିପାରିବେ ଏବଂ ଭାରତୀୟ ଆଇନ ଉଲ୍ଲଂଘନ ହେବ ନାହିଁ, ସରକାର ତାହା ନିଶ୍ଚିତ କରିବାକୁ ଚାହୁଁଛନ୍ତି। ସମସ୍ତ ସର୍ତ୍ତ ପୂରଣ ହେବା ପରେ ହିଁ ଭାରତୀୟ ଆକାଶରେ ସାଟେଲାଇଟ୍ ଇଣ୍ଟରନେଟ୍ କାର୍ଯ୍ୟକ୍ଷମ ହେବ।

# ମୃତ୍ୟୁ ସହ ସଂଘର୍ଷର ସେହି ମୁହୂର୍ତ୍ତକୁ ମନେ ପକାଇଲେ ସ୍ମିତ



**ନୂଆଦିଲ୍ଲୀ:** ମୃତ୍ୟୁର ଆଶଙ୍କା, ମୁଣ୍ଡରେ ଗୁରୁତର ଆଘାତ ଏବଂ ବାରମ୍ବାର ଚେତା ହରାଇବା ସତ୍ତ୍ୱେ ନିଜକୁ ସମ୍ଭାଳି ବିମାନରେ ଥିବା ଯାତ୍ରୀଙ୍କ ଜୀବନ ରକ୍ଷା ପାଇଁ ଉଦ୍ୟମ କରିଥିଲେ ଭାରତୀୟ ପାଇଲଟ୍ କ୍ୟାପ୍ଟେନ୍ ସ୍ମିତ ମଚ୍ଛର। ଫ୍ଲାଇଦୁବାଇର ଏକ ଯାତ୍ରୀବାହୀ ବିମାନରେ ନିଜ ସହ-ପାଇଲଟ୍ଙ୍କ ଆକ୍ରମଣର ଶିକାର ହୋଇଥିବା ମଚ୍ଛର ନିକଟରେ ଏହି ଭୟଙ୍କର ଅନୁଭୂତି ବଖାଣିଛନ୍ତି। ସେହି ସମୟରେ ନିଜକୁ କହିଥିଲେ, 'ମୁଁ ଏମିତି ମରିପାରିବିନି, କିଛି ନା କିଛି କରିବାକୁ ହେବ। 'ଟାଇମ୍ସ ଅଫ୍ ଇଣ୍ଡିଆ'ର ରିପୋର୍ଟ ଅନୁଯାୟୀ, ସ୍କାଏ ନ୍ୟୁଜ୍ ଆରବିଆକୁ ଦେଇଥିବା ଏକ ସାକ୍ଷାତକାରରେ ମଚ୍ଛର ଏହି ଘଟଣାର ସ୍ମୃତି ବଖାଣିଛନ୍ତି। ସେ କହିଛନ୍ତି, ଏକ ସମୟରେ ତାଙ୍କୁ ଲାଗିଥିଲା ଯେ ସେ ହୁଏତ ବଞ୍ଚିପାରିବେ ନାହିଁ। କିନ୍ତୁ ହାର ମାନିବା ପରିବର୍ତ୍ତେ ନିଜକୁ କିଛି କରିବାକୁ ପ୍ରବର୍ତ୍ତାଇଥିଲେ। କକ୍ପିଟ୍ ଦ୍ୱାର ଖୋଲିବା ପରେ ଚାରିଆଡ଼େ ଆତଙ୍କ ଓ ଯାତ୍ରୀଙ୍କ ଚିତ୍କାର ଶୁଣିଥିବା କଥା ମଧ୍ୟ ସେ ମନେ ପକାଇଛନ୍ତି। ଏହି ଘଟଣା ସେପ୍ଟେମ୍ବର ୩୦ରେ ଫ୍ଲାଇଦୁବାଇର ଏଫ୍ଜେଡ୍ ୧୦୭୩ ବିମାନରେ ଘଟିଥିଲା। ବିମାନଟି ଦୁବାଇରୁ ତେଲ୍ ଆଭିଭ୍ ଯାଉଥିବାବେଳେ କକ୍ପିଟ୍ ଭିତରେ ଓମାନର ସହ-ପାଇଲଟ୍ ହମାମ୍ ଅଲ୍-ହମାମି ମଚ୍ଛରଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଆକ୍ରମଣରେ ମଚ୍ଛର ଗୁରୁତର ଆହତ ହୋଇଥିଲେ। ତାଙ୍କ ଚେତା ବାରମ୍ବାର ଫେରୁଥିଲା ଓ ଯାଉଥିଲା ବୋଲି ସେ ସାକ୍ଷାତକାରରେ କହିଛନ୍ତି। ଗୁରୁତର ଆହତ ହୋଇଥିଲେ ମଧ୍ୟ ମଚ୍ଛର କକ୍ପିଟ୍ର ଦ୍ୱାର ଖୋଲିବାରେ ସଫଳ ହୋଇଥିଲେ। ଏହାପରେ ଯାତ୍ରୀମାନେ ହସ୍ତକ୍ଷେପ କରି ଅଭିଯୁକ୍ତ ସହ-ପାଇଲଟ୍ଙ୍କୁ କାବୁ କରିଥିଲେ। ଏହି ସମୟରେ ବିମାନର ଉଚ୍ଚତା ହଠାତ୍ ହ୍ରାସ ପାଇଥିଲେ ମଧ୍ୟ ପରେ ଏହାକୁ ନିୟନ୍ତ୍ରଣକୁ ଅଣାଯାଇଥିଲା। ବିମାନଟିକୁ ସାଉଦି ଆରବର ତାବୁକ୍କୁ ଡାଇଭର୍ଟ କରାଯାଇ ସୁରକ୍ଷିତ ଅବତରଣ କରାଯାଇଥିଲା। ସଙ୍କଟ ସମୟରେ ବିମାନର ନିୟନ୍ତ୍ରଣ ନେଇଥିବା ସହକର୍ମୀଙ୍କୁ ମଚ୍ଛର ପ୍ରଶଂସା କରିଛନ୍ତି। ସେହି ସହକର୍ମୀଙ୍କ ସାହସ ଓ ସହଯୋଗକୁ ସେ ଜୀବନସାରା ମନେ ରଖିବେ ବୋଲି କହିଛନ୍ତି। ଏହି ଘଟଣାରେ ବିମାନରେ ଥିବା ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ନିଆଯାଇଥିବା ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଥିଲା। ଘଟଣାର କିଛି ସପ୍ତାହ ପରେ ମଚ୍ଛର ନିଜ ଅନୁଭୂତି ସାର୍ବଜନୀନ କରିଛନ୍ତି। ବିମାନରେ ଘଟିଥିବା ଆକ୍ରମଣର କାରଣ ସମ୍ପର୍କରେ ତଦନ୍ତ ଚାଲିଥିବାବେଳେ, ସେହି ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ମଚ୍ଛରଙ୍କ ସାହସ ଓ ତତ୍ପରତା ଘଟଣାର ଏକ ପ୍ରମୁଖ ଦିଗ ଭାବେ ସାମ୍ନାକୁ ଆସିଛି।

# ସାଉଦି ଆରବ ଆକ୍ରମଣରେ ୟେମେନର ୩ ଶିଶୁ ମୃତ

**ସନା:** ସାଉଦି ଆରବ ଓ ହୁତି ବିଦ୍ରୋହୀଙ୍କ ସଂଘର୍ଷ ଦିନକୁ ଦିନ ତୀବ୍ର ହୋଇଥିବାବେଳେ ୟେମେନ ଉପରେ ସାଉଦି ଆରବ ରାତି ସାରା ଆକ୍ରମଣ କରିଥିବାବେଳେ ଏଥିରେ ୩ ଜଣ ଶିଶୁଙ୍କର ମୃତ୍ୟୁ ହୋଇଥିବା ହୁତି ବିଦ୍ରୋହୀଙ୍କ ପକ୍ଷରୁ ଶନିବାର କୁହାଯାଇଛି। ହୁତିଙ୍କ ସବା ନ୍ୟୁଜ ଏଜେନ୍ସି କହିଛି ଯେ, ସାଉଦି ବାୟୁସେନା ପକ୍ଷରୁ ଧାମାର୍ ପ୍ରଦେଶରେ ଆବାସିକ ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା, ଯେଉଁଥିରେ ୩ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ୧୭ ଜଣ ଲୋକ ଆହତ ହୋଇଛନ୍ତି। ହୁତିଙ୍କ ପକ୍ଷରୁ ସାଉଦି ଆରବ ଉପରେ ବାରମ୍ବାର ଆକ୍ରମଣ ହେଉଛି ଯେଉଁଥିରେ ଲୋହିତ ସାଗରରେ ଥିବା ଜାହାଜ, ତୈଳ କେନ୍ଦ୍ର ଓ ରିୟାଦର ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି। ଗତ ସପ୍ତାହରେ ରିୟାଦର କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ୧୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ହୁତିମାନଙ୍କ ପକ୍ଷରୁ କୁହାଯାଇଛି ଯେ, ସେପ୍ଟେମ୍ବର ୩ରୁ ଅକ୍ଟୋବର ୧୫ ତାରିଖ ମଧ୍ୟ ସାଉଦି ଆରବର ଆକ୍ରମଣରେ ୧୧୫ ଜଣ ୟେମେନ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୩୦୫ ଜଣ ଆହତ ହୋଇଛନ୍ତି।

# ପଛରୁ ଛୁରା ମାରିଥିବା କଂଗ୍ରେସ ସହିତ କାମ କରିବ ନାହିଁ: ଡିଏମକେ



**ଚେନ୍ନାଇ:** ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ରଦ୍ଦ ଓ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ କକ୍ରୋଚ ଜନତା ପାର୍ଟି (ସିଜେପି) କରୁଥିବା ଆନ୍ଦୋଳନକୁ ଡିଏମକେ ମୁଖ୍ୟ ଏମକେ ଷ୍ଟାଲିନ୍ ସମର୍ଥନ କରିଛନ୍ତି। କିନ୍ତୁ ନିର୍ବାଚନ କମିସନଙ୍କ ବିରୋଧରେ ଆନ୍ଦୋଳନରେ ନେତୃତ୍ୱ ନେଉଥିବା କଂଗ୍ରେସଠାରୁ ଏହା ନିଜକୁ ଦୂରେଇ ରଖିବ ବୋଲି କହିଛି। ଶନିବାର ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏମ୍କେ ସାଂସଦମାନଙ୍କ ବୈଠକରେ ଦଳ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା, ଏସ୍ଆଇଆର୍କୁ ବାତିଲ କରିବା ଓ ବାଲାଟ ପେପର ମତଦାନ କରାଯିବାକୁ ଦାବି ପାଇଁ ବୈଠକରେ ନିଷ୍ପତ୍ତି ନେଇଛି। ଡିଏମ୍କେ ସିଜେପି ଓ ଅନ୍ୟ ଛାତ୍ର ସଙ୍ଗଠନ ଆନ୍ଦୋଳନକୁ ସମର୍ଥନ କରିବ ବୋଲି କାନିମୋଝି କହିଛନ୍ତି। କିନ୍ତୁ ପଛରୁ ଛୁରାଘାତ କରିଥିବା କଂଗ୍ରେସ ସହିତ କୌଣସି କାର୍ଯ୍ୟକ୍ରମରେ ଯୋଗ ଦେବନାହିଁ ବୋଲି ଡିଏମ୍କେ ସ୍ପଷ୍ଟ କରିଛି। ଆନ୍ଦୋଳନକାରୀଙ୍କ ଉପରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଯୁବକମାନଙ୍କୁ ଅଧିକ ଦୃଢ଼ କରିବ ବୋଲି ଷ୍ଟାଲିନ କହିଛନ୍ତି। ସିଜେପିର ସଂଘର୍ଷରେ ଡିଏମ୍କେ ଆଇନଗତ ସହାୟତା ଯୋଗାଇ ଦେବ ବୋଲି ମଧ୍ୟ ଷ୍ଟାଲିନ କହିଛନ୍ତି।

# ହର୍ମୁଜ୍ ପ୍ରଣାଳୀରେ ପୁଣି ମାଇନ୍ ବିସ୍ଫୋରଣ



**ହର୍ମୁଜ୍:** ପ୍ରାୟ ୨୦ ଲକ୍ଷ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ କରୁଥିବା ଏକ ବୃହତ୍ ସୁପରଟ୍ୟାଙ୍କର ଶନିବାର ହର୍ମୁଜ୍ ପ୍ରଣାଳୀ ଦେଇ ଗତି କରୁଥିବା ସମୟରେ ଏକ ନୌସେନା ମାଇନ୍ ସହ ଧକ୍କା ହୋଇ ବିସ୍ଫୋରଣ ଘଟିବା ସହ ପ୍ରବଳ ଅଗ୍ନିକାଣ୍ଡର ସମ୍ମୁଖୀନ ହୋଇଛି। ଇରାନର ରିଭୋଲ୍ୟୁସନାରି ଗାର୍ଡସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଇରାନର ସରକାରୀ ଗଣମାଧ୍ୟମ ପ୍ରେସ୍ ଟିଭିର ରିପୋର୍ଟ ଅନୁଯାୟୀ, ତେହେରାନ ଦ୍ୱାରା ଅନୁମତି ନଥିବା ଏକ ମାର୍ଗ ବ୍ୟବହାର କରି ଏହି ଜାହାଜ ବେଆଇନ ଭାବେ ରଣନୀତିକ ଜଳପଥ ପାର ହେବାକୁ ଚେଷ୍ଟା କରୁଥିଲା। ଆଇଆର୍ଜିସି ଏକ ବିବୃତିରେ ଅଭିଯୋଗ କରିଛି ଯେ, ଇରାନର ସାମୁଦ୍ରିକ କର୍ତ୍ତୃପକ୍ଷଙ୍କୁ ଚକ୍ମା ଦେବା ଉଦ୍ଦେଶ୍ୟରେ ଟ୍ୟାଙ୍କରଟି ନିଜର ପୋଜିସନିଂ ଏବଂ ରାଡାର ବ୍ୟବସ୍ଥାକୁ ଜାଣିଶୁଣି ବନ୍ଦ କରିଦେଇଥିଲା। ଏହାସହ ଆଇଆର୍ଜିସି ସମସ୍ତ ସାମୁଦ୍ରିକ ଜାହାଜକୁ ଏହି ଜଳପଥ ବ୍ୟବହାର ନକରିବାକୁ ପୁଣି ଥରେ ଚେତାବନୀ ଦେଇଛି। ଇରାନର ସାର୍ବଭୌମ ନିଷ୍ପତ୍ତି ଏବଂ ସାମୁଦ୍ରିକ ନିୟମ ଅନୁଯାୟୀ ହର୍ମୁଜ୍ ପ୍ରଣାଳୀ ବର୍ତ୍ତମାନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆମେରିକା ସେନା ଉପରେ ଭରସା କରି ଇରାନର ନିୟମକୁ ଅବମାନନା କରିବାର ପରିଣାମ ଏଭଳି ଭୟାନକ ହେବ ବୋଲି ସଂଗଠନ କହିଛି। ବିଗତ କିଛି ସପ୍ତାହ ମଧ୍ୟରେ ଏହି ଜଳପଥ ଚାରିପାଖରେ ଆକ୍ରମଣ ବହୁଳ ଭାବେ ବୃଦ୍ଧି ପାଇଛି। ଆମେରିକା ପକ୍ଷରୁ ଇରାନର ବନ୍ଦରଗୁଡ଼ିକ ଉପରେ କରାଯାଇଥିବା ଅବରୋଧ ଏବଂ ଗତ ମାସରେ ଲାଗୁ ହୋଇଥିବା କଡ଼ା କଟକଣା ଜବାବରେ ଇରାନ ନିଜର ଆକ୍ରମଣକୁ ଜୋରଦାର କରିଛି। ହର୍ମୁଜ୍ ପ୍ରଣାଳୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାଣିଜ୍ୟିକ ଜାହାଜ ଚଳାଚଳ ପ୍ରତି ବଢ଼ୁଥିବା ବିପଦ ଆଞ୍ଚଳିକ ସୁରକ୍ଷା ଚିନ୍ତାକୁ ବହୁଗୁଣିତ କରିଛି। ୱାସିଂଟନ ଉପରେ ଚାପ ପକାଇବା ପାଇଁ ସାମୁଦ୍ରିକ ଚଳାଚଳକୁ ଇରାନ ସେନା ପକ୍ଷରୁ ସୀମିତ କରାଯାଇଛି। ତୈଳ ମୂଲ୍ୟ ବୃଦ୍ଧି ରଖିବା ଏବଂ ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଇରାନ ଏହି ନୂତନ ରଣନୀତି ଆପଣାଉଥିବା ରଏଟର୍ସ ସୂତ୍ରରୁ ଜଣାପଡ଼ିଛି। ଗତ ଜୁନ୍ ମାସରେ ସ୍ୱାକ୍ଷରିତ ହୋଇଥିବା ଅନ୍ତରୀଣ ଅସ୍ତ୍ରବିରତି ଚୁକ୍ତି ଭାଙ୍ଗିବା ପରେ ଇରାନ ଏବଂ ଆମେରିକା ମଧ୍ୟସ୍ଥିଙ୍କ ଜରିଆରେ ବିଭିନ୍ନ ପ୍ରସ୍ତାବ ବିନିମୟ କରିଛନ୍ତି। ତଥାପି ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପ୍ରକ୍ରିୟା ସ୍ଥଗିତ ରହିଛି। ତେହେରାନ ନିଜର କଠୋର ସର୍ତ୍ତରେ ଅଟଳ ଥିବା ବେଳେ ଆମେରିକା ପ୍ରଥମେ ଆଣବିକକାର୍ଯ୍ୟକ୍ରମ ଉପରେ ଆଲୋଚନା ପାଇଁ ଅଡ଼ି ବସିଛି। ଏହି ସଙ୍କଟ ବ୍ୟତୀତ କୃଷ୍ଣ ସାଗର ଅଞ୍ଚଳରେ ସୁରକ୍ଷା ସ୍ଥିତିର ଅବନତି ଏବଂ ଲୋହିତ ସାଗରରେ ଇରାନ ସମର୍ଥିତ ହୁତି ବିଦ୍ରୋହୀଙ୍କ ଆକ୍ରମଣ ବିଶ୍ୱ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି।

# ଓଡ଼ିଆ ହକି ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ




ଭୁବନେଶ୍ୱର,୧୭।୧୦(ସବ୍ୟୁ): ଗତ ଏସୀୟ କ୍ରୀଡାରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ ସହ ୨୦୨୮ ଲସଏଞ୍ଜେଲର୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଓଡ଼ିଆ ଖେଳାଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଲୋକସେବା ଭବନରେ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏସିଆନ ଗେମ୍ସରେ ଏହି ଗୌରବମୟ ସଫଳତା ସମଗ୍ର ରାଜ୍ୟ ତଥା ଦେଶ ପାଇଁ ଗର୍ବର ବିଷୟ। ଓଡ଼ିଶାର ଏହି କୃତି ଖେଳାଳିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତଥା ଆଗାମୀ ବିଜୟ ଅଭିଯାନ ପାଇଁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଗତ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଦଳକୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏସୀୟ କ୍ରୀଡା ୨୦୨୬ରେ ଦେଶ ପାଇଁ ସ୍ୱର୍ଣ୍ଣିମ ଇତିହାସ ରଚିଥିବା ଭାରତୀୟ ପୁରୁଷ ମହିଳା ହକି ଦଳକୁ କଳିଙ୍ଗ ଷ୍ଟାଡିୟମରେ ଭବ୍ୟ ସମ୍ବର୍ଦ୍ଧନା ସମାରୋହରେ ଅଭିନନ୍ଦନ ଜଣାଇଥିଲେ ମୁଖ୍ୟମନ୍ତ୍ରୀ। ଉଭୟ ଦଳ ଏହି ଐତିହାସିକ ସଫଳତା ଏବଂ ୨୦୨୮ ଲସ ଏଞ୍ଜେଲର୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରି ସମଗ୍ର ବିଶ୍ୱ କ୍ରୀଡା ମାନଚିତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିଛି।




# ନବୀନ ନିବାସରେ ହକି ତାରକା

ଭୁବନେଶ୍ୱର,୧୭।୧୦(ସବ୍ୟୁ): ଜାପାନ ଏସୀୟ କ୍ରୀଡାରେ ଭାରତ ପାଇଁ ଗୌରବ ଆଣିଥିବା ହକି ତାରକା ଶନିବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସ ଠାରେ ସାକ୍ଷାତ କରିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ଦଳର ଖେଳାଳିଙ୍କୁ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ହକି ଇଣ୍ଡିଆ ସଭାପତି ଦିଲ୍ଲୀପ ତିର୍କୀଙ୍କ ଉପସ୍ଥିତିରେ ନବୀନ ପଟ୍ଟନାୟକ ଉଭୟ ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସବୁ ବେଳେ ଭାରତୀୟ ହକିର ପ୍ରୋତ୍ସାହନ ପାଇଁ କାର୍ଯ୍ୟ କରିଆସିଛି। ଖେଳାଳିଙ୍କ ଏହି ସଫଳତା ଦେଶ ପାଇଁ ଗର୍ବର ବିଷୟ ବୋଲି ନବୀନ କହିଛନ୍ତି। ଏହି ଅବସରରେ ଖେଳାଳିମାନେ ମଧ୍ୟ ନବୀନଙ୍କୁ ଭେଟି ବେଶ ଉତ୍ସାହିତ ହୋଇଥିଲେ।

# ମୁମ୍ବାଇ ଇଣ୍ଡିଆନ୍ସରୁ ବିଦାୟ ନେଲେ ଜୟବର୍ଦ୍ଧନେ



ଆଇପିଏଲର ଆଗାମୀ ୨୦୨୭ ସଂସ୍କରଣ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର କୋଚିଂ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ହୋଇଛି। ଦଳର ମୁଖ୍ୟ କୋଚ୍ ମହେଲା ଜୟବର୍ଦ୍ଧନେ ଓ ଫ୍ରାଞ୍ଚାଇଜ୍ ପରସ୍ପର ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ସିଜନରେ ଦଳକୁ ନୂଆ ଦିଗ ଦେବା ସହ ନୂତନ ଚିନ୍ତାଧାରା ଆଣିବା ଲକ୍ଷ୍ୟରେ ମୁମ୍ବାଇ ନୂଆ ମୁଖ୍ୟ କୋଚ୍ ନିଯୁକ୍ତ କରିବାକୁ ଯୋଜନା କରୁଛି। ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ମୁମ୍ବାଇ ଇଣ୍ଡିଆନ୍ସର ଶୀର୍ଷ ପରିଚାଳନା କର୍ତ୍ତୃପକ୍ଷଙ୍କ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମୁଖ୍ୟ କୋଚ୍ ପଦ ପାଇଁ ଫ୍ରାଞ୍ଚାଇଜ୍ ଏକାଧିକ ପ୍ରାର୍ଥୀଙ୍କ ନାମ ଉପରେ ବିଚାର କରୁଛି। ଆସନ୍ତା ସପ୍ତାହରେ ସାକ୍ଷାତକାର ପ୍ରକ୍ରିୟା ହୋଇପାରେ ଏବଂ ନୂଆ କୋଚକୁ ନାମ ଖୁବଶୀଘ୍ର ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ତେବେ ନୂଆ କୋଚ୍ କିଏ ହେବେ, ସେ ନେଇ ଏଯାଏଁ ଆନୁଷ୍ଠାନିକ ଘୋଷଣା ହୋଇନାହିଁ। ଶ୍ରୀଲଙ୍କାର ପୂର୍ବତନ ଅଧିନାୟକ ଜୟବର୍ଦ୍ଧନେଙ୍କ ସହ ମୁମ୍ବାଇ ଇଣ୍ଡିଆନ୍ସର ସମ୍ପର୍କ ପ୍ରାୟ ଏକ ଦଶନ୍ଧି ଧରି ରହିଛି। ୨୦୧୭ରେ ପ୍ରଥମଥର ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ନେଇଥିବା ଜୟବର୍ଦ୍ଧନେଙ୍କ ମାର୍ଗଦର୍ଶନରେ ମୁମ୍ବାଇ ୨୦୧୭, ୨୦୧୯ ଓ ୨୦୨୦ରେ ଆଇପିଏଲ୍ ଚାମ୍ପିଅନ୍ ହୋଇଥିଲା। ୨୦୨୨ରେ ସେ ମୁଖ୍ୟ କୋଚ୍ ପଦ ଛାଡ଼ି ଦଳର ଗ୍ଲୋବାଲ୍ ହେଡ୍ ଅଫ୍ ପରଫରମାନ୍ସ ଦାୟିତ୍ୱ ନେଇଥିଲେ। ୨୦୨୪ରେ ପୁଣି ମୁଖ୍ୟ କୋଚ୍ ଭାବେ ଫେରିଥିଲେ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଦଳ ପୂର୍ବ ସଫଳତା ଦୋହରାଇବାରେ ବିଫଳ ହୋଇଥିଲା। ୨୦୨୫ରେ ମୁମ୍ବାଇ ପ୍ଲେ ଅଫରେ ପହଞ୍ଚିଥିବା ବେଳେ ୨୦୨୬ରେ ନବମ ସ୍ଥାନରେ ରହିଥିଲା। ପାଞ୍ଚଥର ଆଇପିଏଲ୍ ଚାମ୍ପିଅନ୍ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଆଗାମୀ ସିଜନ୍ ଗୁରୁତ୍ୱପୂର୍ଣ୍ଣ ହେବ। ନୂଆ ମୁଖ୍ୟ କୋଚଙ୍କ ଚୟନ ସହ ଦଳର ରଣନୀତି ଓ ପ୍ରସ୍ତୁତିରେ କି ପରିବର୍ତ୍ତନ ଆସିବ, ତାହା ଉପରେ କ୍ରିକେଟମାନଙ୍କ ନଜର ରହିବ। ଜୟବର୍ଦ୍ଧନେଙ୍କ ବିଦାୟ ପରେ ଦଳ ପୁଣି ଥରେ ଆଇପିଏଲ୍ ଟ୍ରଫି ଜିତିବା ଲକ୍ଷ୍ୟରେ କେଉଁ ନୂଆ ଯୋଜନା ଆପଣାଉଛି, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

# ଏସିଆନ୍ ପାରା ଗେମ୍ସ: ବ୍ୟାଡମିଣ୍ଟନରେ ଭାରତର ଦମଦାର ଆରମ୍ଭ




ନାଗୋୟା,୧୭।୧୦(ଏଜେନ୍ସି): ଏସିଆନ୍ ପାରା ଗେମ୍ସ ୨୦୨୬ରେ ଭାରତୀୟ କ୍ରୀଡ଼ାବିତମାନେ ମିଶ୍ରିତ ପ୍ରଦର୍ଶନ ସହ ଅଭିଯାନ ଜାରି ରଖିଛନ୍ତି। ପାରା ବ୍ୟାଡମିଣ୍ଟନରେ ପ୍ରମୋଦ ଭଗତ, ଉମେଶ କୁମାର, ନିତେଶ କୁମାର ଓ କୃଷ୍ଣ ନାଗରଙ୍କ ଭଳି ଖେଳାଳି ବିଜୟ ହାସଲ କରିଥିବାବେଳେ ପାରା ଟେବୁଲ୍ ଟେନିସ୍ ଓ ବ୍ଲାଇଣ୍ଡ ଫୁଟବଲରେ ଭାରତକୁ କେତେକ ପରାଜୟର ସାମ୍ନା କରିବାକୁ ପଡ଼ିଛି। ପାରା ଟେବୁଲ୍ ଟେନିସରେ ପାରାଲିମ୍ପିକ୍ ପଦକ ବିଜୟିନୀ ଭାବିନା ପଟେଲ୍ ମହିଳା ସିଙ୍ଗଲ୍ସ କ୍ଲାସ୍ ୪-୫ରେ ଲଗାତାର ଦ୍ୱିତୀୟ ବିଜୟ ସହ ରାଉଣ୍ଡ ଅଫ୍ ୧୬ରେ ପହଞ୍ଚିଛନ୍ତି। ସେ ଜୋର୍ଡାନରେ ଫାତେନ୍ ଏଲିମାତକୁ ୧୧-୬, ୧୧-୭, ୧୧-୪ରେ ପରାସ୍ତ କରି ଗ୍ରୁପ୍ 'ଏ'ର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସ କ୍ଲାସ୍ ୧ରେ ଭାରତର ଜେହାନ୍ ମଦନ୍ କାଜାଖସ୍ତାନର ଆର୍ଦାକ୍ ନୁରମାଗାମବେତୋଭଙ୍କଠାରୁ ୨-୩ରେ ହାରିଯାଇଛନ୍ତି। ପ୍ରଥମ ଦୁଇଟି ଗେମ୍ ହାରିବା ପରେ ଜେହାନ୍ ପରବର୍ତ୍ତୀ ଦୁଇଟି ଗେମ୍ ଜିତି ମ୍ୟାଚକୁ ୨-୨ ସ୍ଥିତିକୁ ଆଣିଥିଲେ। କିନ୍ତୁ ନିର୍ଣ୍ଣାୟକ ଗେମରେ ୭-୧୧ରେ ହାରିଯାଇଥିଲେ। ସେହିପରି ସନ୍ଦୀପ ଡାଙ୍ଗି ଦକ୍ଷିଣ କୋରିଆର କିମ୍ ହ୍ୟୁନୁକଙ୍କଠାରୁ ୦-୩ରେ ପରାସ୍ତ ହୋଇଛନ୍ତି। ବ୍ୟାଡମିଣ୍ଟନରେ ଭାରତ ପାଇଁ ଉଲ୍ଲେଖନୀୟ ଫଳ ଆସିଛି। ପାରାଲିମ୍ପିକ୍ ଚାମ୍ପିଅନ୍ କୃଷ୍ଣ ନାଗର ପୁରୁଷ ସିଙ୍ଗଲ୍ସ ଏସ୍ଏଚ୍୬ରେ ଇଣ୍ଡୋନେସିଆର ସୁଭାନଙ୍କୁ ୨୧-୧୩, ୨୧-୧୫ରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ରେ ଓଡ଼ିଶାର ପାରା ବ୍ୟାଡମିଣ୍ଟନ୍ ତାରକା ପ୍ରମୋଦ ଭଗତ ଚୀନ୍ର ଲିଟୁଆନ୍ ସିଅଙ୍ଗଙ୍କ ୨୧-୧୭, ୨୧-୧୬ରେ ହରାଇଛନ୍ତି। ଏହି ବିଜୟ ସହ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବର୍ଗରେ ଉମେଶ କୁମାର ମଧ୍ୟ ଫିଲିପାଇନ୍ସର ଖାଇନ୍ ଉର୍ବାନୋଙ୍କୁ ୨୧-୧୦, ୨୧-୧୨ରେ ପରାସ୍ତ କରି ଶେଷ ଆଠରେ ସ୍ଥାନ ପାଇଛନ୍ତି। ପୁରୁଷ ସିଙ୍ଗଲ୍ସ ଏସ୍ଏଲ୍୩ରେ ପାରାଲିମ୍ପିକ୍ ଚାମ୍ପିଅନ୍ ନିତେଶ କୁମାର ଥାଇଲାଣ୍ଡର ନନ୍ଥାପୋଲ୍ ଚାମନାୱେଟଙ୍କ ୨୧-୬, ୨୧-୭ରେ ପରାସ୍ତ କରିଛନ୍ତି। ଏସ୍ଏଲ୍୪ରେ ସୂର୍ଯ୍ୟକାନ୍ତ ଯାଦବ ଜାପାନର କୋକି ଓଗାୱାଙ୍କୁ ୨୧-୬, ୨୧-୧୯ରେ ହରାଇ ରାଉଣ୍ଡ ଅଫ୍ ୧୬ରେ ପହଞ୍ଚିଛନ୍ତି। ରୁଥିକ୍ ରଘୁପତି ମଧ୍ୟ ଜାପାନର ୱାତାରୁ କାନାଇଙ୍କୁ ୨୧-୧୨, ୨୧-୧୩ରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ତେବେ ମିକ୍ସଡ୍ ଡବଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। ଭାରତର ତିନୋଟି ଯାକ ଯୋଡ଼ି ନିଜ ନିଜ ମ୍ୟାଚରେ ପରାଜିତ ହୋଇଛନ୍ତି। ମହିଳା ଡବଲ୍ସ ଏସ୍ଏଲ୍୩-ଏସ୍ୟୁ୫ରେ ମନଦୀପ କୌର ଓ ଶାନ୍ତିୟା ବିଶ୍ୱନାଥନ୍ ଚୀନର ହେଫାଙ୍ଗ୍ ଚେଙ୍ଗ୍ ଓ ଜିକ୍ସୁଆନ୍ ହୁଆଙ୍ଗଠାରୁ ୧୧-୨୧, ୧୨-୨୧ରେ ହାରିଛନ୍ତି। ବ୍ଲାଇଣ୍ଡ ଫୁଟବଲ ଭାରତୀୟ ଦଳ ଆୟୋଜକ ଜାପାନଠାରୁ ୧-୬ରେ ପରାଜିତ ହୋଇଛି। ଭାରତ ପକ୍ଷରୁ ସୋବେନ୍ଦ୍ର ସିଂହ ଗୋଲ୍ ଦେଇ ଦଳର ଏହି ପ୍ରତିଯୋଗିତାର ପ୍ରଥମ ଗୋଲ୍ ସ୍କୋର କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧରେ ସ୍କୋର ୧-୧ ଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ଜାପାନ ଆଉ ପାଞ୍ଚଟି ଗୋଲ୍ ଦେଇ ବିଜୟ ହାସଲ କରିଥିଲା। ବୋଚିଆରେ ଭାରତ ପାଇଁ ଆଶ୍ୱସ୍ତି ଆଣିଛନ୍ତି ସଚିନ୍ ଚାମାରିଆ। ପୁରୁଷ ବ୍ୟକ୍ତିଗତ ବିସି୩ ଗ୍ରୁପ୍ ମ୍ୟାଚରେ ସେ ୟୁଏଇର ଖଲିଫା ଅହମଦଙ୍କ ୮-୪ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଏସିଆନ୍ ପାରା ଗେମ୍ସର ପ୍ରଥମ ଦିନରେ ଭାରତୀୟ ଖେଳାଳିମାନେ କେତେକ ବର୍ଗରେ ଭଲ ଆରମ୍ଭ କରିଥିବାବେଳେ ଅନ୍ୟ କେତେକରେ ପରାଜୟର ସାମ୍ନା କରିଛନ୍ତି। ଆଗାମୀ ମ୍ୟାଚଗୁଡ଼ିକରେ ଭାରତୀୟ ଦଳର ପ୍ରଦର୍ଶନ ଉପରେ ନଜର ରହିବ।

# ଅଣ୍ଡର-୨୩ ବିଶ୍ୱ କୁସ୍ତି ଚାମ୍ପିଅନସିପରେ ଅମୃତାଙ୍କୁ ରୌପ୍ୟ




ଲାସ୍ ଭେଗାସ୍, ୧୭।୧୦ (ଏଜେନ୍ସି): ଚଳିତ ଅଣ୍ଡର-୨୩ ବିଶ୍ୱ କୁସ୍ତି ଚାମ୍ପିଅନସିପରେ ଭାରତର ଅମୃତା ରୌପ୍ୟ ପଦକ ଜିତିଛନ୍ତି। ମହିଳା ୭୨ କିଲୋଗ୍ରାମ ବର୍ଗର ଫାଇନାଲରେ ତାଙ୍କୁ ୟୁକ୍ରେନର ଇରିନା କାବ୍ଲୋସ୍କାଙ୍କଠାରୁ ୦-୬ରେ ପରାସ୍ତ ହେବାକୁ ପଡ଼ିଛି। ଫଳରେ ସ୍ୱର୍ଣ୍ଣ ପଦକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଅମୃତା ରୌପ୍ୟ ପଦକ ସହ ପ୍ରତିଯୋଗିତା ଶେଷ କରିଛନ୍ତି। ଫାଇନାଲ୍ ପୂର୍ବରୁ ଅମୃତାଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ କ୍ରମାଗତ ଦୁଇଟି ମୁକାବିଲାରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଚିତ୍ କରି ବିଜୟୀ ହୋଇଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଫାଇନାଲରେ ପହଞ୍ଚାଇଥିଲା। କିନ୍ତୁ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଇରିନାଙ୍କ ଆକ୍ରମଣାତ୍ମକ ପ୍ରଦର୍ଶନ ଆଗରେ ଅମୃତାଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା।

ଅମୃତାଙ୍କ ରୌପ୍ୟ ପଦକ ସହ ଏହି ଚାମ୍ପିଅନସିପରେ ଭାରତର ମୋଟ ପଦକ ସଂଖ୍ୟା ୩ରେ ପହଞ୍ଚିଛି। ମହିଳା ୫୯ କିଲୋଗ୍ରାମ ବର୍ଗରେ କୋମଲ୍ କାଂସ୍ୟ ପଦକ ଜିତିଥିବାବେଳେ ଗ୍ରୀକୋ-ରୋମାନ୍ ୫୫ କିଲୋଗ୍ରାମ ବର୍ଗରେ ବିଶ୍ୱଜିତ୍ ମୋରେ ରୌପ୍ୟ ପଦକ ହାସଲ କରିଥିଲେ। ଅଣ୍ଡର-୨୩ ସ୍ତରର ଗ୍ରୀକୋ-ରୋମାନ୍ ବର୍ଗରେ ଭାରତ ପାଇଁ ପ୍ରଥମ ରୌପ୍ୟ ପଦକ ଜିତି ବିଶ୍ୱଜିତ୍ ଏକ ଐତିହାସିକ ସଫଳତା ହାସଲ କରିଥିଲେ।

ଅମୃତାଙ୍କ ରୌପ୍ୟ ପଦକ ଭାରତୀୟ ଦଳର ପଦକ ତାଲିକାକୁ ଆହୁରି ସମୃଦ୍ଧ କରିଛି।

# ଶିମିଳିପାଳ ବଜରଙ୍ଗୀ ଫୁଟବଲ କପ ଉଦ୍‌ଘାଟିତ



ପାଲଲହଡ଼ା,୧୭।୧୦(ସବ୍ୟୁ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ପେଚାମୁଣ୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଶିମିଳିପାଳ ଗ୍ରାମରେ ବଜରଙ୍ଗୀ ଯୁବକ ସଂଘ ଆନୁକୂଲ୍ୟରେ ଶନିବାର ବଜରଙ୍ଗୀ ଫୁଟବଲ କପ ଉଦ୍‌ଘାଟିତ ହୋଇଯାଇଛି । ଏହି ଫୁଟବଲ ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ବେଳେ ଏହା ତିନି ଦିନ ଧରି ଚାଲିବ ।

ଉଦ୍‌ଘଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ରମେଶ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରତ୍ନାକର ରାଉତ, ବରିଷ୍ଠ ଶିକ୍ଷାବି ବିଦ୍ୟାଧର ପ୍ରଧାନ ଓ ସନାତନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଖେଳକୁ ମୁଖ୍ୟ ରେଫରୀ ତଥା ଖେଳ ଶିକ୍ଷକ ଲକ୍ଷ୍ମଣ ଖିଲାର ପରିଚାଳନା କରିଥିବା ବେଳେ ଜିତୁ ଗଡ଼ନାୟକ ଓ ଟୁନା ଗଡ଼ନାୟକ ସହଯୋଗ କରିଥିଲେ । ବଜରଙ୍ଗୀ ଯୁବକ ସଂଘର ଦୁଷ୍ମନ୍ତ ରାଉତ, ଚିନ୍ମୟ ରାଉତ, ଜିତେନ୍ଦ୍ର ଗଡ଼ନାୟକ, ପ୍ରବୀଣ ପ୍ରଧାନ, ଟୁନା ନାଏକ ଓ ସିକି ରାଉତ ପ୍ରମୁଖ ସହଯୋଗ କରିଥିଲେ ।

# ବର୍ଷା ଧୋଇଦେଲା ନିର୍ଣ୍ଣାୟକ ମ୍ୟାଚ୍; ୨-୨ରେ ଶେଷ ଭାରତ-ୱେଷ୍ଟଇଣ୍ଡିଜ୍ ଟି-୨୦ ସିରିଜ୍



ବେଙ୍ଗାଲୁରୁ,୧୭।୧୦(ଏଜେନ୍ସି): ଲଗାତାର ବର୍ଷା ଯୋଗୁଁ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଶନିବାର ଖେଳାଯାଇଥିବା ପଞ୍ଚମ ତଥା ଶେଷ ଟି-୨୦ ମ୍ୟାଚ୍ ବାତିଲ ହୋଇଛି। ଫଳରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ୨-୨ରେ ଶେଷ ହୋଇଛି ଏବଂ ଉଭୟ ଦଳ ଟ୍ରଫି ଭାଗ କରିଛନ୍ତି। ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବର୍ଷା ଯୋଗୁଁ ବିଳମ୍ବରେ ଆରମ୍ଭ ହୋଇଥିବା ମ୍ୟାଚକୁ ୯ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତ ୭.୪ ଓଭରରେ ୫ ୱିକେଟ୍ ହରାଇ ୧୧୮ ରନ୍ କରିଥିବାବେଳେ ପୁଣି ବର୍ଷା ଆରମ୍ଭ ହୋଇଥିଲା। ଖେଳ ପୁନର୍ବାର ଆରମ୍ଭ କରିବା ସମ୍ଭବ ନହେବାରୁ ମ୍ୟାଚକୁ ବାତିଲ ଘୋଷଣା କରାଯାଇଥିଲା। ଭାରତ ପକ୍ଷରୁ ଇଶାନ କିଶନ ମାତ୍ର ୧୦ଟି ବଲରୁ ୩୦ ରନ୍ କରିଥିଲେ। ତାଙ୍କ ଇନିଂସରେ ୩ଟି ଚୌକା ଓ ୨ଟି ଛକା ସାମିଲ ଥିଲା। ସେହିପରି ନମନ ଧୀର ମାତ୍ର ୬ଟି ବଲରୁ ୨୪ ରନ୍ କରି ଅପରାଜିତ ରହିଥିଲେ। ଏଥିରେ ଗୋଟିଏ ଚୌକା ଓ ୩ଟି ଛକା ଥିଲା। ଅଭିଷେକ ଶର୍ମା ୬ ରନ୍ କରି ଆଉଟ୍ ହୋଇଥିବାବେଳେ ସଞ୍ଜୁ ସାମସନ୍ ୧୬ ରନ୍ କରିଥିଲେ। ଅଧିନାୟକ ଶ୍ରେୟସ ଆୟରଙ୍କ ବ୍ୟାଟରୁ ୧୪ଟି ବଲରେ ୨୨ ରନ୍ ଆସିଥିଲା। ତିଳକ ବର୍ମା ୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଶମର ସ୍ପ୍ରିଙ୍ଗର ଓ କିମୋ ପଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଭାରତ ଦ୍ରୁତ ବ୍ୟାଟିଂ କରି ମାତ୍ର ୨.୫ ଓଭରରେ ୫୦ ରନ୍ ପୂରଣ କରିଥିଲା। ପୁରୁଷ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ଏହା ଭାରତର ଦ୍ରୁତତମ ଦଳଗତ ଅର୍ଦ୍ଧଶତକ ଥିଲା। କିନ୍ତୁ ବର୍ଷା ଯୋଗୁଁ ଦର୍ଶକ ଏକ ରୋମାଞ୍ଚକର ନିର୍ଣ୍ଣାୟକ ମୁକାବିଲା ଦେଖିବାରୁ ବଞ୍ଚିତ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଚତୁର୍ଥ ଟି-୨୦ରେ ୱେଷ୍ଟଇଣ୍ଡିଜ୍ ୨୪ ରନରେ ଭାରତକୁ ପରାସ୍ତ କରି ସିରିଜ୍‌କୁ ୨-୨ରେ ସମାନ କରିଥିଲା। ପଞ୍ଚମ ମ୍ୟାଚରେ ବିଜୟୀ ହୋଇ ସିରିଜ୍ ଜିତିବା ପାଇଁ ଉଭୟ ଦଳ ପାଖରେ ସୁଯୋଗ ଥିଲା। ହେଲେ ବର୍ଷା ଯୋଗୁଁ ଶେଷ ମ୍ୟାଚର ଫଳାଫଳ ମିଳିପାରିଲା ନାହିଁ।

# ମା ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡି ସେମିରେ ପିପିଲି ଦଳ



ବୋଲଗଡ଼,୧୭।୧୦(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ୍ ବାଙ୍କୋଇ କଚେରୀବର କବାଡି ଖେଳ ପଡିଆରେ ମା' ରାମଚଣ୍ଡୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ୫୧ତମ ରାଜ୍ୟସ୍ତରୀୟ କବାଡି ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟରଫାଇନାଲରେ ପିପିଲି ଦଳ ବିଜୟୀ ହୋଇଛି । କଡ଼ା ସଂଘର୍ଷ ମ୍ୟାଚରେ ପିପିଲି ଦଳ ୧୦ ପଏଣ୍ଟ ଦଳ ବ୍ୟବଧାନରେ ଡମସାଇ କବାଡି ଦଳକୁ ପରାସ୍ତ କରିଥିଲା । ମ୍ୟାଚର ପ୍ରଥମାର୍ଦ୍ଧ ସୁଧା ପିପିଲି ଦଳ ୧୭-୧୦ ପଏଣ୍ଟ ବ୍ୟବଧାନରେ ଆଗୁଆ ରହିଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ପିପିଲି ୩୦-୨୦ ପଏଣ୍ଟ ବ୍ୟବଧାନରେ ଅଗ୍ରଣୀ ହାସଲ କରି ବିଜୟୀ ହୋଇଛି । ରେଫରୀ ଭାଗିରଥୀ ଜେନା, ଗୋପାଳ ଚନ୍ଦ୍ର ମହାନ୍ତି, ନୀଳକଣ୍ଠ ବେହେରା, ଅଜୟ ବଳିଆରସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଯୁବ ନେତା ସୁଶାନ୍ତ କୁମାର ନାଥ ଏବଂ ସମ୍ମାନୀତ ଅତିଥି ଭାବେ ସୁବେନ୍ଦୁ ମତଗଜ ସିଂ, ଯୁବ ସମାଜସେବୀ ଗୁଣନିଧି ପାଇକେରା, ଶିକ୍ଷକ ନେତା ସୁଶାନ୍ତ ଛୋଟରାୟ, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟରଫାଇନାଲ ଡେଲାଙ୍ଗ ଏବଂ ବାରଙ୍ଗ ମଧ୍ୟରେ ମ୍ୟାଚ ଖେଳାଯିବ ବୋଲି ସଭାପତି ସୁରେଶ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି ।

# ନିଜ ଖର୍ଚ୍ଚରେ ନେଟ ବୋଲରଙ୍କୁ ନ୍ୟୁଜିଲାଣ୍ଡ ନେବେ ଗିଲ୍

ନୂଆଦିଲ୍ଲୀ,୧୭।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡରେ ଟେଷ୍ଟ କ୍ରିକେଟ ପାଇଁ ଭାରତୀୟ ଦଳର ଅଧିନାୟକ ଶୁଭମନ ଗିଲ ବଡ଼ ନିଷ୍ପତ୍ତି ନେଇଛନ୍ତି । ସେ ପ୍ରସ୍ତୁତ ହେବା ପାଇଁ ୪ରୁ ୫ ଜଣ ନେଟ ବୋଲରଙ୍କୁ ନିଜ ଖର୍ଚ୍ଚରେ ନ୍ୟୁଜିଲାଣ୍ଡ ନେବେ । ନେଟ ବୋଲରଙ୍କ ଯିବା ଆସିବା ଠୁ ଆରମ୍ଭ କରି ରହଣୀ, ଖାଇବା ଭଳି ସବୁ ଖର୍ଚ୍ଚ ଗିଲ ବହନ କରିବେ । ଗିଲଙ୍କ ବ୍ୟକ୍ତିଗତ ବୋଲରଙ୍କ ପାଇଁ ବିସିସିଆଇ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିବ ନାହିଁ । ବିଦେଶଗସ୍ତ ସମୟରେ ଭାରତୀୟ ଖେଳାଳିଙ୍କ ପ୍ରସ୍ତୁତି ପାଇଁ ବିସିସିଆଇ ନିଜ ତରଫରୁ ନେଟ ବୋଲରଙ୍କ ନିଯୁକ୍ତ କରିଥାଏ । ନ୍ୟୁଜିଲାଣ୍ଡଗସ୍ତ ସମୟରେ ମଧ୍ୟ ବିସିସିଆଇ ଏକାଧିକ ଯୁବ ଖେଳାଳିଙ୍କୁ ନିଯୁକ୍ତି କରିବ । କିନ୍ତୁ ପ୍ରଥମଥର ପାଇଁ କୌଣସି ଭାରତୀୟ ଖେଳାଳି ନିଜ ପକେଟରୁ ଖର୍ଚ୍ଚ କରି ବ୍ୟକ୍ତିଗତ ଭାବେ ନେଟ ବୋଲରଙ୍କୁ ଗସ୍ତରେ ନେବେ । ଗିଲ ଏହି ନେଟ ବୋଲରଙ୍କ ସହ ନିର୍ଦ୍ଦିଷ୍ଟ ଭାବେ ନ୍ୟୁଜିଲାଣ୍ଡ ମାଟିରେ ପ୍ରସ୍ତୁତି କରିବାକୁ ଚାହୁଁଛନ୍ତି । ତେଣୁ ସେ ବ୍ୟକ୍ତିଗତ ନେଟ ବୋଲରଙ୍କୁ ନିଜ ସହ ନ୍ୟୁଜିଲାଣ୍ଡ ଟୁରରେ ନେବାକୁ ନିଷ୍ପତ୍ତି ନେଉଛନ୍ତି । ବିସିସିଆଇର ଜଣେ ଅଧିକାରୀ କହିଛନ୍ତି ଏହା ନିଶ୍ଚିତ କୌତୁହଳପୂର୍ଣ୍ଣ ବିଷୟ। ଏହା ନ୍ୟୁଜିଲାଣ୍ଡ ସମୟରେ ଭାରତ ଏ' ପାଇଁ ଖେଳିପାରିବେ ନାହିଁ । କାରଣ ପ୍ରଥମ ୩ଟି ଦିନିକିଆରେ ତାଙ୍କୁ ନେତୃତ୍ୱ ନେବାକୁ ପଡିବ । ୨୩ କିମ୍ବା ୨୪ ବେଳକୁ ଗିଲ ନ୍ୟୁଜିଲାଣ୍ଡଗସ୍ତ କରିବେ । ତାଙ୍କ ସହ ୪/୫ ଜଣ ନ୍ୟୁଜିଲାଣ୍ଡ ମଧ୍ୟ ଯିବେ । ଚଳିତବର୍ଷ ଇଂଲଣ୍ଡ ବିପକ୍ଷ ୫ଟି ଟେଷ୍ଟରେ ୭୫୪ ରନ୍ କରିଥିଲେ । ଏବେ ତାଙ୍କୁ ନ୍ୟୁଜିଲାଣ୍ଡରେ ମଧ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡିବ । କାରଣ ନ୍ୟୁଜିଲାଣ୍ଡ ପିଚରେ ବ୍ୟାଟରଙ୍କ ଦକ୍ଷତା ଓ ସ୍ୱଭାବର ପରୀକ୍ଷା ହେବ । ଏହା ପୂର୍ବରୁ ୧୮ ରୁ ମୁଲାନପୁରରେ ଆରମ୍ଭ ହେଉଥିବା ପଞ୍ଜାବର ରଣଜୀ ମୁକାବିଲାରେ ସେ ଖେଳିବେ । ପଞ୍ଜାବ ଏହି ମ୍ୟାଚରେ ଛତିଶଗଡ଼କୁ ଭେଟିବ ।







ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୋଡ଼ପତ୍ରି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି